ଧର୍ମଗ୍ରନ୍ଥମାଳା

ଷଂଶ ରେଣୁ

# ନିର୍ବେଦ ସାଧନା




ଭୀମଭୋଇ

OR
294.56
B469 N

ଧର୍ମଗ୍ରନ୍ଥ ମାଳା — ବଂଶରେଣୁ

ମହାତ୍ମା ୰ଭୀମ ଭୋଇଙ୍କ ରଚିତ

ସତ୍ୟ ମହିମା ଧର୍ମ

# ନିର୍ବେଦ ସାଧନ

ପ୍ରକାଶକ

ଧର୍ମଗ୍ରନ୍ଥ ଷ୍ଟୋର

ଭକ୍ତ ଶ୍ରୀ ବିଦ୍ୟାଧର ସାହୁ

ମହିମାବ୍ଦ ୧୫୯

ସନ ୧୯୮୬

ନୂତନ ମୁଦ୍ରଣ

ପ୍ରାପ୍ତିସ୍ଥାନ

ଧର୍ମଗ୍ରନ୍ଥ ଷ୍ଟୋର

ଶ୍ରୀ ବିଦ୍ୟାଧର ସାହୁ

ଅଲିଶା ବଜାର, କଟକ-୨

ଫୋନ୍ ନଂ-୨୪୭୯୭

ମୂଲ୍ୟ—[illegible]

OR
294.56
B 469 N

INDIAN INSTITUTE OF ADVANCED STUDY
Acc. No. 81147
Date 26/5/93
SIMLA

# ନିର୍ବେଦ ସାଧନ

## ପ୍ରଥମ ଅଧ୍ୟାୟ

ଜୟ ତୁ ଅନନ୍ତ ଅରୂପ । ନାମ ତୋ ଅଲେଖ ଅଜପ ॥
ଜୟ ଅଜନ୍ମାରେ ସମ୍ପୂର୍ଣ୍ଣ । ନାମ ତା ଅବର୍ଣ୍ଣ ଅଚିହ୍ନ ॥
ଜୟ ତୁ ନିର୍ବେଦ ସମ୍ଭୂତ । ଅକର୍ମ ଅବିକାର ମତ ॥
ଅନାଦି ତନ୍ତୁଁ ଦିବ୍ୟ ଜ୍ୟୋତି । ମହାଶୂନ୍ୟରେ ତୋର ସ୍ଥିତି ॥
ଜୟ ତୁ ଏକାକ୍ଷର ଭେଦ । ଅବ୍ୟକ୍ତ ଅଣାକାର ସିଦ୍ଧ ॥
ଅଶେଷ ଗତିରେ କାରଣି । କରୁଣା କୃପାସିନ୍ଧୁ ପାଣି ॥
ଜୟ ପରମ ଆଦିକନ୍ଦ । ଦିଅ ତୋ ସୁଧା ମକରନ୍ଦ ॥
ସକଳ ଜୀବ ପରେ ଦାତା । ଅଖିଳ ବ୍ରହ୍ମାଣ୍ଡ କରତା ॥
ଜୟ ତୁ ମହିମା ସାଗର । ଘୋଟି ରହିଛୁ ତିନିପୁର ॥
ସଞ୍ଚରୁ ଅବନା ଅକ୍ଷରୁ । ଏକୋଇଶପୁର ଆଦି କରୁ ।୧୦॥
ବନ୍ଦୁ ତୁମ୍ଭର ନିଜ ନାମ । ସଦା ଆନନ୍ଦ ପୂର୍ଣ୍ଣକାମ ॥
ବନ୍ଦଇ ଓଁକାର ଶବଦ । ବ୍ରହ୍ମ ଶୂନ୍ୟ ତୁ ମୁକ୍ତିଭେଦ ॥
ବନ୍ଦୁ ମହାନ୍ତ ଚାରିବେଦ । ଜଳ ପବନ ବିନ୍ଦୁ ନାଦ ॥
ବନ୍ଦଇ ଆପ ବାୟୁ ତେଜ । ନକ୍ଷତ୍ର ଆଦି ଗ୍ରହରାଜ ॥
ବନ୍ଦୁ ତୁମ୍ଭର ଚାରିଦିଗ । ଆବର ଧାମ ଚାରିଯୁଗ ॥
ବନ୍ଦୁ ତୁମ୍ଭର ମନମୂର୍ତ୍ତି । ଆସ୍ଥାନ ବିଶ୍ରାମର ସ୍ଥିତି ॥
ବନ୍ଦଇ ଜ୍ୟୋତି ନିରାକାର । ଏକାନ୍ତ ରୂପ ଯୁଗାନ୍ତର ॥
ବନ୍ଦଇ ମୁରାଟ ମଣ୍ଡଳ । ବିରାଟ ମହାରାଟ କୁଳ ॥
ବନ୍ଦଇ ଧ୍ରୁବ ଜ୍ୟୋତି ଆଦି । ବ୍ରହ୍ମ ଭୁବନ ସନକାଦି ॥
ବନ୍ଦଇ ସୁରବୃନ୍ଦ କୁଳ । କୁବେର ଦଶଦିଗପାଳ ॥
ବନ୍ଦଇ ସପତ ସାଗର । ଅଗାଧ ଘୋର ଭୟଙ୍କର ॥
ବନ୍ଦୁ ଦେବାନ୍ତ ଚନ୍ଦ୍ର ସୂର୍ଯ୍ୟ । ଯେତେକ ଏ ସୀମାନ୍ତରୁ ତେଜ ॥
ବନ୍ଦୁ ସପତ ଜମ୍ବୁଦ୍ୱୀପ । ବନ୍ଦୁ ଦ୍ୱାଦଶ ବର୍ଣ୍ଣରୂପ ॥

ବନ୍ଦଇ ଉଦେ ଅସ୍ତ ଗିରି । ଦକ୍ଷିଣୋତ୍ତର ଆଦି କରି ॥
ବନ୍ଦଇ ଗୁରୁଧାମ ମଠ । ଆବର ବନ୍ଦୁ ଗୁରୁବଟ ॥
ବନ୍ଦୁ ଧାରଣା ଜପତପ । ଆବର ବନ୍ଦୁ ବିଷ୍ଣୁ ରୂପ ॥
ନମସ୍ତେ ପ୍ରଭୁ ଅଣାକାର । ମାଗୁଛି କବକୃତ ବର ॥
ତୁମ୍ଭେ ପ୍ରସନ୍ନ ହେଲେ ମୋରେ । ବ୍ୟକତ କରିବ ସଂସାରେ ॥
କହିବ ନବେଦ ସାଧନ । ବଖାଣି କରି ଅନୁମାନ ॥
ଜ୍ଞାନକୁ ସାଧିବା ଆଗୁର । ଯେ ଗୁରୁ ଶିଷ୍ୟଙ୍କ ବିଚାର ॥
ପାଞ୍ଚ ମନରେ କରି ତତ୍ତ୍ୱ । ଆରମ୍ଭେ ଖିମ ଅରକ୍ଷିତ ।୩୦॥
ଅଭୟ ପଞ୍ଜରକୁ ଧ୍ୟାନ । ନିର୍ମଳ କରି ବୁଦ୍ଧି ମନ ॥
ସେ ଯେ ଅନାଦି ଅବଧୂତ । ମହିମା କେ କରିବ ଅନ୍ତ ॥
ସେ ମହାଶୂନ୍ୟାଦି ନବେଦ । ଭଜିଲେ ଏକାକ୍ଷର ପଦ ॥
ଛପନାକୋଟି ଜୀବ ଯେତେ । ସୁଦୟା କର ହୋ ସମସ୍ତେ ॥
ସବୁରି ଚରଣେ ଶରଣ । ମଣି ଏକାନ୍ତ ନାରାୟଣ ॥
ପ୍ରଣାମ କରି ଶତେବାର । ପାଦୁକା ପାଇ ଶ୍ରୀପୟର ॥
ସ୍ତୁତି ଉଚ୍ଚାରି ମନେ ମନ । ପ୍ରବେଶ ହୋଇଲି ସଦନେ ॥
ହୃଦେ ସୁମରି ନିଦଗଲି । ଶ୍ରୀଗୁରୁ ଅବଧୂତ ବୋଲି ॥
ହୋଇଛି ଦଶଘଡ଼ି ରାତି । ବିଜୟେ ଅଣାକାର ଜ୍ୟୋତି ॥
ପ୍ରବେଶ ଶୟନ ମନ୍ଦିରେ । ତିମିର ଫିଟିଲା ତେଜରେ ॥
ଛିଡ଼ା ହୋଇଲେ ଦିବ୍ୟଜ୍ୟୋତି । ଜାଜ୍ୱଲ୍ୟମୟ ରୂପକାନ୍ତି ॥
ଶ୍ରବଣେ ଶୁଭିଲା ଡାକିଲେ । ଅନାଦି ପ୍ରଭୁ ଆଜ୍ଞା ଦେଲେ ॥
ବୋଇଲେ ଉଠନ୍ତିରେ ବାପ । ଦେଖ ଅନାଦି ବ୍ରହ୍ମରୂପ ॥
ଚେତି ଉଠିଲି ତତକ୍ଷଣ । ପାରୁଶେ ବିଜେ ଶୂନ୍ୟବ୍ରହ୍ମ ॥
ଚକ୍ଷୁ ମେଲିଣ ଦେଖିଲି ଚାହିଁ । ସମାନ ଗୁରୁ ଶିଷ୍ୟ ଦୁଇ ॥
କଲି ମୁଁ ଦଣ୍ଡ ଯେ ପ୍ରଣାମ । ଲଭିଲି ପୂର୍ଣ୍ଣ ମୁକ୍ତିକାମ ॥
କଲ୍ୟାଣ ବାଞ୍ଛିଲେ ତୁରିତ । ମଥାରେ ମାରିଦେଲେ ହସ୍ତ ॥
ଶିରରେ ବେନିକର ଯୋଡ଼ି । ଉଠିଣ ପୁଣି ପାଏ ପଡ଼ି ॥

ହେ ପ୍ରଭୁ ବ୍ରହ୍ମାଣ୍ଡ କରତା । ଭକ୍ତ ଜୀବନ ଜଗକର୍ତ୍ତା ।୫୦। ॥
ବିଜୟ ଶ୍ରୀକର ପାରୁଶ । ଏ ପୁଣି କେବଣ ପୁରୁଷ ॥

## ଅନାଦି ଉବାଚ

ବୋଲନ୍ତି ଅନାଦି ପୁରୁଷ । ଏ ପରା ଜଗନ୍ନାଥ ଦାସ ॥
ବଡ଼ ଦେଉଳେ ବାସସ୍ଥିତି । ଏ ଯେ ମାନବ ବସ୍ତୁ ମୂର୍ତ୍ତି ॥
ମୁଁ ଯହୁଁ ହେଲି ଅବତାର । ତେଜିଲି ଶ୍ରୀ ନୀଳକନ୍ଦର ॥
ଷାଠିପଉଠି ହେଗ ଗୁଡ଼ । ଏକାନ୍ତ ପାଦେ ଚଉ ଜଡ଼ ॥
ମୋହର ନାମ ଅନୁସରି । ରାତ୍ର ଦିବସ ଏକ କରି ॥
ଏକାନ୍ତେ କରେ ସେ ଭଜନ । ମୋ ପାଦେ କରି ନିବେଦନ ॥
ତେଣୁ ହୋଇଲା ଅଜ୍ରାମର । ଅକ୍ଷୟ ହୋଇଲା ଶରୀର ॥
କର ଅଞ୍ଜଳି ଶିରେ ଦେଇ । ସ୍ଥମ୍ଭୁରେ ପୁଣି ପଚାରଇ ॥
ଯାଷା ସମ୍ଭବେ ମହାଗାଢ଼ । ନିର୍ବେଦ କରୁଛନ୍ତି ଦୃଢ଼ ।୬୦ ॥
ସ୍ୱରୂପ କେମନ୍ତେ ଜାଣିବା । ହେ ପ୍ରଭୁ ଆଜ୍ଞା ମୋତେ ଦେବା ॥
ବୋଲନ୍ତି ଶୁଣରେ ନନ୍ଦନ । ବଖାଣ ନିର୍ବେଦ ସାଧନ ॥
ଶ୍ରୀଗୁରୁ ଶିଷ୍ୟଙ୍କ ଚରିତ । ଶାହାସ୍ତ୍ରେ କରାଅ ଚଦନ୍ତ ॥
ତେବେ ପାଇବୁ ତାଙ୍କ ଭେଦ । ଯାକ୍ଷାହିଁ ଧ୍ୟାନ ଯୋଗ ପଦ ॥
କହି ସେ ଅନ୍ତର୍ଦ୍ଧାନ ହେଲେ । ଶଯ୍ୟନ ବ୍ରହ୍ମ ନିଶିକାଳେ ॥
ଅରୂପାନନ୍ଦ ଅବଧୂତ । ଜଗତେ ହୋଇଲେ ଉଦିତ ॥
ଧୂନି ସ୍ଥାପିଲେ ଜମ୍ବୁଦ୍ୱୀପେ । ଆଗର ଅତଥି ସ୍ୱରୂପେ ॥
ସେ ଧୂନି ମନ୍ଦିରେ ଶରଣ । ଭଣେ ଅର୍ଜିତ ଭୀମସେନ ॥
ସୁଜନେ ନ ଧରିବ ଦୋଷ । ବୃଦ୍ଧି ମୋ ବାଳୁତ ବୟସ ॥

ଇତି ଶ୍ରୀ ନିର୍ବେଦ ସାଧନେ ଗୁରୁଶିଷ୍ୟ ବିଚାରଣେ ଜମ୍ବୁଦ୍ୱୀପେ
ବ୍ରହ୍ମଧୂନି ସ୍ଥାପନେ ପତିତ ଦୁଃଖ ନିବାରଣେ
ନାମ ପ୍ରଥମୋଽଧ୍ୟାୟଃ ।

# ଦ୍ୱିତୀୟ ଅଧ୍ୟାୟ

ଜୟ ତୁ ଅନାହତ ଧୂନି । ଯହିଁକି ଧ୍ୟାଇଛନ୍ତି ମୁନି ॥
ଜାଗିଲେ ସଂସାର ସାଗରେ । ସୁଜନେ ସତ୍ୟବାଦ ଆଶ୍ରମର ॥
ପଶ୍ଚିମଦିଗ ପୂର୍ବେ ଯାଇ । ଖୁଣ୍ଟୁଣିବାଲ ଆରଦ୍ଧାଇ ॥
ପୂର୍ବ ପଶ୍ଚିମ ପରିଯନ୍ତେ । ବାଦ ହୋଇବ ଅପ୍ରମିତେ ॥
ସିନ୍ଧୁ ପର୍ଯ୍ୟେ ପୁରି ଥାଟ । ପେଲ ଯିବାକୁ ନାହିଁ ବାଟ ॥
ସମ୍ବଲପୁର ପରିଯନ୍ତେ । ପ୍ରଚାର କରିବେ ଭକତେ ॥
ଯାଜକପୁର ସୀମାନ୍ତରୁ । ଘୋଟି ସମ୍ବଲପୁରଠାରୁ ॥
ମହ୍ରାଦଦେଶ ଭୃତଖଣ୍ଡ । ଭକ୍ତଙ୍କର ବସୁଥିବ ପିଣ୍ଡ ॥
ଏକୌଶ ତାଳ ଭକ୍ତନଦୀ । ବନ୍ଧିବ ଜମ୍ବୁଦ୍ୱୀପ ଭେଦି ॥
ସୁର ଅସୁର ଏକମେଳ । ରଙ୍ଗେ କରିବେ ଭକ୍ତକେଳି ॥
ଏ ଦୁଇ ସୀମାନ୍ତରୁ ମଧ୍ୟ । ପଡ଼ିବେ ଯନ୍ତ୍ରାଯନ୍ତ୍ର ହୋଇ ॥
ଦୁର୍ଗାଦେବୀ ମଧ୍ୟେ ଜାଣ । ଶ୍ରଦ୍ଧାରେ କରିବେ ଆପ୍ୟାନ ॥
ପ୍ରଭୁ ରହିବେ ଶୂନ୍ୟେ ଯାଇ । ଦେଖିବେ ଉହାଡ଼ରେ ଥାଇ ॥
ଭକତ ଜନ ବୃନ୍ଦ ହେନ । ଦେଖିବେ ଭକ୍ତର କାହାଣୀ ॥
ପ୍ରଭୁ ଭକତେ ନ ମାରିବେ । ସାକ୍ଷୀ ପର୍ଯ୍ୟେ ଦେଖୁଥିବେ ॥
ଜନ୍ମିବ ଏକୌଶ ବ୍ରହ୍ମାଣ୍ଡ । ଉଶ୍ରିବ ପୃଥ୍ୱୀ ନବଖଣ୍ଡ ॥
ତେଣୁ ସରିବ ଦଳହେଗ । ଧ୍ୱନି ହୋଇଛି ଉଦବେଗ ॥
ବିଜେ ହୋଇଲେ ଯୋଗାନ୍ତର । ନିର୍ବେଦ ସାଧନକୁ ଧରି ॥
ବିହରି ଅବଧୂତ ରୂପେ । ମନକୁ ଥୋଇ ନିଜ କଳ୍ପେ ॥
ତେଣୁ ଭୋଜନ କଲେ ଅନ୍ନ । ଭିକ୍ଷା ଦିଅନ୍ତି ଭକ୍ତଜନ ॥
ଭୁଞ୍ଜନ୍ତି ମାଟି ଖପରରେ । ବିକାର ନ ଥାଇ ମନରେ ॥
ଭ୍ରମନ୍ତି ମନର ସାନନ୍ଦେ । ଆତ୍ମା ଜ୍ଞାନକୁ ଧରି ହୃଦେ ॥
ସଂସାରେ ସାକ୍ଷୀ ପ୍ରାୟେ ହୋଇ । ସର୍ବନ୍ଦ ସମାନ ଦେଖଇ ॥
ସକଳ ଜୀବେ ଦୟାଧର୍ମ । କରି ନିର୍ବେଦ ନିଜକର୍ମ ॥
ବିଜୟ ସଚରାଚରରେ । ଚିତ୍ତ ରଖାଅ ଆନନ୍ଦରେ ॥

ବଳାସିଂହ ରେ ହୋଇ ମଠ । ପାଇଲ ଭକ୍ତଜନେ ଭେଟ ॥
ପ୍ରଥମେ ଶ୍ରୀଗୁରୁ ପାରୁଶ । ମିଳିଲେ ସେ ଗୋବିନ୍ଦ ଦାସ ॥
ଧନ୍ୟ ତାଙ୍କର ପୂର୍ବ ଭାଗ୍ୟ । ଥିଲା ବାସନା ଭକ୍ତିଯୋଗ ॥
କାହିଁ ତପସ୍ୟା କଲ ବସି । ବାସନା ବିକାଶିଲେ ଆସି ॥
ସମ୍ମୁଖରେ କଲେ ଦଣ୍ଡବତ । ହୃଦୟ ଛନ୍ନ ଛନ୍ନ ଚିତ୍ତ ॥
ମନରେ ହୋଇ ଗଦଗଦ । ପଡ଼ିଲେ ଶ୍ରୀଗୁରୁଙ୍କ ପାଦ ॥
ଉଠିଲେ ବେନି ପାଦଧରି । ନୟନୁ ବହୁଅଛି ବାରି ॥
ପଡ଼ିଅଛନ୍ତି ପାଦତଳେ । ଏ ମାୟା ଉଦ୍ଧାର ନିମନ୍ତେ ॥
ଅଜ୍ଞାନ ପାପିଷ୍ଠ ପାମର । ଜନ୍ମ ମରଣୁ ପାରିକର ॥
ଶରଣ ତୁମ୍ଭ ପାଦତଳେ । ହେ ପ୍ରଭୁ ଦୟାକର ମୋତେ ॥
ତିମିର ମହାଜାଲ ଫାଶ । ଜ୍ଞାନ ଖଡ଼ଗେ କରି ଧ୍ୱଂସ ॥
ପୂର୍ବର ସୁକୃତ ଥିବାରୁ । ଭେଟିଲି ଅବଧୂତ ଗୁରୁ ॥
ଏମନ୍ତ ବୋଲି ଭାବ ହେଲେ । ଗଡ଼ି ଅଭୟ ପାଦତଳେ ॥
ସେ ପ୍ରଭୁ ମହିମା ସାଗର । ହୃଦୟ ଅଗାଧ ଗମ୍ଭୀର ॥
ସେ ବ୍ରହ୍ମ ଜ୍ଞାନରେ ଶକତା । ଭକତ ଜନ ଉଦ୍ଧାରନ୍ତା ॥
ଈଶ୍ୱର ହୃଦୟ ମଧ୍ୟରେ । ସାର ଅସାରହିଁ ମଧ୍ୟରେ ॥
ଏହାଙ୍କୁ କରିବା ଭକତ । ଦେବା ନିର୍ବେଦ ପଦତତ୍ତ୍ୱ ॥
ଏତେ ଈଶ୍ୱର ବ୍ରହ୍ମବେତ୍ତା । ଜାଣିଲେ ଭକ୍ତ ମନକଥା ॥
ବୋଇଲେ ଉଠ ହେ ଭକତ । ସୁଜ୍ଞାନ ହେଉ ପରାପତ ॥
ତୋ ଯେଉଁ ଦଶଅବତାର । ଗୁରୁ ଦର୍ଶନେ ଗଲ ପାରି ॥
ମାନବ ବିଷ୍ଣୁ ଭଗବାନ । ଏ ଘୋରଯୁଗେ ଅବତୀର୍ଣ୍ଣ ॥
ସେ ପାପମାନ ଏବେ ତୋର । ପୋଡ଼ିଲା ବ୍ରହ୍ମ ଯେ ଅନଳ ॥
ଉଠିଲେ ବେନିପାଦ ଛାଡ଼ି । ଶିରରେ କରପଦ୍ମ ଯୋଡ଼ି ॥
ହେ ପ୍ରଭୁ ନିଷ୍କାମ ନିର୍ମୋହ । ଜ୍ଞାନର ବାଟ ମୋତେ କହ ॥
କି ରୂପେ କରିବି ଭଜନ । ମନ ପବନ ଅଭ୍ୟାସନ ॥
କି କର୍ମକରି ଧ୍ୟାନ ନେବି । କାହିଁ କି କରି ବିହରିବି ॥

ନିଷ୍କାମ ଶତ୍ରେ ମୋତେ କହ । ଶୁଣି ସନ୍ତୋଷ ହେଉ ଦେହ ॥

ଅବଧୂତ ଉବାଚ

ତାହା ଶୁଣିଣ ମହାସନ୍ତ । ଫଶପୁ ନୋହୁ ତୋର ମତ ॥
ବତ୍ତିଶ ନାମ ଷୋଳକ୍ଷର । ଏ ଗୁରୁବେଦ ମଧ୍ୟେ ସାର ॥
ତାହା କହିବା କର୍ଣ୍ଣପାଶେ । ଏ ଆତ୍ମା ଉଦ୍ଧାର ବିଶ୍ୱାସେ ॥
ଯେ ବ୍ରହ୍ମଜ୍ଞାନ ମନ୍ତ୍ର ସାର । ବେଦେ ନିର୍ବେଦେ ସେ ଗୋଚର ॥
ନିଷ୍କାମ ନିର୍ମୋହ ଆଗୁର । ସାର ଅସାରେ ନିର୍ବିକାର ॥

ଗୋବିନ୍ଦ ଉବାଚ

ହେ ପ୍ରଭୁ ଅନନ୍ତ ସାଗର । କହିବା ବ୍ରହ୍ମଜ୍ଞାନ ସାର ॥
ଜ୍ଞାନର ଅବିକାର ମତ । କେମନ୍ତେ ଜାଣିମା ତଦନ୍ତ ॥

ଅବଧୂତ ଉବାନ

କହନ୍ତି ଅନାଦି ଗୃଜନ । ଗୋବିନ୍ଦ ସାବଧାନେ ଶୁଣ ॥
ଜ୍ଞାନ ପ୍ରସଙ୍ଗ ଆଦି ଅନ୍ତ । ସଖା ହୋଇଛୁ ଶାନ୍ତ ମତ ॥
କ୍ଷମାଦି ଶୀଳ ଦୟା ଦକ୍ଷ । ଜ୍ଞାନର ଛନ୍ତି ଚଉପାଖ ॥
ଏ ଛଅ ଜଣ ଆଦିକରି । ଯୋଡି ଅଛନ୍ତି ଭିନପୁରୀ ॥
ଅରୂପ ବ୍ରହ୍ମ ସେ ଯେ ହରି । ଛପନକୋଟି ଜୀବେ ପୂରି ॥
ତାହାର ନାହିଁ ଭଲ ମନ୍ଦ । କର୍ମ ଅକର୍ମରେ ଆନନ୍ଦ ॥
ତା ରୂପ ପବନ ଆକାର । ପୂରିଛି ସକଳ ଶରୀର ॥
ଦଶ ଦିଗରେ ଭ୍ରମ ଯାଇ । ଯେ ଭଲମନ୍ଦ ଏକକଇ ॥
ନାମଟି ବାଞ୍ଛ ଅଣଗୃଶ । ଅରୂପେ ହୋଇଛି ପ୍ରକାଶ ॥
ନାମଟି ଅମୂଲ୍ୟ ରତନ । ନ ଲାଗେ ପାପ ଦୋଷମାନ ॥
ସେହି ନାମକୁ କର ଧ୍ୟାନ । ମିଶାଇ ଏ ମନ ପବନ ॥
ଷଡ଼ ଜଣକୁ ଏକମେଳେ । ସ୍ଥାପିବୁ ହୃଦୟ କମଳେ ॥
ଭଜନେ ନାହିଁ ହବାନିଶି । ସାଧନା ମଧ୍ୟରେ ନ ପଶି ॥
ସୁସିଦ୍ଧ ନାମର ଉପରେ । ଲାଗି ରହିଛି ନିରନ୍ତରେ ॥
ସୁମନେ ବୁଝ ହେ ଭକତ । ଏ ମନ ପବନ ଧାଷିତ ॥

ଗୋବିନ୍ଦ ଉବାଚ

ଶୁଣି ଗୋବିନ୍ଦ ଅତି ତୋଷେ । ହେ ପ୍ରଭୁ କହ କର୍ଣ୍ଣ ପାଶେ ॥
ଯେ ଜ୍ଞାନ ଉପଦେଶ ମନ୍ତ୍ର । କହିଲେ ହୋଇବ ପବିତ୍ର ॥
ଶ୍ରୀଗୁରୁ ଗୋବିନ୍ଦ ଚରିତ । ଭଣଇ ଖିମ ଅରକ୍ଷିତ ॥

ଇତି ଶ୍ରୀ ନିର୍ବେଦ ସାଧନେ ଗୁରୁଶିଷ୍ୟ ବିସ୍ତରଣେ ସାରସାର
ସମାନ କରଣେ ଶ୍ରୀଗୁରୁ ଗୋବିନ୍ଦ ସମ୍ବାଦେ
ନାମ ଦ୍ୱିତୀୟୋଽଧ୍ୟାୟଃ ।

---

# ତୃତୀୟ ଅଧ୍ୟାୟ

ଗୋବିନ୍ଦ ଉବାଚ

ହେ ଗୁରୁ ବ୍ରହ୍ମାଣ୍ଡ କରତା । ଭକତ ଗତି ପଦଦାତା ॥
କର୍ଣ୍ଣରେ ଜ୍ଞାନ ମନ୍ତ୍ର ଦେଇ । ପବିତ୍ର କର ମୋର ଦେହି ॥
ଥିବ ଯେମନ୍ତେ ପୂର୍ବ ଭାଗ୍ୟ । ଚରଣାରବିନ୍ଦେ ହେବି ଯୋଗ୍ୟ ॥
ଶୂନ୍ୟ ବ୍ରହ୍ମକୁ ଅନୁସରି । ତରିବି ମାୟା ସିନ୍ଧୁ ବାରି ॥

ଅବଧୂତ ଉବାଚ

ଶୁଣି ଅନାଦି ଅବଧୂତ । ବୋଲନ୍ତି ଆସ ହୋ ଭକତ ॥
ତକ୍ଷଣେ ସେ ଗୋବିନ୍ଦ ଦାସ । ଅଇଲେ ଶ୍ରୀଗୁରୁଙ୍କ ପାଶ ॥
ଶ୍ରୀହସ୍ତ ଯୋଡ଼ିଣ ବସିଲେ । ଚରଣ ଅଗ୍ର ଲୁଚାଇଲେ ॥
ସେ ଯେ ନିର୍ବେଦ ବ୍ରହ୍ମଜ୍ଞାନୀ । ଶିରେ ସିଞ୍ଚିଲେ ମନ୍ତ୍ରପାଣି ॥
ଦଇବେ ବ୍ରହ୍ମଜ୍ଞାନେ ସିଦ୍ଧ । ଉଚ୍ଚାରି ଏକାକ୍ଷର ପଦ ॥
ଆବର ଗୋମୟ ଅଖଣ୍ଡ । ସିଞ୍ଚି ଛୁଇଁଲେ ଭକ୍ତ ପିଣ୍ଡ ॥
କପାଳେ ଶ୍ରୀହରି ମନ୍ଦିର । ଚନ୍ଦନ ଟୀକା ମନୋହର ॥
ହୃଦୟ ପଦ୍ମେ ଦେଲେ ଲିପି । ଆବର ବେନି ଭୁଜେ ଦେଇ ॥
ଶରୀର ପବିତ୍ର ନିବାଡ଼ି । କର୍ଣ୍ଣ ଧଇଲେ ମନ୍ତ୍ର ପଢ଼ି ॥
ବତିଶ ନାମ ଷୋଳାକ୍ଷର । ଉଚ୍ଚାରି ଆଦ୍ୟ ଯେ ପ୍ରାନ୍ତର ॥
ପଢ଼ି କର୍ଣ୍ଣରେ ଦେଲେ ଫୁଡ଼ି । କର୍ଣ୍ଣ କେଶର ମଧ୍ୟେ ଜଡ଼ି ॥

ଭେଦିଲ ଓଁକାର ଶବଦ । ଫିଟାଇ ତମିର ସମ୍ପଦ ॥
ଯେ ବିଧି ମତେ କଲ ନିର୍ଭ । ମୁକତ ଲଭସିରେ ବାବା ॥
ତକ୍ଷଣେ ସେ ଗୋବିନ୍ଦ ଦାସ । ଉଠି ନମିଲେ ଗୁରୁ ପାଶ ॥
ଶିରରେ କର ପଦ୍ମ ଯୋଡ଼ି । ପଛକୁ ଘୁଞ୍ଚି ପାଏ ପଡ଼ି ॥
ଉଦରେ ଲଗି ବେନି ଜାନୁ । ଆଗ ପଯୂର ପୃଷ୍ଠତନୁ ॥
ମଥା ଲଗିଲେ ଭୂଜ ଦଣ୍ଡେ । ପ୍ରଣାମ ବେନି ଭୂଜ ମୁଣ୍ଡେ ॥
ଭୂମିରେ ଦଣ୍ଡବତ ହୋଇ । ଆଗକୁ ବେନି ହସ୍ତ ଦେଇ ॥
ବୁଲାଇ ଆଣି ମଥାପରେ । ହସ୍ତ ରଖିଲେ ମସ୍ତକରେ ॥
ପୁଣି ଆଣିଲେ ହୃଦୟକୁ । ବାମ ଡାହାଣ ଚରଣକୁ ॥
ବାମ ଚରଣ ଡାହାଣରେ । ଡାହାଣ ଚରଣ ବାମରେ ॥
ଉଠିଲେ ଆଣ୍ଠୁ ଭର ଦେଇ । ତକ୍ଷଣେ ପାଦରେଣୁ ପାଇ ॥
ପାଦୁକା ସୁଧା କରି ଗ୍ରାସ । ନମୋ ବ୍ରହ୍ମଜ୍ଞାନ ପୁରୁଷ ॥
ପଡ଼ଇ ପୁଣ ପୁଣ ପାଦେ । ମନ ଆନନ୍ଦ ଗଦଗଦେ ॥
କରୁଣା ଅଭୟ ପଞ୍ଜରୁ । କଲ୍ୟାଣ ବାଞ୍ଛିଲେ ଶ୍ରୀଗୁରୁ ॥
କାରଣ ପାଅ ଭକ୍ତବୀର । ହୁଅ ଅକ୍ଷୟ ଅଜାମର ॥
ଗୁରୁବଚନ ନ ଲଙ୍ଘିବୁ । ମେଣ୍ଟିଲେ ଅପ୍ରାଧୀ ହୋଇବୁ ॥
ଅଣ ଅକ୍ଷର ବ୍ରହ୍ମ ଦୀକ୍ଷା । ଏଠାରେ କେହ୍ନ ନାହିଁ ଶାଖା ॥
କେବଳ ମାତ୍ର ଏକା ସଙ୍ଗ । ମନ ପବନ ଧ୍ୟାନ ଯୋଗ ॥
ଏହାକୁ କର ସୁସଙ୍ଗତ । ଚହ୍ନିଲେ ଲଭିବୁ ମୁକତ ॥
ଦୁହିଙ୍କି ଏକମେଳ କରି । ହୃଦୟ ପଦ୍ମେ ଥିବୁ ଧରି ॥
ଏହି ପ୍ରସନ୍ନ ହେବ ଯେବେ । ଅକ୍ଷୟ ହେବୁ ଯୁଗେ ଯୁଗେ ॥
ଅନେକ ଯାଇଛନ୍ତି ବହି । ମନ ପବନ ଚହ୍ନିନାହିଁ ॥

### ଗୋବିନ୍ଦ ଉବାଚ

ଶୁଣିଣ ସେ ଗୋବିନ୍ଦ ଦାସ । ମନ୍ତ୍ର ସଂଶୟ କଲ ନାଶ ॥
ହେ ପ୍ରଭୁ ସର୍ବଜ୍ଞ ପୁରୁଷ । ଆଜ୍ଞା ଯେ କଲ ଯାହା ଦୃଶ୍ୟ ॥
ମନପବନ ବେନି ଜନ । ନୁହନ୍ତି କେହ୍ନ ବଡ଼ ସାନ ॥

ଏହା ମୁଁ ଜାଣିବ କେମନ୍ତେ । ହେ ଗୁରୁ ଆଜ୍ଞା ଦେଇ ମୋତେ ॥

ଅବଧୂତ ଉବାଚ

କହନ୍ତି ଗୁରୁ ବ୍ରହ୍ମବେତ୍ତା । ଏ ମନ ପବନର କଥା ॥
ମନଟି ମୂଳ ବୋଲି କହି । ପବନ ଛନ୍ଦ ସମ୍ଭାଳଇ ॥
ନାମ ଯେ ଧାରଣା ହୋଇଲା । ଶବଦ ବ୍ରହ୍ମ ବଧ ହେଲା ॥
ଦକ୍ଷ ସମ୍ପୂର୍ଣ୍ଣ ନବେଦରେ । ଭିକ୍ଷା କରିବୁ ସର୍ବ ଘରେ ॥
ଏକାନ୍ତ ରଖି ଦୃଢ଼ଚିତ୍ତ । ସାମାନ୍ୟ ମଣିବୁ ଜଗତ ॥
ଦୁଷ୍ଟ ପଣ୍ଡିତ ଦୁରଗୃରେ । ଅନ୍ତର ନ କରି ଶତ୍ରୁରେ ॥
ସଂସାରେ ନାହିଁ ପରାପର । ଅନାଦିମଯ୍ୱେ ନିରାକାର ॥
ରହିଛି ସର୍ବଠାରେ ପୂରି । ଅଣବିକାର ମତ ଧରି ॥
ଏ ବୋଲ ବୁଝି ତୁ ବିହର । ଭବ ଭୟକୁ ଦୂର କର ॥
କର ତୁ ଏକାଙ୍ଗ ବାରିଧି । ତେବେ ଲଭିବୁ ସର୍ବସିଦ୍ଧି ॥

ଗୋବିନ୍ଦ ଉବାଚ

ହେ ପ୍ରଭୁ ଅନନ୍ତ ଅଦେହ । କଷା ବସନ ମୋତେ ଦିଅ ॥
ଜଗତେ ଭ୍ରମୁଥିବି ମୁହିଁ । ଶ୍ରୀ ନାମ ବ୍ରହ୍ମ ହୃଦେ ଧ୍ୟାଇ ॥
ଗୁରୁ ବଚନ ଅନୁସରି । ଆଜ୍ଞାକୁ ଅବଜ୍ଞା ନ କରି ॥

ଅବଧୂତ ଉବାଚ

ତାହା ଶୁଣିଣ ଅବଧୂତ । ମହିମା ସାଗର ଅନନ୍ତ ॥
ମନ ସମାଧି ଯୋଗ ସତ୍ୟ । କଷା ବସନ ପରାପତ ॥
କଷା କୌପୀନ ଆଡ଼ ବନ୍ଧ । ଶ୍ରୀଗୁରୁ ଦେଲେ ସେ ଗୋବିନ୍ଦ ॥
କଟିରେ ଭିଡ଼ିଲେ ଆଟୋରି । ବାନାକୁ ନମସ୍କାର କରି ॥
ଚୋଳ ପିନ୍ଧିଲେ କଟିତଟେ । ସିଦ୍ଧବସନ କୁମ୍ଭୀପଟେ ॥
ଚଢ଼ାଇ ଅକ୍ଷୟ ବିଭୂତି । ଯେ ବ୍ରହ୍ମ ବାସନା ଭକତି ॥
ସର୍ବ ସମ୍ଭାଳି ଆଗୁଁ ସାରି । ନମିଲେ ଶ୍ରୀଗୁରୁ ପୟରି ।୭ ॥

ଅନାଦି ଉବାଚ

ଗୁରୁ ବୋଇଲେ ଯାଅ ଶିଷ୍ୟ । ବଉଦ କଳ୍ପ ପଛ ଦେଶ ॥

ବଳସିଂହାର ଗ୍ରାମତଟ । ନିର୍ଭା ହୋଇଛି ତହିଁ ମଠ ॥
ଗ୍ରାମର ଦକ୍ଷିଣ ପାରୁଶେ । ଧର ପଶ୍ଚିମ ସୀମା ଦେଶେ ॥
ତହିଁ ଆମ୍ଭରମାଳଗାଦି । ଭୂ ତଥା ହୋଇଛି ସମାଧି ॥
ତହିଁ ରଖିଛୁ ସର୍ବ ସିଦ୍ଧି । ଯେ ନାମ ବ୍ରହ୍ମ ଅଷ୍ଟ ନିଧି ॥
ବମ୍ଭର ବଳ ଯହିଁ ଅଛି । ଭିତରେ ଦେଉଳେ ରହିଛି ॥
ତହିଁ ଆମ୍ଭର ହିଦ ଭୂମି । ବ୍ରହ୍ମକୁ ଅନୁଭବେ ଗମି ॥
ଆମ୍ଭେ ଯାଉଛୁ ପୂର୍ବଦିଗେ । ତୁ ଯାଅ ପଶ୍ଚିମର ଦିଗେ ॥
ଆସନ ଏକାମ୍ବର ପୁରୀ । ରହିବୁ କପିଳାସ ଗିରି ॥
ଶ୍ରୀଗୁରୁ ଅନ୍ତର୍ଦ୍ଧାନ ହେଲେ । ଗୋବିନ୍ଦ ଦାସ ଚଳିଗଲେ ॥
ସେ ଅବଧୂତ ଦିକ୍ଷା ଧନ୍ୟ । ଭଣେ ପାମର କ୍ଷମ ହୀନ ॥

ଇତି ଶ୍ରୀ ନିର୍ବେଦ ସାଧନେ ଶ୍ରୀଗୁରୁ ଗୋବିନ୍ଦ ବର୍ତ୍ତରଣେ ଉପଦେଶ
ମଧ କକ୍ଷାବନ୍ଧନ ଗ୍ରହଣେ ମନ ପବନ ତତ୍ତ୍ୱ କଥନେ
ନାମ ତୃତୀୟୋଽଧ୍ୟାୟଃ ।

---

## ଚତୁର୍ଥ ଅଧ୍ୟାୟ

ଜୟ ତୁ ବ୍ରହ୍ମାଣ୍ଡ କରତା । ଭକ୍ତଙ୍କ ଧଇର୍ଯ୍ୟ ଧରନ୍ତା ॥
ଏଣୁ ଗୋବିନ୍ଦ ଦାସ ଗଲେ । ଗ୍ରାମରେ ପ୍ରବେଶ ହୋଇଲେ ॥
ଗ୍ରାମେ ପଶିଲେ ତପ ଅର୍ଥେ । ଶ୍ରୀଗୁରୁ ଆଜ୍ଞା ଘେନି ମାଥେ ॥
ଖପର ଖଣ୍ଡେ ହସ୍ତେ ଲଇ । ବୋଲନ୍ତି ଭିକ୍ଷା ଦିଅ ମାଇ ॥
ତାହା ଶୁଣିଣ ଗ୍ରାମ ନାରୀ । ତଣ୍ଡୁଳ ମୁଠେ ମୁଠେ ଧରି ॥
ଗଲେ ସେ ଅତିଥିଙ୍କ ପାଶ । ଦେଖିଣ ସେ ଗୋବିନ୍ଦ ଦାସ ॥
ବୋଲନ୍ତି ମାତା ମୁଖ ଚାହିଁ । ଆମ୍ଭର ଏହି ଧର୍ମ ନାହିଁ ॥
ଭ୍ରମୁଛୁ ଗୁରୁ ଆଜ୍ଞା ଘେନି । ଭିକ୍ଷାହିଁ କରୁ ଅନ୍ନ ପାଣି ॥
ତଣ୍ଡୁଳ ନେଉଟାଇ ନିଅ । ଅନ୍ନ ଗୋ ମାଏ କିଛି ଦିଅ ॥
ତାହା ଶୁଣିଣ ଗ୍ରାମଜନ । ଆଶ୍ଚର୍ଯ୍ୟ ହେଲେ ମନେମନ ॥

ଲୋକେ ବୋଲନ୍ତି ତାହା ଚାହିଁ । ଶୁଣ ହେ ସନ୍ୟାସୀ ଗୋସାଇଁ ॥
ତୁମ୍ଭର କେଉଁ ଧର୍ମ ଦୀକ୍ଷା । ଭୋଜନ ସର୍ବଠାରେ ଭିକ୍ଷା ॥
ଗୁରୁ ତୁମ୍ଭର କେଉଁ ଥାନ । କହ ଲକ୍ଷଣ ଗୁଣ ଗ୍ରାମ ॥
ଏ ଯେ ମହା ଆଶ୍ଚର୍ଯ୍ୟ ଦୀକ୍ଷା । ବେଦ ଶାହାସ୍ତ୍ରେ ନାହିଁ ଦେଖା ॥
କହନ୍ତି ଗୋବିନ୍ଦ ଅତିଥ । ଗୁରୁ ଆମ୍ଭର ଅବଧୂତ ॥
ଅନାଦି ଅବନାବହାସ୍ତ । ଯେ ଭଲମନ୍ଦ ସମକର ॥
ଶୁଣି ଯେଝାରେ ଚଳିଗଲେ । ଅନ୍ନ ଗୁଡ଼ିଏ ଆଣି ଦେଲେ ॥
ଭୁଞ୍ଜିଲେ ଶ୍ରୀଗୁରୁ ସୁମରି । ଅଣ ବିକାର ମତ ଧରି ॥
ଉଠିଣ ସାରି ଆଚମନ । ସନ୍ତୋଷ ହେଲା ପିଣ୍ଡ ପ୍ରାଣ ॥
ଶୂନ୍ୟକୁ ଚାହିଁ ଯୋଡ଼ି ହସ୍ତ । ସୁମରି ଅନାହ ଅନନ୍ତ ॥
ତେଣୁ ଚଳିଲେ ଅନ୍ୟ ଗ୍ରାମେ । ଗୁରୁ ବଚନ ଆଜ୍ଞା ଧର୍ମେ ॥
ଆନନ୍ଦେ ଚଳିଯାନ୍ତି ପଥ । ସେ ଯେ ଗୋବିନ୍ଦ ଜଗନ୍ନାଥ ॥
କରନ୍ତି ସର୍ବଠାରେ ଭିକ୍ଷା । ଲୋକେ କରନ୍ତି ମନେ ଶଙ୍କା ॥
ସାଧୁ ସୁଜନ ମନେ ଚିନ୍ତା । ବୋଲନ୍ତି ଅଗୋଚର କଥା ॥
ହାଡ଼ି ଚଣ୍ଡାଳ ଘରେ ଖାଇ । ଭୂମି ଆସନେ ଗଡ଼ୁଥାଇ ॥
ସ୍ନାହାନ ଶଉଚ ନ କରି । ସନ୍ଧ୍ୟା ତରପଣ ନ କରି ॥
କଟିରେ ବସନ ନ ପିନ୍ଧି । ବୃକ୍ଷ ବକଳ ଅଛୁ ବାନ୍ଧି ॥
ମାଳ ତିଳକ ନ ଛୁଅଇଁ । ତୁଳସୀ ଧଣ୍ଡି ନ ପକାଇ ॥
ଅଙ୍ଗରେ ବିଭୂତି ପଇତା । ଆବର ନ କାଟଇ ଚିତା ॥
କେବଳ ଶିରେ ଜଟାଧର । ଅଖାଦ୍ୟ କରୁଛି ଆହାର ॥
ଏ ଅଟେ କେବଣ ଭବେଷ । ଦେଖି କରନ୍ତି ଉପହାସ ॥
ତା ଶୁଣି ସେ ଗୋବିନ୍ଦ ଦାସ । ମନେ ଲାଗିଲା ବହୁପ୍ରାସ ॥
ହେ ପ୍ରଭୁ ଜଗତ ଠାକୁର । ଅଲେଖ ଅନାହ ଈଶ୍ୱର ॥
ନରମାନବେ କଲେ କୁଟ । ମନରେ ପଡ଼ିଲା ସଙ୍କଟ ॥
ଗୋବିନ୍ଦ ଶୂନ୍ୟମାର୍ଗେ ଚାହିଁ । ବୁଝ ତୁ ଅନାଦି ଗୋସାଇଁ ॥
ଏମନ୍ତ ବୋଲି ଅବହେଳେ । ଦେହ ଜୀବନ ସମର୍ପିଲେ ॥

ସେଠାରୁ ଉଠିଲେ ଗୋବିନ୍ଦ । ସୁମରି ସେ ଅନାଦି କନ୍ଦ ॥
ତହୁଁ ଚଳିଲେ ଅନ୍ୟସ୍ଥାନ । ନିର୍ବେଦ ଭାଷା ମନେ ମନ ॥
ଭୁଞ୍ଜନ୍ତି ସର୍ବଠାରେ ଅନ୍ନ । ବିକୃତ ବିଶେ ରୂପ ବର୍ଣ୍ଣ ॥
ଦିବସ ବୁଲି ନାନା ଦେଶ । ଫେରି ଆସନ୍ତି ନିଜ ଦେଶ ॥
ମଠରେ ଗୀତା ଭାଗବତ । କରଇ ବେଦ ବିଧିମତ ॥
ବିବିଧ ବର୍ଣ୍ଣେ ଭୋଗ ରାଗ । ଧ୍ୟାନ ଆଶ୍ଚର୍ଯ୍ୟ ମନ୍ତ୍ର ଯୋଗ ॥
ସର୍ବ କରାଇ ଅନ୍ୟ ଲୋକେ । ଅନ୍ତରେ ଥାନ୍ତି ସାକ୍ଷୀ ରୂପେ ॥
ବିବିଧ ଦ୍ରବ୍ୟ କରି ମେଦ । ବଣ୍ଟାଇ ଦିଅନ୍ତି ପ୍ରସାଦ ॥
ଯେ ଇହ ପରଲୋକେ ମିଳି । ଗୋଷ୍ଠି କରିଣ ଯାନ୍ତି ଚଳି ॥
ଏମନ୍ତେ ସେ ଗୋବିନ୍ଦ ଦାସ । ଭ୍ରମନ୍ତି ଦିବା ଦଶଦିଶ ॥
ଦିନେକ ଆସନ ଶୟନେ । କୂଟ ରଚିଲେ ଦେବଗଣେ ॥
ସମସ୍ତେ ଅଇଲେ ପାରୁଶ । ଝିଙ୍କି ଧଇଲେ ମଥା କେଶ ॥
ସମସ୍ତେ ଧରି ଗୁଳିଯିବା । ନଦୀ ଜଳରେ ବୁଡ଼ାଇବା ॥
ଏ ଭାଷା ହୋଇଲେ ପ୍ରବେଶ । ଆମ୍ଭେ ହୋ ନ ପାଇବା ବାସ ॥
ଏହାଙ୍କଠାରେ ହେବେ ପୂଜା । ଅନାଦି ପ୍ରଭୁ ହେବେ ରାଜା ॥
ସଂସାରେ ଲଗାଇବେ ଧୂନି । କର୍ମି ବି ସପତ ମେଦିନୀ ॥
ଆମ୍ଭେ ହୋ ରହି ନ ପାରିବା । ଧରି ଏହାକୁ ବନ୍ଧି ନେବା ॥
ସର୍ବେ ହୋଇଣ ଏକ ମେଳ । ଭୂମିରୁ ନ ପାରିଲେ ଟୋଳି ॥
ନିଷ୍କାମନିମୋହିନୀ ରହିଲେ । ଭୂମିରୁ କେତେବେହେଁ ନ ଟଳେ ॥
ଆଦି ପୁରୁଷ ଭଗବାନ । ଏ କଳିଯୁଗେ ଅବତୀର୍ଣ୍ଣ ॥
ତାହାଙ୍କୁ କରୁଛନ୍ତି କୂଟ । ସମସ୍ତେ ଅଜ୍ଞାନେ ଲମ୍ପଟ ॥
ଯେ ଅଟେ ତ୍ରିଭୁବନ ପତି । ତାହାଙ୍କୁ ବିଘ୍ନ କରୁଛନ୍ତି ॥
ଗୁପତ ରୂପ କଳିଯୁଗେ । ଗୋବିନ୍ଦ ଦାସ ନାମ ଏବେ ॥
ଗୁରୁ ଆଜ୍ଞାରେ ଏତେ ମତ । ସେ ଜଗନ୍ନାଥ ଅବଧୂତ ॥
ତାହାଙ୍କୁ ଜାଣିବେ ସେ କାହିଁ । ମାୟାରେ ଛନ୍ତି ଉଦେ ହୋଇ ॥
ସମସ୍ତ ଦେବ ଛାଡ଼ି ଉଭା । ଏମନ୍ତେ ସେ ଗୋବିନ୍ଦ ବାବା ॥

ଦେବେ ଯେ କରୁଛନ୍ତି ବନ୍ଦ । ନୟନ ମାର୍ଗରେ ସ୍ୱପନ ॥
ଜାଗି ଉଠିଲେ ନିଦ୍ରା ତେଜି । ସକଳ ଦେବେ ଗଲେ ଭାଜି ॥
ମନରେ କରି ଭୟ ଶଙ୍କା । ଏ ସବୁ ଦେବକୂଟ ଲେଖା ॥
ଚିତ୍ତେ ଚିନ୍ତିଲେ ଶୂନ୍ୟ ବ୍ରହ୍ମ । ନିଷ୍ଠା ଭକତି ନିଜ ଧର୍ମ ॥
ବୁଝି ତୁ କୃପା ଜଳ ହୋଇ । କିସ କରିବ ସ୍ୱାମୀ ମୁହିଁ ॥
ତୁ ଅନ୍ତର୍ଯ୍ୟାମୀ ନାରାୟଣ । ଭକତ ବିପତ୍ତି ଖଣ୍ଡନ ॥
ଉଠିଲେ ନିଜ ବାସ ତେଜି । ହୃଦେ ମହିମା ନାମଭଜି ॥
ଆନନ୍ଦେ ଦିଗ ଭ୍ରମିଗଲେ । କାହିଁ ରହନ୍ତି ସଙ୍ଗମେଳେ ॥
ଏକାନ୍ତେ ଭ୍ରମି ଦିନ ଗଲା । ଦ୍ୱାଦଶ ବରଷ ହୋଇଲା ॥
ମନେ ବିଚାରି ସେ ଗୋବିନ୍ଦ । କିଅର୍ଥେ ହୋଇଅଛୁ ଧନ୍ଦ ॥
ଏତେ ଦିବସ ବହିଗଲା । ଶ୍ରୀଗୁରୁ ଅଜ୍ଞା ନୋହିଲା ॥
ପ୍ରଚଣ୍ଡେ ଉଦବେଗ ମନ । ଯିବି କପିଳାସ ଦର୍ଶନ ॥
ଗୁରୁ ମୋ ବତାଇଲେ ଯେତେ । ମନରେ ନ ଗଲା ପରତେ ॥
ସତେ ଯେମନ୍ତେ ସଦଗୁରୁ । କଳ୍ପନା ଜାଣିବେ ଅନ୍ତରୁ ॥
ସେ ଯେବେ ଅନାଦି ପୁରୁଷ । ମୋ ଚିତ୍ତ ଜାଣିବେ ଅବଶ୍ୟ ॥
କରନ୍ତି ସବୁ ଘରେ ଭିକ୍ଷା । ଗୁରୁ ବଚନ ଧରି ଶିକ୍ଷା ॥
ପଞ୍ଚମନରେ ଛନ୍ନ ଛନ୍ନ । ପୂର୍ବକୁ କଲେ ସେ ଗମନ ॥
ନିଜମଢ଼ିଆ ତେଜି ଗଲେ । ଅର୍ଦ୍ଧବାଟରେ ହୋଇଥିଲେ ॥
ଗୁରୁ ଯେ କପିଳାସ ଗିରି । ହୋଇ ଯେ ଥିଲେ ଯୋଗଧାରୀ ॥
ଭକତ ମନରେ ଅସତ୍ୟ । ଜାଣି ଅନାଦି ଅବଧୂତ ॥
ତକ୍ଷଣେ ଧ୍ୟାନ ଯୋଗ ତେଜି । ସମାଧି ଯୋଗବଳେ ଭାଜି ॥
ତହୁଁ ଉଠିଲେ ସିଦ୍ଧଚେତା । ସେ ମହାଶୂନ୍ୟ ବ୍ରହ୍ମବେତ୍ତା ॥
ବେଗେ ପଶ୍ଚିମ ଦିଗକୁହିଁ । ଭେଟିଲେ ଭକତକୁ ଯାଇ ॥
ବୋଇଲେ ଶୁଣରେ ପାମର । ଘଷାକୁ କଲୁ ନାରଖାର ॥
ଆମ୍ଭର ବଚନ ନ ମାନି । ଯାଉ କେବଣ ତୀର୍ଥ ସ୍ଥାନି ॥
କାଇ ହୋଇଲୁ ନିଷ୍ଟେ ଏଥେ । ବ୍ରହ୍ମାଣ୍ଡେ କେ ରଖିବ ତୋତେ ॥

ନ ମାନ ଶ୍ରୀଗୁରୁ ବଚନ । ପାଷାଣ କଲୁ ଦରଶନ ॥
ଥୁଆ ହୋଇଛୁ ଲିଙ୍ଗଦେବ । ସେ ତୋତେ କ ଜ୍ଞାନ କହିବ ॥
କୋପେ ପ୍ରଚଣ୍ଡ ମହାବଳୀ । ବ୍ରହ୍ମ ଅନଳେ ଦେବଜାଳି ॥
ଶିର ତୋ ଖଡ଼ଗରେ ଛେଦ । ଶୁଣରେ ଗୁରୁ ଅପରାଧି ॥
ଆଜ୍ଞାରେ ଚଳେ ଚନ୍ଦ୍ର ସୂର୍ଯ୍ୟ । ଯେ ପୃଥ୍ୱୀ ଆପବାୟୁ ତେଜ ॥
ଯାର ଆଜ୍ଞାରେ ଏହୁମାନେ । ଉଦୟ ଅସ୍ତ ପ୍ରତିଦିନେ ॥
ନମିଷେ କୋଟି ଯୁଗ ଯାକୁ । ତୁ ଚିହ୍ନି ନ ପାରବୁ ତାକୁ ॥
ସ୍ୱର୍ଗ ନରକ କେନ ବାଣୀ । ଯା ଲୋମ ମୂଳରୁ ମେଦନୀ ॥
ତାକୁ ନ ଚିହ୍ନି ତଣ୍ଟୁ କର । ବାନ୍ଧିଲେ କେନ ହସ୍ତ ଧର ॥
ବନ୍ଧାଇ ଘେନ ଚଳଗଲେ । ଭରିଲେ ନିମୁହି ମନ୍ଦିରେ ॥
କବାଟ କଲ ଜଡ଼ମୁଦ୍ର । ଭିତରେ ରହିଲେ ଗୋବନ୍ଦ ॥
ଡାକ କହିଲେ ଅବଧୂତ । ହୋଇବୁ ଯେବେ ଯୋଗୀପୁତ୍ର ॥
ସୁକୃତ ଥିଲେ ନସ୍ତରବୁ । ନୋହିଲେ ଏଥେ ଲୀନହେବୁ ॥
ରଖିଲେ ଅତି ନବନ୍ଧରେ । ପାହାର ଜଗାଇ ଦୁଆରେ ॥
ଦେଉଳେ ମାର ତିନି ତାଳ । ତେଣୁ ଚଳଲେ ତପଶାଳୀ ॥
ଶରଣ ଶ୍ରୀଗୁରୁ ଅଲେଖ । ଭଣେ ଅର୍ଜିତ ଖେମ ମୂର୍ଖ ॥
ଦୋଷ ନ ଧର ସାଧୁ ସନ୍ଥ । ମୁଁ ତୁମ୍ଭ ଭୃତ୍ୟଙ୍କର ଭୃତ୍ୟ ॥

ଇତି ଶ୍ରୀ ନବେଦ ସାଧନେ ଦେବକୂଟ ବର୍ଣ୍ଣନେ ସୁର ମାନବ
ଉପହାସ ବଳାପେ ଗୋବନ୍ଦ ଶ୍ରୀଗୁରୁ ଆଜ୍ଞା ଅପରାଧ
ବର୍ଣ୍ଣନେ ଦୁଃଖାଦୁଃଖ ଫଳ ଭୋଗେ ନାମ
ଚତୁର୍ଥୋଽଧ୍ୟାୟଃ ।

—୦—

## ପଞ୍ଚମ ଅଧ୍ୟାୟ

ଜୟ ତୁ ବ୍ରହ୍ମାଣ୍ଡ କରତା । ଅଶେଷ ଜୀବ ପିତା ମାତା ॥
ଭକ୍ତକୁ ପଡ଼ିଲୁ କଷଣ । କରୁଣାକର ନାରାୟଣ ॥
ଅଭୟ ମେରୁ ଶୂନ୍ୟ ବାନା । ଭକ୍ତ ଅପରାଧ ଖଣ୍ଡନା ॥

ଚେଣୁଛି ସେ ଗୋବିନ୍ଦ ଦାସ । ଚହୁଣ ମହାଶୂନ୍ୟ ବାହ ॥
ହେ ପ୍ରଭୁ ଅନାଦି ଅରୂପ । ଅବନା ଅଲେଖ ଅରୂପ ॥
ଅଣଅକ୍ଷର ଅଣାକାର । ହେ ପ୍ରଭୁ କର ପ୍ରତିକାର ॥
ରୂପ ଅରୂପ ସମାଯୁକ୍ତ । ତୁମ୍ଭର ନାହିଁ ଆଦି ଅନ୍ତ ॥
ଅଭୟ ପଞ୍ଜରେ ଶରଣ । ହେ ପ୍ରଭୁ କର ଉଦ୍ଧାରଣ ॥
ଏ ପିଣ୍ଡ ପ୍ରାଣହିଁ ତୋହର । ତୁ ନାଥ ଯାହା ତାହା କର ॥
ମନ ଚତୁର ବୁଦ୍ଧି ମୋର । ଲାଗିଲା ଶ୍ରୀଗୁରୁ ଛାମୁର ।୧୦। ॥
ଆଉର ମନ ଧ୍ୟାନ ଯୋଗ । ସମର୍ପି ଦେଲି ତୋର ଆଗ ॥
ଏମନ୍ତ ବୋଲି ଦୃଢ଼ମନେ । ରହିଲେ ଏକାକ୍ଷର ଧ୍ୟାନେ ॥
ଗୋବିନ୍ଦ ହୃଦୟ ମୂର୍ଦ୍ଧନ । ଥାପିଲେ ଏକାକ୍ଷର ଧ୍ୱନ ॥
ପିଣ୍ଡକୁ କରି ଭୂମିଖଣ୍ଡ । ନାଭି କମଳ ଧ୍ୱନି କୁଣ୍ଡ ॥
ଜାଳିଲେ ବ୍ରହ୍ମ ଅଗ୍ନି ଧୂନି । କମ୍ପିଲା ସପତ ମେଦିନୀ ॥
ଅନଳେ ପକାଇ ଆହୁତି । ସମିଧ ପଚିଶ ପ୍ରକୃତି ॥
ଯେ ଲୋଭ ମୋହ କାମକ୍ରୋଧ । ହିଂସା କପଟ ଛନ୍ଦ ବାଦ ॥
ଆଉର ପାପ ମାୟା ମୋହେ । ରହି ନିର୍ମଳ କଲେ କାୟେ ॥
ଭଜନ କଲେ ଦିବାନିଶି । ମନ ପବନକୁ ଆଶ୍ୱାସି ॥
ଜାଣିଅନାଦି ବ୍ରହ୍ମ ଜ୍ୟୋତି । ଲାଗିଲା ଭକ୍ତି ଚିନ୍ତା ଭୁକ୍ତି ।୨୦॥
ଅବନୀ ମଣ୍ଡଳ ବିଜୟେ । ଅନାଦି ଜ୍ୟୋତି ବ୍ରହ୍ମମୟେ ॥
କୋଟି ଅରୁଣ ତେଜ ରାଶି । ଶୂନ୍ୟରୁ ଧୀରେ ଧୀରେ ଖସି ॥
ସେ ଯେ ଅନାଦି ମହାଜ୍ଞାତା । ମନେ ଲାଗିଛି ଭକ୍ତ ଚିନ୍ତା ॥
ବିଜୟେ ଦେଉଳ ପାରୁଶେ । ଉଇଁଲେ କୋଟି ଚନ୍ଦ୍ର କି ସେ ॥
ଭୁଜ ବଢ଼ାଇ ଶୂନ୍ୟ ହରି । ଦେଉଳ ଶିରେ ହସ୍ତ ମାରି ॥
ଗୋବିନ୍ଦ ଦାସକୁ ଡାକିଲେ । ସଙ୍ଗତେ ଘେନି ଚଳିଗଲେ ॥
ପ୍ରବେଶ ହୋଇଲେ ଅରୂପା । ସେ ତ ଶୁକଳ ଗିରି ଗୁମ୍ଫା ॥
କ୍ଷୁଧା ତୃଷା ତହିଁ ନାହିଁ । ସର୍ବଦା ବସନ୍ତ ବହଇ ॥
ଜଳ ବହଇ ଝର ଝର । ସେ ତ ଶୁକଳ ଗିରିବର ॥

ସେଠାରେ ଉଦେ ଅସ୍ତ ନାହିଁ । ହରି:ବ୍ରହ୍ମାଙ୍କୁ ଗମ୍ୟ କାହିଁ ।୩୦॥
ଏକାନ୍ତେ ଗୁରୁ ଶିଷ୍ୟ ଦୁଇ । ବସିଲେ ଶୁଚିମନ୍ତ ହୋଇ ॥
ଆସ୍ଥାନ ନାମ ସର୍ବ ସାଧି । ତହିଁ ବସିଲେ ବିଶେ ବୁଦ୍ଧି ॥
ଅଜ୍ଞାନ ହରେ ବୁଦ୍ଧି ବିଶେ । ଗନ୍ଧ ଚନ୍ଦନ ପ୍ରାୟେ ବାସେ ॥
ପୂର୍ବାଦି ଉତ୍ତରକୁ ଧରି । ତହିଁ ଅଛଇ ସେହୁ ଗିରି ॥
ତହିଁ ବସନ୍ତି ସିଦ୍ଧମାନେ । ନିର୍ମଳ ମତି ଶୁଦ୍ଧ ଧ୍ୟାନେ ॥
ଅତି ସୁପଞ୍ଚ ସିଦ୍ଧବନ । ସମାନ ନୋହେ ତ୍ରିଭୁବନ ॥
ତହିଁ ବିଜୟେ ଗୁରୁ ଶିଷ୍ୟ । ପ୍ରକାଶି ଜ୍ଞାନରେ ହରଷ ॥
ଉଠି ଗୋବିନ୍ଦ କର ଯୋଡ଼ି । ଅନାଦି ପାଦତଳେ ପଡ଼ି ॥

## ଗୋବିନ୍ଦ ଉବାଚ

ହେ ପ୍ରଭୁ ଜଗତ ନାୟକ । ତୁମ୍ଭେ ଅନାଦି ଅନ୍ତଜପ ॥
ପୂର୍ବେ ଶୁଣିଛୁ ଗୁରୁମୁଖେ । କହିଲ ବାହ୍ୟରସ ରୂପେ ।୪୦॥
ଏକଅକ୍ଷର କାହିଁ ଥିଲା । କିରୂପେ ପ୍ରକାଶ ହୋଇଲା ॥
ଆଗୁର ଧରି କେଉଁ ମତ । କହ ଏହାର ଆଦି ଅନ୍ତ ॥

## ଅନାଦି ବ୍ରହ୍ମ ଉବାଚ

ଭକତ ମୁଖୁ ବାକ୍ୟ ଶୁଣି । ସେ ଯେ ଅନାଦି ବ୍ରହ୍ମ ସ୍ୱାମୀ ॥
ବୋଲନ୍ତି ଶୁଣରେ ଗୋବିନ୍ଦ । କହିବା ଏକାକ୍ଷର ଭେଦ ॥
ପ୍ରଥମେ ମହାଶୂନ୍ୟ ଥିଲା । ଓଁକାର ରୂପେ ବିଶ୍ରମିଲା ॥
ଓଁକାରୁ ଆକାରକୁ ଧରି । ଉକାର ମଧରେ ସଞ୍ଚରି ॥
ମକାର ପରେ ବିଶ୍ରାମିଲା । ଶବଦ ଭେଦ ସଞ୍ଚରିଲା ॥
ଅବନା ଶବଦେ ସମ୍ଭୁତ । ତେଣୁ ବିକାର ହେଲା ଜାତ ॥
ବିକାର ପରେ ବିଶ୍ରାମଇ । ପରମ ସଙ୍ଗତରେ ଥାଇ ॥
ତେଣୁ ମୂର୍ତ୍ତିଏ ପ୍ରକାଶିଲେ । ମୂର୍ତ୍ତିରୁ ଜ୍ୟୋତି ନିର୍ଭାକଲା ॥
ଜ୍ୟୋତିରୁ ଜଳ ହେଲା ଜାତ । ଠୂଳ ଶୂନ୍ୟରୁ ଉପଗତ ॥
ବେଦରୁ ବ୍ରହ୍ମାଣ୍ଡ ରଚିଲା । ଜଳ ପବନ ପିଣ୍ଡ କଲା ॥
ସକାମ ନିଷ୍କାମ ଏ ବେନି । ଏ ପିଣ୍ଡ ବ୍ରହ୍ମାଣ୍ଡକୁ ଘେନି ॥

ଭେଦ ରହିଛି ତିନିପୁର । ସକଳ ସ୍ଥାନରେ ବିହାର ॥
ଆବର ଯୋଟି ସପ୍ତ ଦ୍ୱୀପେ । ଛାରିବା ମାରିବା ସ୍ୱରୂପେ ॥
ଶ୍ରୀଗୁରୁ ମୁଖୁ ଏହା ଶୁଣି । ଗୋବିନ୍ଦ ଯୋଡ଼ି ବେନିପାଣି ॥

## ଗୋବିନ୍ଦ ଉବାଚ

ହେ ପ୍ରଭୁ ଯାହା ଆଜ୍ଞାଦେଲ । ମନରୁ ସଂଶୟ ନ ଗଲ ॥
କାହାକୁ ମହାଶୂନ୍ୟ କହି । କେହୁଟି ପରମ ଅଟଇ ॥
ଓଁକାର କେହୁ ବୋଲାଇଲା । ଆକାର କାହାକୁ ବୋଇଲା ॥
ଫୁଁକାର ଅଟେ କେଉଁ ଜନ । ସକାର କେବଣ ବିଧାନ ॥
ମକାର ଅଟେ କାହା ନାମ । ସକାର କେଉଁ ସରି ସମ ॥
ବିକାର କେହୁ ବୋଲାଇଲା । ମୂରତି କାହାକୁ କହିଲ ॥
ଜ୍ୟୋତି ରୂପଟି କେ ଅଟଇ । କାହା!କୁ ଜଳ ବୋଲି କହି ॥
ବେଦ ରଚିଲା କେଉଁଅକ୍ଷର । କେ ତିନି ବ୍ରହ୍ମାଣ୍ଡ ବିପୁର ॥
କାହାକୁ ନାଦବିନ୍ଦୁ କହି । ପିଣ୍ଡର ନାମ କେ ବୋଲାଇ ॥
ହେ ପ୍ରଭୁ କୃପାଜଳ ଧାରି । କହ ଶବ୍ଦର ଅର୍ଥ କରି ॥
ଶୁଣି ମୁଁ ପବିତ୍ର ହୋଇବି । ଅଶେଷ ଦୁର୍ଗତି ଖଣ୍ଡିବି ॥
ନାମକୁ ନିରନ୍ତରେ ଭାବି । ଦେହରେ ସମସ୍ତ ଚହ୍ନିବି ॥
ସେହି ପ୍ରକାରେ ନାମ କହ । ଯେବେ ଭକତ ବାନା ବହ ॥
ଅଭୟ ଚରଣେ ମୋ ଆଶ । କରିଅ ଯୁଗେ ଯୁଗେ ଦାସ ॥
ଶ୍ରୀମୁଖେ ଆଜ୍ଞା ମୋତେ ଦିଅ । ନିର୍ବେଦ ସାଧନାରେ କହ ॥

## ଅନାଦି ଉବାଚ

କହନ୍ତି ଶବ୍ଦାର୍ଥ କରି । ନିର୍ବେଦ ସାଧନାକୁ ଧରି ॥
ଯାହା ପ୍ରକାଶ କଲୁ ତୁହି । ଶୁଣ ଗୋବିନ୍ଦ ମନ ଦେଇ ॥
ବ୍ରହ୍ମକୁ ମହାଶୂନ୍ୟ କହି । ପବନ ପରମ ଅଟଇ ॥
ନିଶବ୍ଦ ଓଁକାର ଅଟଇ । ଶବ୍ଦ ଆକାର ନାମ କହି ॥
ଫୁକାର ନାମ ଝର ଜଳ । ମ୍ଳ କାର ନାମ ଶୁଭଜନ ॥
ମକାର ନାମ ଉତପନ୍ନ । ବିକାର ପ୍ରଜାପତି ଜାଣ ॥

ତକାର ନାଦ ତତ୍ତ୍ୱ କହ୍ବ । ତପତି ତେଜ ପ୍ରକାଶଇ ॥
ଜୀବର ନାମ ମୂର୍ତ୍ତି କହ୍ବ । ଜାତକ ଜଳ ବୋଲି କହ୍ବ ॥
ଜ୍ୟୋତି ସ୍ଥିତି ବୋଲି ଜାଣ । ପ୍ରକାଶ ଶଶିକା ଅରୁଣ ॥
ସିଦ୍ଧ ଅକ୍ଷର ସାମବେଦ । ର ଅକ୍ଷରୁ ଋକବେଦ ॥
ଜ ଅକ୍ଷରୁ ଜଯୁର୍ବେଦ । ଆଦି ଅନନ୍ତ ଅଥର୍ବେଦ ॥
ସୁଦ୍ଧାରୁ ଶିଶୁବେଦ ଜାତ । ଯେ ନାମ ବ୍ରହ୍ମ ସାରସ୍ୱତ ॥
ଗୋବିନ୍ଦ ଶୁଣି ତୋଷ ମନ । ଭଣେ ପାମର ଭୀମସେନ ॥

ଇତି ଶ୍ରୀ ନିର୍ବେଦ ସାଧନେ ଅନାଦି ଗୋବିନ୍ଦ ସମ୍ବାଦେ ଏକାକ୍ଷର ପଦ ଅର୍ଥ ଭେଦ କଥନେ ନାମ ପଞ୍ଚମୋଽଧ୍ୟାୟଃ ।

—o—

## ଷଷ୍ଠ ଅଧ୍ୟାୟ

### ଗୋବିନ୍ଦ ଉବାଚ

ହେ ପ୍ରଭୁ ବ୍ରହ୍ମାଣ୍ଡ କରତା । ଶ୍ରୀ ବ୍ରହ୍ମଜ୍ଞାନେ ସାମରଥା ॥
ସେ ନାମ ଅବନା ଅଜପା । କାହାକୁ କରଅଛ ଶାଖା ॥
ମୋତେ ଯେମନ୍ତେ ଦୟାବନ୍ତ । ବିସ୍ତାରି ଫେଡ଼ି ଆଜ୍ଞା ଦିଅ ॥

### ଅନାଦି ବ୍ରହ୍ମ ଉବାଚ

ଯାହା ପଚାରିଲୁ ଗୋବିନ୍ଦ । ବ୍ରହ୍ମର ସଙ୍ଗେ ସାଥି ଭେଦ ॥
ତାହାର ନିଜ ସଙ୍ଗସାଥି । କ୍ଷମାଦି ଦୟାଶୀଳ ଶାନ୍ତ ॥

### ଗୋବିନ୍ଦ ଉବାଚ

ଶୁଣି ଭକତ ଅତି ତୋଷେ । କେ ଅଛୁ କେବଣ ପାରୁଶେ ॥
ଶ୍ରୀମୁଖେ ଆଜ୍ଞା ହେଉ ହରି । କହିବା ଭିନ୍ନ ଭିନ୍ନ କରି ॥

### ଅନାଦି ଉବାଚ

କହନ୍ତି ଶ୍ରୀଗୁରୁ ଗୋସାଇଁ । ଶୁଣ ତୁ ସାବଧାନ ହୋଇ ॥
ଶାନ୍ତିର କଳା ବାମ କରେ । ଦୟା ରହିଛି ଡାହାଣରେ ॥
କ୍ଷମା ରହିଲ ଯେ ପୃଷ୍ଠରେ । ଶୀଳ ରହିଛି ହୃଦତଟେ ॥
ଧର୍ମ ରହିଲ ଶ୍ରୀମୁଖରେ । ସୁଶାନ୍ତ ରହିଛି ମନରେ ॥

ତହିଁ କରନ୍ତୁ ବ୍ରହ୍ମ ବାସ । ଦିବା ରଜନୀରେ ପ୍ରକାଶ ॥
ବ୍ରହ୍ମାଦି ଦେବ ସୁର ନର । ମୁନି ଜନଙ୍କୁ ଅଗୋଚର ॥
ଶୁଣି ଗୋବିନ୍ଦ ଅବଧୂତ । ମନରେ ହେଲେ କୃତକୃତ୍ୟ ॥

ଗୋବିନ୍ଦ ଉବାଚ

ହେ ପ୍ରଭୁ ଦୟାହେଉ ମୋତେ । ମନକୁ ଲାଗିଲା ଅପ୍ରତେ ॥
କେଉଁ ଅକ୍ଷର ଶାନ୍ତଶୀଳ । କ୍ଷମାଦି ଦୟାଧର୍ମ କୁଳ ॥
ଏ ପଦ ଅର୍ଥ କହ ମୋତେ । ଶୁଣ ସୁପ୍ରେମ ମୋର ଚିତ୍ତେ ॥

ଅନାଦି ଉବାଚ

ଭକ୍ତ ବଚନେ ବ୍ରହ୍ମ ଜ୍ୟୋତି । ଯେ ଛଅକ୍ଷର ଅର୍ଥ ରତି ॥
ସୁମନେ ଶୁଣ ଗୋବିନ୍ଦାଳ । ସଂଶୟ ଫେଡ଼ିଦେବା କଥ୍ବ ॥
ଚାରି ଅକ୍ଷର ଚାରି ବେଦ । ବର୍ଣ୍ଣ ଆଣିମା ଚାରିବେଦ ॥
ମିଳିବ ଛଅକ୍ଷର ମୂଳ । କ୍ଷମାଦି ଦୟା ଶାନ୍ତ ଶୀଳ ॥
ଶୁଣ ତୁ ଚାରି ବେଦ ଅର୍ଥ । ମନରେ କରି ଦୃଢ଼ବ୍ରତ ॥
କାମ ପ୍ରମୋଦ ହାକ ସିଦ୍ଧି । ସଞ୍ଚରି ଗଲା ଆଦ୍ୟ ମଧ୍ୟ ॥
ଯାଆ ଶବଦେ ଋକ ବେଦ । ଶୁଣ ତହିଁର ଅର୍ଥ ଭେଦ ॥
ଋକଟି ରସାଙ୍ଗନା ଯୁତା । କଅଛି କଞ୍ଚନା କରତା ॥
ଏ ଦୁଇ ଯୁଗଳରେ ଭେଦ । ନିଷ୍ଠୁୟ ରାମ ନାମ ପଦ ॥
ଯାଆ ଅକ୍ଷର ଶୁକ୍ଳ ଜାଣ । ମକ୍ଷର ବ୍ରହ୍ମ କଳାବର୍ଣ୍ଣ ॥
ସିଇରୁ ଶିର ଜନ୍ମ ହେଲା । ନାମ ତା ସାଥି ବୋଲାଇଲା ॥
ବିମାତା ତତ୍ତ୍ୱ ବୋଲାଇଲା । ସୁଶାନ୍ତ ନାମ ତା ହୋଇଲା ॥
ଅଣ ମାତ୍ରାରେ ଆରମ୍ଭିଲା । ର ମାତ୍ରା ରଜ ଗୁଣ ହେଲା ॥
ନିମାତ୍ରା ଯୋନି ବୋଲାଇଲା । ବିମାତ୍ରା ମର୍ମ ଜାତ ହେଲା ॥
ମାଆ ସେ ମାୟା ହେଲା ଜାତ । ନିମାତ୍ରା ନାମରେ ମଧୁତ ॥
ସ ମାତ୍ରା ସୃଷ୍ଟି ସରଜନ । ଋକ ବେଦର ଅର୍ଥ ଶୁଣ ॥
ଶୂନ୍ୟରୁ ସୁଦ୍ଧାକ୍ଷର ହେଲା । ସେ ସାମବେଦ ବୋଲାଇଲା ॥
ଶ୍ରୀଅରୁ ଶାଖା ବୋଲାଇଲା । ମଥରୁ ମନ୍ତ୍ର ଯନ୍ତ୍ର ହେଲା ॥

ବଅରୁ ବ୍ରହ୍ମ ବିକାଶିଲା । ଦଅରୁ ଅପାର ଦର୍ଶିଲା ॥
ବଅମାତ୍ରାରୁ ବର୍ଣ୍ଣ ଜାତ । ଦଅରୁ ଦୃଷ୍ଟି ଉପଗତ ॥
ନମାତ୍ରା ଜନ୍ମିଲାର ବିଷ । ନମାତ୍ରା ଉପୁଜିଲା ରସ ॥
ବ ମାତ୍ରା କାକୁସ୍ଥ ରଚିଲା । ସମାତ୍ରା ସାହାପକ୍ଷ ହେଲା ॥
ସାହାରୁ ଝରିଲା ଅମୃତ । ନାମ ତା ହୋଇଲା ସୁଶାନ୍ତ ॥
ଶ୍ରୁତିରୁ ଜ୍ୟୋତି ସଞ୍ଚରିଲା । ମୁଖରୁ ଯଜୁର୍ବେଦ ଲୀଳା ॥
ଯଅରୁ ଯାବତ ରଚନା । ଝଅରୁ ଝିପୁର ସର୍ଜନା ॥
ପଅରୁ ପରାପର କଲା । କାମାର୍ତ୍ତି ଝିୟା କର୍ମ ହେଲା ॥
ଜୀଇରୁ ଜନ୍ମିଲା ସମ୍ବାଦ । ଲ୍ମାତ୍ରା ଲକ୍ଷଣ ପ୍ରବୃଦ୍ଧ ॥
ଜା ମାତ୍ରା ଜୀବଜନ୍ତୁ ଜନ୍ମ । ବଅରୁ ବିହରଇ କର୍ମ ॥
ଲଅରୁ ଲୁପ୍ତି ବିକାଶିଲା । ରଅରୁ ରକ୍ଷଣ ବାଞ୍ଛିଲା ॥
ତମାତ୍ରା ତତ୍ତୁରେ ସମ୍ଭୂତ । ନାମ ପ୍ରକାଶରେ ସଂଯୁକ୍ତ ॥
ଶୁଣିଲୁ ଯଜୁର୍ବେଦ ଅର୍ଥ । କ୍ଷମାତ୍ରା ନାମ ସାରସ୍ୱତ ॥
ଅବନା ଅନନ୍ତ ଶରୀର । ଅଥର୍ବ ବେଦର ବିଚାର ॥
ଶୁଣିଲେ ଲଭିବୁ ମୁକତ । ଏ ବେଦ ଅର୍ଥ ସାରସ୍ୱତ ॥
ଅଅରୁ ଆକାର ସଞ୍ଚର । ବଅରୁ ବ୍ରହ୍ମାଣ୍ଡକୁ କର ॥
ନାଆରୁ ନମସ୍କାର କଲା । ଅମାତ୍ରା ଆଶା ସଞ୍ଚରିଲା ॥
ତ ମାତ୍ରା ତର୍କକୁ ଲଙ୍ଘିଲା । ନ ମାତ୍ରା ନବକର୍ମ କଲା ॥
ସ ମାତ୍ରା ସାମର୍ଥ୍ୟକୁ କର । ର ମାତ୍ରା ରକ୍ଷକୁ ଆଚାର ॥
ର ମାତ୍ରା ରହାସ ବିହିତ । ଦ୍ୱାଦଶ ପ୍ରକାରେ ବଦିତ ॥
ଅମାତ୍ରା ଆସ୍ଥାନ ନିବିଡ଼ । ଅମାତ୍ରା ସ୍ଥିତି କର ଦୃଢ଼ ॥
ବମାତ୍ରା ବ୍ୟକତେ ପ୍ରକାଶ । ଭମାତ୍ର ଭାବେ କଲ ଦୃଶ୍ୟ ॥
ଦମାତ୍ରା ଦହନ ତା ନାମ । ଦୁର୍ବଳ ଚନ୍ଦ୍ର ଭୁବନ ॥
ଭମାତ୍ରା ରସ ନାମ କହି । ବିମାତ୍ରା ବିକାର ଜନ୍ମଇ ॥
ଚମାତ୍ରା ଚମତ୍କାର କହି । ହୃଦୟେ ଦକା ଉପୁଜଇ ॥
ରମାତ୍ରା ଲକ୍ଷଣକୁ ଦୃଢ଼ । ଭରସା କରିବାକୁ ବଡ଼ ॥

ଗୃହବେଦର ଅର୍ଥଫଳ । ଶୁଣି ଖଣ୍ଡିବ ଭବ କାଳ ॥
ଶୁଣ ତୁ ଭକତ କୁଶଳ । ନାମ ଚାରି ଅଟଇ ଶୀଳ ॥
ବେଦରେ ବୁଝାଇଲ ତୋତେ । ଅକ୍ଷର ମାତ୍ରା ଅର୍ଥ ଯେତେ ॥
ପୁଣି ଗୋବିନ୍ଦ ବେଦ ଗ୍ରୁଡ଼ି । ଶ୍ରୀଗୁରୁ ପାଦତଳେ ପଡ଼ି ॥

ଗୋବିନ୍ଦ ଉବାଚ

ଶୁଣି ପାରିଲି ଏବେ ପ୍ରତେ । ମନେ ସଂଶୟ ଥିଲି ଯେତେ ॥
ଖଣ୍ଡିଲି ସକଳ ଦୁରିତ । ଲଭିଲି ପରମ ମୁକତ ॥
ସେ ଗୁରୁଶିଷ୍ୟ ପାଦ ଧ୍ୟାୟୀ । ଭଣେ ଅଧମ ଖାମ ହୋଇ ॥
ହେ ସାଧୁ ସୁଜନ ପୁରୁଷ । ମୋହର ନ ଘେନିବା ଦୋଷ ॥
ନୋହିଲି ନ ବୋଲିବ ନାହିଁ । ନ ପଢ଼ି ଶିକ୍ଷି ଅକ୍ଷର ମୁହିଁ । ୭୩॥

ଇତି ଶ୍ରୀ ନିର୍ବେଦ ସାଧନେ ଶାନ୍ତଶୀଳ ଚରିତ ଗୃହ ବେଦ ବର୍ଣ୍ଣନେ ଅର୍ଥଯାତ୍ରା କଥନେ ଶ୍ରୀଗୁରୁଗୋବିନ୍ଦ ସମ୍ବାଦେ ନାମ ଷଷ୍ଠୋଽଧ୍ୟାୟଃ ।

—o—

## ସପ୍ତମ ଅଧ୍ୟାୟ

ଗୋବିନ୍ଦ ଉବାଚ

ହେ ପ୍ରଭୁ ନିର୍ବେଦ ସିଦ୍ଧାନ୍ତ । ଜୀବ ଉଦ୍ଧାର ସାମରଥ ॥
ଆବର କଥା ଏକ ଅଛି । ସ୍ୱରୂପ କହିଦେବ ବାଛି ॥
ସପତ ସାଗର କେମନ୍ତେ । ରଚନା ହୋଇଛି ନିରତେ ॥
ଏଥିର ବିଧିମତ ଯେତେ । ହେ ପ୍ରଭୁ ଆଜ୍ଞାହେଉ ମୋତେ ॥

ଅନାଦି ଉବାଚ

ଶୁଣ ଭକତ ଶୁଦ୍ଧଚେତା । ସପ୍ତ ସାଗର ଆଦ୍ୟ କଥା ॥
ଆଦ୍ୟରୁ ପ୍ରାନ୍ତ ପରିଯନ୍ତେ । ଶୁଣ କହିବା ତୋ ଅଗ୍ରତେ ॥
ପ୍ରଥମେ ଏକ ବ୍ରହ୍ମ ଥିଲି । ରୂପ ରଚନା ବିଗ୍ରହିଲି ॥
ପଅରୁ ପ୍ରିୟା ପାଞ୍ଚକଲି । ଥଅରୁ ସ୍ଥିତି ଶୂନ୍ୟେ ଧରି ॥
ମଅରୁ ମନ ପ୍ରେମ ଶିଳା । ରଅରୁ ଅଂକାର ବାଞ୍ଛିଲା ॥
ବଅରୁ କଲି ଜାତ କରି । ବଞ୍ଛିଲି ରୂପକୁ ଆବୋରି ।୧୦ ॥

ଶ୍ୱେତ ଶୁକଳ ଜାତ କଲା । ଗଢ଼ିଲା ଅମାପ ଅବଳା ॥
ଯୁବା ବୟସ ତାଙ୍କୁ କଲା । ହସ୍ତରେ ବୀଜାମୃତ ଧରି ॥
ବାମ ଅଙ୍ଗୁଳି ହସ୍ତ କରେ । ଶ୍ରୀହସ୍ତ ଜାନୁ ଯୁଗଳରେ ॥
ନଖେ ଚିରିଲେ ଜାନୁତଳେ । ପଦ୍ମ ରଞ୍ଜିତ ନିଶ୍ୱାବଳେ ॥
ପଦ୍ମରେ ବୀଜାମୃତ ଗୋଟି । ସମ୍ଭାଳି ଦ୍ୟନ୍ତେ ଗଲା ଫାଟି ॥
ତକ୍ଷଣେ ନିଜ ପ୍ରାଣ ହାରି । ପଡ଼ିଲା ଅମାପ କୁମାରୀ ॥
ଯାଇ ପଡ଼ିଲା ରସାତଳେ । ଅଥଳ ଅଖଣ୍ଡ ତ କୂଳେ ॥
ଦେଖି ସେ ଅବନା ଅରୂପ । ମନେ ପାଇଲେ ବଡ଼ ଦୁଃଖ ॥
ନିରେପି କଲେ ଉଦେଯୋଗ । ଯେ ବର୍ଣ୍ଣି କାନ୍ତି ରସସଙ୍ଗ ॥
ଯୁବା ବୟସ ନିର୍ମିକରି । ନାମ ତା ଅକାଦ କୁମର ॥
ଜାନୁ ଯୁଗଳ ପଦ୍ମ ଦଳ । ସ୍ଥାପନା କଲେକ ସକଳ ॥
ପଦ୍ମେ ହିଅନନ୍ତ ରସ ଦୋଳା । ଜାନୁ ଯୁଗଳେ ଯୋଡ଼ିଦେଲା ॥
ସମ୍ଭାଳି ବୀଜାମୃତ ଗୋଟି । ନ ରହିଁ ଗଲେ ସେ ଲେଉଟି ॥
ଦ୍ରବଣ ଗର୍ଭକୁ କ୍ଷେପିଲା । ମୂର୍ଛନା ଫାଟି ପ୍ରାଣ ଗଲା ॥
ପଡ଼ିଲେ ଅଚେଷ୍ଟା ନ ହୋଇ । ଅମାପ ଶକ୍ତିପଦେ ଯାଇ ॥
ରହିଁ ଅଲେଖ ମନ୍ତ୍ରମାହିଁ । ଅମାପ ଆଦ୍ଧ ଶକ୍ତି ନାହିଁ ॥
ବିଚାର କଲେ ମନେ ମନ । କେଉଁ ଯୁବତୀ ହାରି ପ୍ରାଣ ॥
ଧରାଇ ଦେଲୁ ଯେତେବେଳେ । ବହ୍ନିତ ସମାନ ନୋହିଲେ ॥
ବିଚାର କଲେ ମନେ ଚେତ । ଆର ଗଢ଼ିବ ଆଦିଶକ୍ତି ॥
ଏମନ୍ତ ବିଚାରି ନିରବଳେ । ହୋଇସବା ଆଦ୍ଧଶକ୍ତି କଲେ ॥
ଯେତେକ ରୂପ ନିର୍ମି କଲ । ନାମ ତା ଅବନା କୁମାରୀ ॥
ଯୁବା ଅବସ୍ଥା ତାକୁ କଲେ । ପଦ୍ମରେ ବୀଜ ଦାନ କଲେ ॥
ସେ ମୂର୍ତ୍ତି ଗର୍ଭରେ ଝେପାଇ । ପଢ଼ିଲେ ଅସାଷ୍ଟମ ହୋଇ ॥
ଦେଖି ଅବନା ନାରୀ ସ୍ଥିତି । ବିଚାରି ଏକବ୍ରହ୍ମ ଜ୍ୟୋତି ॥
ଯେତେ ରଚିଲୁ ନର ଦେହୀ । ବଢ଼ିଲ ନୋହିଲ ସେ ମହୀ ॥
ପୁଣି ରଚିବା ମନେ ସ୍ମରି । ଏମନ୍ତ କହିଲି ଧାନ କରି ॥

ଭେଦରୁ ବେନିମାତ୍ରା ଆଣି । ଯୁଗଳେ ମେଦ କଲେ ଜାଣି ॥
ସେ ବେନିମାତ୍ରା ଏକ କରି । ନାମ ତା ଅମେଧ କୁମାରୀ ॥
ଯୁବା ବୟସ ତାକୁ କଲେ । ହସ୍ତରେ ବୀଜଖଣ୍ଡ ଦେଲେ ॥
ହସ୍ତେ ପଡ଼ନ୍ତେ ବୀଜ ବଳି । ତେଜ ପ୍ରକାରେ ଗଲ ଜଳି ॥
ଅମେଧ ଆଦିଶକ୍ତି ମଲ । ଏରୂପେ ଗୁରୁବର୍ଣ୍ଣ ଗଲ ॥
ଏ ଗୁରୁରୂପ ଜାତ କଲ । ରଚନ୍ତେ କୋଟିକଳ୍ପ ଗଲ ॥
ପୁଣି ବିଚାର କଲେ ଚିତ୍ତେ । ନିଶ୍ଚଳେ ବସିଲେ ଏକାନ୍ତେ ॥
ଚିତ୍ତରେ ଅନୁମାନ କରି । ଶୂନ୍ୟରୁ ମୂର୍ତ୍ତି ଅନୁସରି ॥
ଶୂନ୍ୟରୁ ଶବଦ ଅକ୍ଷର । ସୁମାତ୍ରା ମତ୍ୟବନ୍ତ ସାର ॥
ନି ମାତ୍ରା ତତ୍ତ୍ୱକୁ ଜିହ୍ୱଲି । ସମାନ୍ତା ସର୍ଜିବାକୁ କଲି ॥
ରୁ ମାତ୍ରା ରୂପବର୍ଣ୍ଣ ରୂପି । ସମସ୍ତ ମେଦ କରି ସ୍ଥାପି ॥
ରଚନା କଲେ ଆଦ୍ୟଶକ୍ତି । ତେଣୁ କୁମାରୀ ନାମ ଶ୍ରୁତି ॥
ଏରୂପେ ରୂପ କୋଟିଲେ । ହୃଦୟ ପଦ୍ମେ ବାସ କଲେ ॥
ସେ ଯେ ଅଣିମା ମହାମାନ୍ତ୍ରି । ବିଷ୍ଣୁଙ୍କ ଗର୍ଭେ ଅଛି ବନ୍ଧି ॥
ନି ଅକ୍ଷରଟି ବିଷ୍ଣୁ ଜାଣ । ପଞ୍ଚପ୍ରକୃତି ବିକାରେଣ ॥
ନାଭିରେ ଷଡ଼ଦଳ ସ୍ଥାପି । କାମି ପ୍ରେମକୁ ଦେଲେ ରଖି ॥
ଷଡ଼ରେ ଷଡ଼ପଦ୍ମ ବନ । ଗୁଢ଼ ପବନ ବେହାରେଣ ॥
ଦୁର୍ବାଦଳରେ ରଜ ରସ । ମନରେ ସ୍ୱକୃତି ପରଶ ॥
ଏକ ମନରୁ ପାଞ୍ଚମନ । ରମଣୀରନ୍ଧ୍ର ଛନ ଛନ ॥
ବୁଝିଲେ ଦ୍ୱିଗ ଦେଶାନ୍ତର । ଯେସନ୍ତେ ଗ୍ରହିଁଲେ ଅନ୍ଧକାର ॥
ଅଙ୍ଗ ହୋଇଲା ଆଳମ୍ବିତ । ସୁରତି ରସେ ହେଲେ ରତ ॥
ପଦ୍ମରେ ରଜରସ ପୂରି । ଶୂନ୍ୟରୁ ଆସୁଛି ଲହରୀ ॥
ଅଙ୍ଗରେ ଅଭେଦ ପବନ । ଦେହେ ଅଣାରୁଣ ସମାନ ॥
ଅସ୍ଥି ମାଂସକୁ ଏକ କରି । ଅଗାଧ ପଙ୍କ ଶ୍ରୋଣିବାରି ॥
ଆବରି ଚର୍ମ ରୋଗ ପୁରି । ଦେହେ ଫୁଟିଲ ଶ୍ରମବାରି ॥
ହୃଦୟ ହେଲା ଛନ ଛନ । ବିକାର କଲା ପଞ୍ଚମନ ॥

ଚବିଶ ପ୍ରକୃତ ଓଟାର । କି ଅବା ନେବ ମାର ଧର ॥
ଏମନ୍ତ ଭାଳନ୍ତେ ସେ ଦେବୀ । ମନରେ ବଢ଼େ ଅନୁଭବ ॥
ଯେହୁ କରନ୍ତି ହୃଦେ ବାସ । ହରଣ କରତା ପୁରୁଷ ॥
ନରେପି କରିବ ଶରଧା । ସେହି ରଖିବେ କାମବାଧା ॥
ହୃଦସ୍ଥ ପଦ୍ମ ମଧ୍ୟେ ହର । ଶଯ୍ୟାରେ ଯୋଗନିଦ୍ରା କର ॥
ଏମନ୍ତ ବୋଲି ଶ୍ରୁତିନାଶା । ରୂପକ ପରକାଶ କର ॥
ପୁରୁଷ ଗଲ୍ଣ ଅନୁସର । ସ୍ୱପ୍ନ ସୁନ୍ଦରୀ ରୂପଧର ॥
ଆସ୍ଥାନେ ପ୍ରବେଶ ହୋଇଲ । ଯୁବା ମୂରତ ଦେଖାଇଲ ॥
ସ୍ତନ ଯୌବନ ତା ବିକାଶି । ଅତି ସୁନ୍ଦର ଶୁଭ୍ରକେଶୀ ॥
ନବୀନ ରୂପ ଝଟ ଝଟ । ସୁସଞ୍ଚ ଶୁଭ୍ର ଜାନୁତଟ ॥
ମୁଖ ତା କୋଟି ଚନ୍ଦ୍ରକାନ୍ତ । ଅଙ୍ଗ ଅରୁଣ ତେଜ କାନ୍ତ ॥
କାମରେ ଆତୁରେ ସୁନ୍ଦରୀ । ବିଷ୍ଣୁର ମନ ନେଲ ହର ॥
ସର୍ବତେ ଅଙ୍ଗ ସଙ୍ଗ କଲ । ରଜର ସାଙ୍ଗ ଉଚ୍ଛୁଳିଲ ॥
ବିଷ୍ଣୁର ଉଚ୍ଛୁଳିଲ ଧାତୁ । ହସ୍ତେ ଧଇଲେ ପାର ହେତୁ ॥
ସେ ଯୋଗନିଦ୍ରା ଯାଇଥିଲେ । ତତକ୍ଷଣେ ଉଠିଣ ବସିଲେ ॥
ଚକ୍ଷୁ ମେଲିଣ ଦେଖିଲେ ଗୃହିଣୀ । ପାରୁଶେ ନ ଦିଶନ୍ତ କେହି ॥
ବିଚାର କଲେ ମନେ ମନ । ନିଷ୍ଟପୁ ପ୍ରକୃତ ଭିଆଣ ॥
ଯେ ଆଦିଶକ୍ତି ଶ୍ରୁତିନାଶା । ମାୟାରେ ଅଙ୍ଗ ସଙ୍ଗ କର ॥
କପଟେ ପାରୁଶେ ମିଳିଲ । ମନରୁ ଜ୍ଞାନ ହରୁଥିଲ ॥
ଏ ପୁରେ ନ ରହିବା କ୍ଷଣେ । ବଳଗେ ଉଠିଲେ ବହନେ ॥
ବାହାର ହୋଇଲେ ଅଖଣ୍ଡ । ହସ୍ତରେ ଧର ବୀଜ ଭାଣ୍ଡ ॥
ବାମ ହସ୍ତରେ ପଦ୍ମ ଧର । ଚପିଲେ ଧୀର ଧୀର କର ॥
ଏବେ ସେ ଯୁବାଙ୍ଗ ବସ୍ତୁମ । ପୂରି ରହିଲା ରଜ ରସ ॥
ବୀଜକୁ ସପ୍ତଭାଗ କର । ଶକ୍ତି ସମ୍ଭବେ ଦେଲେ ଭର ॥
ଭାଗେକ ଶୂନ୍ୟେ ଉଡ଼ିଗଲା । ଭାଗେ ପଦ୍ମରେ ଲୀନ ହେଲା ॥
ଭାଗେ ଗର୍ଭକୁ ହେଲା ଯୋଗ୍ୟ । ଗର୍ଭରେ ହେଲା ବେନିଭାଗ ॥

ସେବଣ ଭାଗଶୂନ୍ୟେ ଗଲା । ଶୂନ୍ୟ କୁହୁର ବୋଲାଇଲା ॥
ଏକ ଭାଗରୁ ଗ୍ରହଭାଗ । ଶୂନ୍ୟେ ଜନ୍ମିଲା ଗ୍ରହଦଗ ॥
ଯହୁଁ ସେ ଗ୍ରହଦଗ ହେଲା । ଟୂକ ଶୂନ୍ୟହିଁ ବୋଲାଇଲା ॥
ଏମନ୍ତେ କେତେ କଲ୍ପ ଗଲା । ମରୁତ ଉଜାଣି ବହିଲା ॥
ଗର୍ଭରେ ଯେଉଁ ବୀଜ ମୃତ । ଅଧେ ଶୁକଳ ଅଧେ ଶ୍ୱେତ ॥
ସମାହା ମାର ବୋଲି କହି । ଉମାହା ସକାର ଅଟଇ ॥
ଗର୍ଭରୁ ହୋଇଲା ବାହାର । ନାମ ତାଙ୍କର ନିରାକାର ॥
ନିର୍ମିତ ଜ୍ୟୋତି ଅରୂପରେ । ପଡ଼ିଲେ ଉଜାଣି ଶିଖରେ ॥
ଗ୍ରହିଁଲେ ଆଦିଶକ୍ତି ନାରୀ । ଅଙ୍ଗେ ପୁରୁଷ ଅଙ୍ଗେ ସ୍ତିରୀ ॥
ଦେଖିଣ ଆଦିଶକ୍ତି ତୁଚ୍ଛ । ବଟ ମୂଳରେ କଲେ ବାସ ॥
ସ୍ୱରୂପ କହିଲେ ବିସ୍ତାରି । ଶୁଣ ଗୋବିନ୍ଦ ହେତୁ କରି ॥
ସେ ଗୁରୁ ଶିଷ୍ୟଙ୍କ ପଯ୍ୟର । ସେବାରେ ଦିନ ଯାଉ ମୋର ॥
ହେ ପ୍ରଭୁ ମୋତେ କୃପାକର । ଭଣେ ଅର୍ଜିତ ଖେମ ଛାର ॥
ସୁଜନେ ନ ଦୋଷିବ ମୋତେ । ବର୍ଣ୍ଣିଲି ଅନୁଭବ ଚିତ୍ତେ ॥
ବେଦ ପୁରାଣେ ନାହିଁ ଶୁଣା । ଉ ଉସୁକ୍ଷର ନାହିଁ ଜଣା ॥

ଇତି ଶ୍ରୀ ନବେଦ ସାଧନେ ଶୂନ୍ୟସାର ସପ୍ତସାର ବିଚାର ଆଖ୍ୟାନେ
ଅନେକ ଆଦିଶକ୍ତି ଉଦ୍ଧାରଣେ ଯୋଗ ନିରାକାର ଜନ୍ମ
ଉତ୍ପତ୍ତି କଥନେ ଅନାଦି ଗୋବିନ୍ଦ ସମ୍ବାଦେ
ନାମ ସପ୍ତମୋଽଧ୍ୟାୟଃ ।

—ଃ0ଃ—

## ଅଷ୍ଟମ ଅଧ୍ୟାୟ

ଗୋବିନ୍ଦ ଉବାଚ

ହେ ପ୍ରଭୁ ବ୍ରହ୍ମାଣ୍ଡ କରତା । ଶୁଣିଲି ଆଦି ଅନ୍ତ କଥା ॥
ଲଭିଲି ପୂର୍ବର ସୁକୃତେ । ଶ୍ରୀମୁଖେ ଆଜ୍ଞା ହେଉ ମୋତେ ॥
ସେ ନିରାକାର ଜନ୍ମ ହେଲେ । ଏଥି ଉତ୍ତାରୁ କିସ କଲେ ॥

କେମନ୍ତେ ଜାଣିବା ସେ କଥା । ମନେ ଲଗିଲା ବଡ଼ ଚିନ୍ତା ॥
ହେ ବ୍ରହ୍ମଜ୍ୟୋତି ନିରାକାର । କେମନ୍ତେ ମହିମା ତାଙ୍କର ॥

## ଅନାଦି ବ୍ରହ୍ମ ଉବାଚ

ବୋଲେ ଅନାଦି ବ୍ରହ୍ମଙ୍କମ । ଶୁଣ ଗୋବିନ୍ଦ ସାଧୁ ବାଣୀ ॥
ସେ ବ୍ରହ୍ମ ଜ୍ୟୋତି ନିରାକାର । ହିଁ ଶାସ୍ତ୍ର ରୂପ ଏକାନ୍ତର ॥
ଜନ୍ମିଲା ଶବଦ ଠାରୁ । ପଡ଼ିଲା ଉଜ ଣି ଶିଟରୁ ॥
ପଡ଼ଣ ହାହାକାର କଲ । ଓଁ କାର ଷର ଜନ୍ମ ହେଲ ॥
ଓଁ କାର ଜନ୍ମିଲ ଶବଦ । ଶଦ୍ଦରୁ ଏକାକ୍ଷର ଭେଦ ॥
ବେଦରୁ ସୃଷ୍ଟି ସଞ୍ଚରିଲ । ସପତ ସିନ୍ଧୁ ଜାତ କଲ ॥
ସ ମାନ ଶ୍ୱେତ ସିନ୍ଧୁ ଜାଣ । ଏକାନ୍ତେ ରଚିଲ ପ୍ରମାଣ ॥
ଆପଣବନ୍ଦ ଆପେ ବାର । ଭିଆଣ ହିଗ ହିଗାନ୍ତର ॥
ଏକାନ୍ତେ ବସି ନିର୍ଭ କଲ । ମପକ୍ଷ ଯୁଗଳ ବାଞ୍ଛିଲ ॥
ଶୂନ୍ୟ ବ୍ରହ୍ମଙ୍କୁ ଧ୍ୟାନ କରି । ଚହ୍ନିଲ ବେନି କର୍ଣ୍ଣ ଡେରି ॥
କୋଟିଏ ଯୁଗ ବହି ଗଲ । ପ୍ରସନ୍ନ କରି ନ ପାରିଲ ॥
କି ରୂପେ ହୋଇବେ ପ୍ରସନ୍ନ । ଯାହାର ନାହିଁ ବର୍ଣ୍ଣ ଚିହ୍ନ ॥
ମନରେ ହୋଇଲେ ବିସ୍ମୟେ । ଉତ୍ତର ଶବଦ ନ ହିଏ ॥
ଶୂନ୍ୟ ମଣ୍ଡଳୁ ବ୍ରହ୍ମ ଆସି । ତାହାଙ୍କ ହୃଦୟରେ ପଶି ॥
ପ୍ରକାଶ କରି ଦେବବୁଦ୍ଧି । ଯେ ସୃଷ୍ଟି ରଚନାର ବିଧି ॥
ବହିଲ ଅନେକ ବିଗ୍ରହ । ଯେ ଜ୍ୟୋତି ବ୍ରହ୍ମ ନିରାକାର ॥
ତାହାଣ ଅଙ୍ଗକୁ ଗୃହିଲେ । ବ୍ରିଙ୍ଗ ଗୋଟିଏ ଜାତ କଲେ ॥
ନମାନ ହରି ବୋଲିଲେ । ମାରରୁ ବିକାଏ ଜନ୍ମିଲ ॥
ବୀଷଦ୍ର ବେଦମାନାକ୍ଷର । ତେଣୁ ରାଧିକା ନାମ ତାର ॥
ଅଙ୍ଗରୁ ଅବତାର ହେଲ । କାକ୍ଷର କୁମାରୀ ହୋଇଲ ॥
କୁମାରୀ କୃଷ୍ଣ ବୋଲାଇଲ । କୁମାରୀ ରାଧିକା ହୋଇଲ ॥
ରାଧିକା ନାମ କୃଷ୍ଣ ବେନି । ବଢ଼ିଲ ଯୁଗଳ କାହାଣୀ ॥
ଯୁଟନ୍ତେ ରାଧା କୃଷ୍ଣ ଦେହୀ । ଶତ ସୁକଲ୍ପ ଗଲ ବହି ॥

ଶ୍ରୁତିରୁ ସତ ହେଲା ଜାତ | ସତରୁ ରଜ ସମାଯୁକ୍ତ ||
ରଜ ଗୁଣରୁ ପ୍ରକାଶିଲା | ଗୁଣରୁ ତମ ଉପୁଜିଲା ||
ତମରୁ ଜନ୍ମ ହେଲା କାମ | କାମେ ବିବିଧ ଲୋଭ କର୍ମ ||
ଲୋଭରୁ ମୋହ ସଞ୍ଚରିଲା | ମୋହରୁ ମାୟା ପ୍ରକାଶିଲେ ||
ମାୟାରୁ ଜନ୍ମ ହେଲା ବୁଦ୍ଧି | ହିଂସା କପଟ ଛନ୍ଦ ବାଧି ||
ସମାହା ଶ୍ୱେତସିନ୍ଧୁ ଜାଣ | ରଜ ଲୋହିତ ସିନ୍ଧୁ ଶୁଣ ||
ଗୁଣଟି ଲବଣ ସମୁଦ୍ର | ତମଟି ନୀଳ ସିନ୍ଧୁ ଭେଦ ||
କାମ କାରୁଣ୍ୟ ଜଳ ହେଲା | ପ୍ରଳୟ କାଳକୁ ରହିଲା ||
ଲୋଭଟି ଲୋହିତ ସାଗର | ମାୟାରେ ବୁଡ଼ଇ ସଂସାର ||
କ୍ରୋଧରୁ ରୁଧିର ସାଗର | ନାମତା ରକତ ସିନ୍ଦୂର ||
ହିଂସାକୁ ସୁରାସିନ୍ଧୁ କହି | ଶୁଣ ଗୋବିନ୍ଦ ମନଦେଇ ||
ଅନାମ କ୍ଷର ଜାତ ହେଲା | କ୍ଷୀର ସମୁଦ୍ର ଜାତ କଲା ||
ଦୁଗ୍ଧଟି ଦଧିସିନ୍ଧୁ କହି | ସତ୍ୟକୁ ସର ଅର୍ଥ ଲହି ||
ଶୁଣି ଗୋବିନ୍ଦ ତୋଷମନେ | ପଡ଼ି ଅନାଦି ଶ୍ରୀଚରଣେ ||
ହେ ପ୍ରଭୁ ଅନାଦି ଠାକୁର | ବୁଝିଲି ଶବ୍ଦର ସାଗର ||
ଆବର ବାହ୍ୟମତେ କହ | ଶୁଣି ସନ୍ତୋଷ ହେଉ ଦେହ ||
ଭକତ ବଚନେ ଅନାଦି | କହନ୍ତି ବାହ୍ୟ ଅନ୍ତ ଆଦି ||
ଖ ମାତ୍ରା କ୍ଷୀରସିନ୍ଧୁ ହେଲା | ଦମାତ୍ରା ଦଧିକ ଲହିଲା ||
ଲମାତ୍ରା ଲବଣୀ ଶାକର | ଲ ମାତ୍ରା ଲୋହିତ ତିମିର ||
ଲମାତ୍ରା ହିମବର୍ଣ୍ଣ ଆଦି | ରମାତ୍ରା ରକତ ବାରିଧି ||
ସମାତ୍ରା ଶ୍ୱେତସିନ୍ଧୁ ହେଲା | ଅଗାଧ ଶକ୍ତିରେ ରହିଲା ||
ଆକାରେ ଆବୋଶ ରହିଲା | କାରୁଣ୍ୟ ଜଳ ବୋଲାଇଲା ||
ମାତାର ଛଡ଼ରଜ ଧାତୁ | ପିତାର ବୀଜ ସପ୍ତସେତୁ ||
ଶୁଣିଲୁ ଟିକ ହେ ଭକତ | ଶବ୍ଦର ଅର୍ଥ ବାହ୍ୟ ମତ ||
ଶୁଣି ଗୋବିନ୍ଦ କୃତକୃତ୍ୟ | କହିଲେ ଅନାଦି ଅଚ୍ୟୁତ ||

ଆନନ୍ଦେ ଶିରେ କର ଯୋଡ଼ି । ପୁଣି ପଦ୍ମରେ ପାଦେ ପଡ଼ି ॥
ପ୍ରଭୁ ଅନାଦି ଅବଧୂତ । କହ ବ୍ରହ୍ମାଣ୍ଡ ଆଦି ଯାତ ॥
କେମନ୍ତେ ହେଲା ନିର୍ମାପୁର । ଶୁଣି ମୁଁ ଥିବଇ କର୍ଣ୍ଣରେ ॥

ଅନାଦି ଉବାଚ

କହେ ଅନାଦି ବ୍ରହ୍ମବେତ୍ତା । ନିର୍ବ୍ବର ଆଦିଅନ୍ତ କଥା ॥
ବେଦରୁ ଉଦିତ ବ୍ରହ୍ମାଣ୍ଡ । ରଚିଲା ପୃଥ୍ୱୀ ନବଖଣ୍ଡ ॥
ଶ୍ରୁତିରୁ ଶ୍ରୁତି ସଞ୍ଚରିଲା । ମୃତିରୁ ପୃଥ୍ୱୀ ସଞ୍ଚରିଲା ॥
ପୃଥିବୀ ଏକାକ୍ଷର ହେଲା ।ଅବନୀ ମଧ୍ୟରେ ରହିଲା ॥
କେତେ ବେଳରେ କେହି ନାହିଁ । ସହସ୍ର ଯୁଗ ଗଲା ବହି ॥
ପୁଣି ମନରେ ବିଚାରିଲା । ପ୍ରେମ ଯୁଗଳେ ସର୍ବ କଲା ॥
ତେଣୁ ସେ ଯୁଗଳେ ବସିଲା । ତହୁଁଟି ମେଳ ଜାଣିକଲା ॥
ପ୍ରସବ କଲେ ମହାମାଇ । ସପ୍ତ ଫେଣାରେ ଦେଲେଥୋଇ ॥
ସପତ ଫେଣାରେ ରହିଲା । ତିନି ସହସ୍ର ଯୁଗ ଗଲା ॥
ସେ ସ୍ଥାନୁ ନେଇ ବଟପୁଟେ । ଥୋଇଲେ ଆଶ୍ରମ ନିକଟେ ॥
ବଟ ପୁଟରେ ଡିମ୍ବ ରହି । ସହସ୍ରେ ଯୁଗ ଗଲା ବହି ॥
ସେ ଡିମ୍ବ ଭିତରୁ ଯେ ପୁଣି । ହୃଦିତ ସ୍ୱୟଂ କମଳିନୀ ॥
ସେ ଡିମ୍ବ ଭିତରେ ଯେ ଥାଇ । ରୋଦନ ଶବଦ ଶୁଭଇ ॥
ପିତା ଯେ ଜ୍ୟୋତି ନିରାକାର । ତକ୍ଷଣେ ଶୁଣିଲେ କର୍ଣ୍ଣର ॥
ବିଜୟ ବଟପୁଟେ ଯାଇ । ଦେଖିଲେ ତାଙ୍କୁଣି ପିଟାଇ ॥
ଅମୂଲ୍ୟ ରତନ କୁମାରୀ । ରୂପ କୋଟିଏ ସୂର୍ଯ୍ୟ ସରି ॥
ଅନାଦି ଶ୍ରୀମୁଖ ବଚନ । ଭଣେ ଅର୍କ୍ଷିତ ଖିମହୀନ ॥
ନମସ୍ତେ ସାଧୁ ସୁଜ୍ଞଜନ । ସର୍ବଦା ଚରଣେ ଶରଣ ॥

ଇତି ଶ୍ରୀ ନିର୍ବେଦ ସାଧନେ ଗୁରୁଶିଷ୍ୟ ବିଚାରଣେ ସପ୍ତସାଗର
ଆଦିଅନ୍ତ ଚରିତ କଥନେ ନିର୍ପୁଣ ବ୍ୟାଖାନେ ଅନାଦି
ଗୋବିନ୍ଦ ସମ୍ବାଦେ ନାମ ଅଷ୍ଟମୋଽଧ୍ୟାୟଃ ।

# ନବମ ଅଧ୍ୟାୟ

## ଗୋବିନ୍ଦ ଉବାଚ

ଶୁଣି ଭକତ ଅତି ତୋଷେ । ପୁଚ୍ଛଇ ଶ୍ରୀଗୁରୁ ପାରୁଶେ ॥
ଖୋଳର ଭିତରେ ଯେ ଥାଇ । ଆହାର ନିତି ଭୁଞ୍ଜୁ ଥାଇ ॥
କହେ ଅନାଦି ବ୍ରହ୍ମଜ୍ଞାନୀ । ଶୁଣ ଆହାର ଅର୍ଥ ପାଣି ॥
ଗର୍ଭେ ଯେ ଜନ୍ମ ପ୍ରକାଶିଲା । ତାକୁ ପ୍ରସବ ଯେହୁ କଲା ॥
ଯେ ବ୍ରହ୍ମା କର୍ତ୍ତାରୂପେ ହରି । କରତାରୂପେ ବ୍ରତକାରୀ ॥
ଅକ୍ଷରେ ବର୍ତ୍ତିଲେ ନିମିଷେ । ବ୍ୟକତ ବଚନ ନ ଭାଷେ ॥
ସେହି ତାହାର ସଖାମନ । ନିତ୍ୟେ ଦିଅଇ ସୁଧାପାନ ॥
ଯେ ଆଦ୍ୟ ବ୍ରହ୍ମ ନିରାକାର । ଯେତେକେ କଲେ ସେ ବିସ୍ତର ॥
ଆପଣା ନାଭି କମଳରେ । କୋଟିଏ ବ୍ରହ୍ମା ଜାତକଲେ ॥
କୋଟିଏ ବର୍ଷରେ ନିବାରି । ମୁଖ ଗୃହାନ୍ତେ ଗଲା ସରି ॥
ବିସ୍ତର ଜ୍ୟୋତି ନିରାକାର । ରଚନା କଲେ ସେ ବିସ୍ତର ॥
ନାଭି କମଳ ପଦ୍ମଦଳେ । ରଚିତ ଏକମନ କଲେ ॥
ତହିଁ ନିର୍ମିତ ପଦ୍ମବନ । ସୃଜିଲେ ଚଉଦ ଭୁବନ ॥
ସେ ନିତ୍ୟସ୍ଥଳ ଭୁବନରେ । ଚୌଦ ବ୍ରହ୍ମାଣ୍ଡ ଜାତକଲେ ॥
ଏକ ପୁରକୁ ଏକ ବ୍ରହ୍ମା । ଧାତା ପଣରେ ସୃଷ୍ଟି ସୀମା ॥
ଉଦରେ ଚଉଦ ବ୍ରହ୍ମାଣ୍ଡ । ସ୍ଥାପନା କଲେ ଖଣ୍ଡ ଖଣ୍ଡ ॥
ଉଦର କଳପାର ଯେବେ । ବ୍ରହ୍ମାଣ୍ଡେ ସଞ୍ଚରିବ ତେବେ ॥
ମୁଁ ଯୋଗନିଦ୍ରା ଯାଉଅଛି । ସର୍ବ ନିର୍ମିତ କରି ବାଛି ॥
କହି ସେ ଯୋଗନିଦ୍ରା ଗଲେ । ଲକ୍ଷ୍ମୀ ପଯ୍ୟର ମଣ୍ଡାଳଲେ ॥
ସେ ଯେ ଚଉଦ ଗୋଟି ଭାଇ । ଯେ ଯାହା ଭୁବନକୁ ଯାଇ ॥
କଳଣା କଲେ ମନ ସ୍ମରି । ନ ପାରି ଆଦ୍ୟଅନ୍ତ କରି ॥
ଏମନ୍ତ କେତେଯୁଗ ଗଲା । କାହାକୁ ଗୋଚର ନୋହିଲା ॥
କେହୁ ରହିଲା କେଉଁ ଦିଗେ । ନ ଦେଖି ଆଚମ୍ବିତ ସର୍ବେ ॥
ଭ୍ରମି ସେ ପଥଶ୍ରମ ହେଲେ । ରୁଣ୍ଡ ହୋଇଲେ ଏକମେଳେ ॥

ମୁଖକୁ ଚାହିଁ ପୁଚ୍ଛ ପୁଚ୍ଛି । କେବଳ ନ ପାଇଲ କିଛି ॥
ଧନ୍ୟ ଏ ପ୍ରଭୁଙ୍କ ଉଦର । ଅଗାଧ ସପତ ସାଗର ॥
ଯା ତୁମ ମୂଳରେ ନେଦ୍ୱାମୀ । ଗ୍ରହନ ଯତିପନ୍ତ ପୁଣି ॥
ସପତ ସିନ୍ଧୁ ଯାକୁ ଡୋକେ । କାହିଁ ପାଇବା ତାକୁ ଠିକେ ॥
ଏଠାରେ ନ ପାଇଲୁ ଅବା । ଚାଲ ବାହ୍ୟମତେ ଖୋଜିବା ॥
ତହିଁରେ ପାଇଲେ ପ୍ରଭୁର । ତୁମୁରେ କହିବ ଗୋଚର ॥
ଏମନ୍ତ ବୋଲି ବ୍ରହ୍ମାମାନେ । ଯେଝାରେ ଉଠିଲେ ବହନେ ॥
ନାଭିରୁ ହୋଇଲେ ବାହାର । ଭ୍ରମିଲେ ଦିଗ ଦେଶାନ୍ତର ॥
ଏଥୁ ଉତ୍ତରେ କଥା କସ । ଶୁଣ ସୁଜନେ ଦିବ୍ୟରସ ॥
ଯେ ମାତା ଲକ୍ଷ୍ମୀ ଠାକୁରାଣୀ । ପଦ୍ମା ଜାତି କମଳମା ॥
ବସିଛି ବେନଜାନୁ ପର । ବିଷ୍ଣୁର ବେନି ପାଦ ଧରି ॥
କରେ ଚପୁର ମଞ୍ଜାଳଣ । ଯୋଗରେ ମୋହେ ମନ ପୁଣ ॥
ପାଦେ ମର୍ଦ୍ଦନ୍ତେ ବେନି ହସ୍ତ । ହସ୍ତେ ଲଗିଲ ମଳ ଛୁଟ ॥
ଆପଣା ବେନି ହସ୍ତ ମନ୍ଥି । ଏକାନ୍ତେ ମଳ ହେଲ ମେଣ୍ଟି ॥
ବେନି ଶ୍ରୀହସ୍ତ ଛାଡ଼ିଦେଲେ । ପଡ଼ିଲ ଅଗାଧର ଜଳେ ॥
ପଡ଼ନ୍ତେ ବେନିଖଣ୍ଡ ହୋଇ । ମଧୁ କୈଟଭ ନାମ ବହି ॥
ଜଳ ସମାନେ ରଜରସ । ମଳ ହୋଇଲା ବିନ୍ଦୁ ଦୋଷ ॥
ତରୁଣ ରୂପ ପ୍ରକାଶିଲା । ବେନି ବାଳକ ଉପୁଜିଲ ॥
ପିଇଲ ସପତ ସାଗର । ବଳିଷ୍ଠପଣେ ବଳଯୁଝି ॥
ସେ ଯେ ଦନୁଜ ଭାଳ ବେନି । ଜଳ ହୋଇଲ ଆଣ୍ଠୁଆଣି ॥
ତରୁଣ ମୂର୍ତ୍ତି ପରକାଶ । ଉପୁତ୍ତି ସେ ବ୍ରହ୍ମ ରାକ୍ଷସ ॥
ଚଉଦ ବ୍ରହ୍ମ ବୁଲୁଥିଲେ । ଜଗତ ରଚିବାର ଯୋଗେ ॥
ଉଠିଲେ ସେ ବେନିରାକ୍ଷସ । ବିଷ୍ଣୁ ତୁମୁରେ ପରବେଶ ॥
ଲକ୍ଷ୍ମୀଙ୍କି ଦେଖି ବେନି ବୋଇଲେ । ତରତେ ଆହାର ମାଗିଲେ ॥
ଦିଅ ତୁ ସମ୍ପୂର୍ଣ୍ଣ ଆହାର । ପୂରାଅ ଆମ୍ଭର ଉଦର ॥

## ପରମଲକ୍ଷ୍ମୀ ଉବାଚ

ଲକ୍ଷ୍ମୀ ବୋଇଲେ ଶୁଣ ବାବୁ । ଆହାର କସ ଦେଖି ମାଗୁ ॥
ଏଠାରେ ମାଟି ପୃଥ୍ୱୀ ନାହିଁ । ଜୀବ ଜନ୍ତୁହିଁ ଆହନାହିଁ ॥
ମୋତେ ଯେ ଆହାର ମାଗିଲ । କାହୁଁ ଆଣି କରିବ ଠୂଳ ॥
ସିନ୍ଧୁକୁ ପିଇ ଶୁଖାଇଲ । ତହିଁରେ ଶାନ୍ତ ନ ହୋଇଲ ॥
ମୋତେ ତେ ନ ମିଳଇ କଛୁ । କାହୁଁ ଆହାର ଦେବ ବାଛୁ ॥
ଏମନ୍ତ ଶୁଣି ମାତା ମୁଖୁ । ବୋଇଲେ ଖାଇବୁ ତୁମ୍ଭକୁ ॥
ପୁଣି ମନରେ କଲେ ଭ୍ରାନ୍ତ । ଏ ଦୁଷ୍ଟ ଦୈତ୍ୟକୁଳ ଜାତ ॥
ଦୈତ୍ୟକୁ ଗୃହିଁ ଆଜ୍ଞା ଦ୍ୟନ୍ତ । ଚଉଦ ବ୍ରହ୍ମା ବୁଲୁଛନ୍ତ ॥
ତାଙ୍କୁ ଘଉଡ଼ି କର ଗ୍ରାସ । ବହୁରୁଛନ୍ତ ଦଶଦଶ ॥
ମାତାଙ୍କ ମୁଖୁ ଏହା ଶୁଣି । ତକ୍ଷଣେ ସେ ଦାନବ ବେନି ॥
ଚଳଲେ ହେଗ ହେଗାନ୍ତର । ବ୍ରହ୍ମାଙ୍କୁ କଲେ ସେ ଆହାର ॥
ଅଗାଧ ମହା ସିନ୍ଧୁ ଜଳେ । ଧରି ବୁଡ଼ାଇ ରଖି ଦେଲେ ॥
ସପ୍ତ ବ୍ରହ୍ମାଙ୍କୁ କଲେ ଭକ୍ଷ । କେ ବୋଲେ ଆଉଥିବ ଦେଖ ॥
ଭ୍ରମିଲେ ଗୃହେହେଗ କଇ । ଆବର କଛୁ ନ ହେଶଇ ॥
ମନରେ ହୋଇଣ ଉତ୍ସୁକ । ପୁଣି ମିଳଲେ ବିଷ୍ଣୁ ପାଖ ॥
ଆକୁଳେ ମାଗିଲେ ଆହାର । ଆମ୍ଭର ନ ପୂରେ ଉଦର ॥
ଆଧାର ଦେବୁ ହେଲେ ହେଅ । ନୋହିଲେ ଛୁଇଁବୁ ତୋ ଦେହ ॥
ସୁଧା ସମ୍ପୂର୍ଣ୍ଣ ତୋର ଅଙ୍ଗ । ହେଅ ତୁ ରତିରସ ରଙ୍ଗ ॥
ଏମନ୍ତ ବୋଲ କହିଲନ୍ତ । ମାତା ମନରେ କଲେ ଘାତ ॥
ଦୈତ୍ୟେ ବୋଇଲେଶୁଣ ସତ୍ୟ । ଚଳ ଆମ୍ଭର ସଙ୍ଗେ ତୁହି ॥
ଆମ୍ଭେ ତୋହର ପତି ଭଗ୍ନ । କମ୍ପାଇ ମନେ କରୁ ଚିନ୍ତା ॥
ଏମନ୍ତ ଶୁଣି କମଳମା । ଯେ ମହାବିଷ୍ଣୁର ଘରଣୀ ॥
ସେ ପ୍ରଭୁ ପାଦପଦ୍ମ ଚିନ୍ତ । ଭଣଇ ଶ୍ୟାମ ହୀନମତି ॥

ଇତି ଶ୍ରୀ ନିର୍ବେଦ ସାଧନେ କୋଟି ବ୍ରହ୍ମା ଉଦେ ପ୍ରଳୟ ସଂହାରଣ

ବିଷ୍ଣୁ ନାଭି କମଳେ ଷଟଚକ୍ରଭେଦ ଭୁବନ ନିର୍ମିତ ମଧୁକୈଟଭ
ଜନ୍ମ ଚଉଦବ୍ରହ୍ମା ଗ୍ରହଗଣ କଥନେ ଶ୍ରୀ ଅନାଦି
ଗୋବିନ୍ଦ ସମ୍ବାଦେ ନାମ ନବମୋଽଧ୍ୟାୟ

## ଦଶମ ଅଧ୍ୟାୟ

### ଅନାଦି ଉବାଚ

ଏମନ୍ତେ ସେ ବେନ ଦଇତେ । ଗୁହାରି କରି ନାନାମତେ ॥
ବୋଲନ୍ତି ଶୁଣରେ ସୁନ୍ଦରି । ଭର୍ତ୍ତା ତୋ ଯୋଗନିଦ୍ରା କରି ॥
ଶୟନ ମୂଳ ଅହର୍ନିଶି । ନ ଜାଣେ ଦିବା ରବି ଶଶୀ ॥
ଏଥିରେ କି କି ସୁଖ ପାଉ । ଏକା ତୁ ହୋଇ ବସିଥାଉ ॥
କିଛି ନ ପାଉ ପତିରୁଷ । କିଅର୍ଥେ ଗଲା ତୋ ବୟସ ॥
ପତି ତୋ ହେଲା ଯୋଗଧାରୀ । ନ ପାରୁ ସୁଖ ଭୋଗ କରି ॥
ଆସ ଗୋ ତୋତେ ଆମ୍ଭେନେବୁ । ଆମ୍ଭର ଦାସୀ ତୁ ହୋଇବୁ ॥
ବେନି ପୁରୁଷେ ହେବୁ ଯୋଗ୍ୟ । ପାଇବୁ ରତିରସ ଭୋଗ ॥
କହନ୍ତେ ସେ ବେନି ଅସୁର । ଡରେ କମ୍ପିଲେ ଥରହର ॥
ଖତ୍ରୀ ମୂରତି ଯେବେ ହୁଅ । ଜିଣି ପାରିଲେ ମୋତେ ନିଅ ॥
ଏମନ୍ତ କହି ସେ ମୃଗାକ୍ଷୀ । ଗର୍ଭ କମଳେ ଯାଇଁ ଲୁଚି ॥
ନାଭି କମଳ ଚମକିଲା । ବିଷ୍ଣୁର ନିଦ୍ରାହିଁ ଭାଙ୍ଗିଲା ॥
ଚକ୍ଷୁ ମିଳଣ ହେଲେ ଗୁହିଁ । ପାରୁଶେ ଉଭା ଦୈତ୍ୟ ଦୁଇ ॥
ଡାକିଲେ ଶବଦ ଶୁଭଇ । କାହିଁଗଲା ଗୋ ମହାମାଈ ॥
ଥିଲେ ଯେ ନାଭି କମଳରୁ । ତତକ୍ଷଣେ ହୋଇଲେ ବାହାରୁ ॥
ସମ୍ମୁଖରେ ବେନିକର ଯୋଡ଼ି । ଉଭା ହୋଇଲେ କରଯୋଡ଼ି ॥

### ନିରାକାର ଉବାଚ

ଏ ପୁଣି କେବଣ ବୃତ୍ତାନ୍ତ । ସ୍ୱରୂପ କହ ଗୋ ଆଗତ ॥
ଦିଶନ୍ତି ବୀରବେଶ ମୂର୍ତ୍ତି । କାହୁଁ ହୋଇଲେ ଉତପତ୍ତି ॥

## ପରମଲକ୍ଷ୍ମୀ ଉବାଚ

ହେ ସ୍ୱାମୀ ଜଗତ କରତା । ମୋ ପ୍ରାଣ ଗନ୍ତ ପତିଦାତା ॥
ଆପଣ ଯୋଗ ନିଦ୍ରା ଯାଇ । ଚମ୍ବୁର ମଞ୍ଜାଳନ୍ତେ ମୁହିଁ ॥
ଚରଣୁ ଉକୁଟନ୍ତେ ମଳ । ଜଳକୁ ପୋପଡ଼ାଇ ଦେଲ ॥
ପଡ଼ିଲା ହୋଇ ବେନଖଣ୍ଡ । ଜନ୍ମିଲେ ଏ ଦୁଇ ପ୍ରଚଣ୍ଡ ॥
ଶୋଷିଲେ ସପତ ସାଗର । ପ୍ରବେଶ ହୋଇ ସେ ଆଗର ॥
ସମ୍ପୂର୍ଣ୍ଣ ଆହାର ମାଗିଲେ । ନାସ୍ତି କରନ୍ତେ କୋପ କଲେ ॥
ଯେ ବ୍ରହ୍ମା ନାଭି କମଳରେ । ଗର୍ଭ ଚଉଦ ଭୁବନରେ ॥
ଭ୍ରମି ସେ ପଥଶ୍ରମୀ ହେଲେ । କିଛି ଗୋଚର ନ ପାଇଲେ ॥
ବାହାର ମୋତେ ଗଲେ କହି । ଗର୍ଭରେ ଗୋଚର ନ ପାଇ ॥
ବ୍ରହ୍ମା ବୋଲନ୍ତି ଶୁଣ ମାଏ । ଗମନ ବାହ୍ୟ ସୃଷ୍ଟି ଯାଏ ॥
ଯାଇ ଭ୍ରମିଲେ ଦଶଦଶ । ଏମନ୍ତ ବେଳେ ସେ ଭକ୍ଷ ॥
ମୋ ଜାନୁ ଯୁଗଳକୁ ପାଶ । ଆପଣା ପଦ୍ମପାଦ ଧରି ॥
କଲ ଶ୍ରୀହସ୍ତେ ମଞ୍ଜାଳଣ । ଧମନ୍ତ ସମସ୍ତରେ ପୁଣ ॥
କଟାଳ କଲେ ଦୈତ୍ୟ ଦୁଇ । ଚଉଦ ବ୍ରହ୍ମା ଦେଲେ କହି ॥
ସୃଷ୍ଟି ସାଧନ ଉଦ୍ଦେଶ୍ୟରେ । ଭ୍ରମନ୍ତି ଦିଗ ଦିଗନ୍ତରେ ॥
ଯାଅ ତାହାଙ୍କୁ ଧରି ଭକ୍ଷ । ତକ୍ଷଣେ ଉଠି ସେ ରାକ୍ଷସ ॥
ଦଶ ଦିଗରେ ଭ୍ରମି ଯାଇ । ଚୌଦ ବ୍ରହ୍ମାଣ୍ଡ ଦେଲେ ଖାଇ ॥
ସକଳ ଗୋଡ଼ାଇ ଖାଇଲେ । ପୁଣି ସେ ତୁମ୍ଭକୁ ଅଇଲେ ॥
ଆବର ଆହାର ମାଗିଲେ । ଦୃଢ଼ୁ ବଚନ ପ୍ରକାଶିଲେ ॥
ମୋତେ ନେବାକୁ ତାଙ୍କ ମନ । କହି ଉମାଳ କଥାମାନ ॥
ତୁମ୍ଭଙ୍କୁ ଅନେକ ଧିକ୍କାର । କରୁଅଛନ୍ତି ବେନ ବୀର ॥
ତୁମ୍ଭରେ କରିବେ ପ୍ରମାଦ । ଆବର ମାଗୁଛନ୍ତି ଯୁଦ୍ଧ ॥
ସେ ଦୁଇ ଦଇତଙ୍କୁ ମୁହିଁ । ଅଖିଳ ବ୍ରହ୍ମାଣ୍ଡ ଗୋସାଇଁ ॥

## ନିରାକାର ଉବାଚ

ବୋଲନ୍ତି ବୀର ଶୁଣ ତୁମ୍ଭେ । ଯୁଦ୍ଧ କି କରିବ ମୋ ସଙ୍ଗେ ॥

ସଂଗ୍ରାମେ ଯେତେ ଜିଣି ପାରି । ତେଣୁ ମୋ ନେବ ନିଜ ନାରୀ ॥
ତା ଶୁଣି ସେ ବେନି ଦଇତ । ସଂଗ୍ରାମ କରିବୁ ନିଶ୍ଚିତ ॥
ଯୁଦ୍ଧକୁ ହେଲେ ଆଗୁସାର । ବିଷ୍ଣୁ ଯେ ଦେଲେକ ଉତ୍ତର ॥
ଏଠାରେ ନୁହଇ ଅୟୁଧ । ହୋଇବ ମାଲବନ୍ଧେ ଯୁଦ୍ଧ ॥
ଦୈତ୍ୟେ ତା କଲେ ସନମତ । ଆମ୍ଭେ ହୋ ମାରିବୁ ଆଗତ ॥
ଏମନ୍ତ ଶୁଣି ଜଗତ୍‌ଜିତା । ଅଶେଷ ବ୍ରହ୍ମାଣ୍ଡ କରତା ॥
ଅବନୀ ମଣ୍ଡଳକୁ ଚାହିଁ । ଅନାମ ନାମ ହୃଦେ ଧ୍ୟାଇ ॥
ବଢ଼ାଇ ଦେଲେ ଭୁଜ ଦୁଇ । ସହସ୍ରେ ଯୋଜନ ଗଲା ବହି ॥
ଚୌରାଶୀ ଯୁଣ ଦୀର୍ଘ ପ୍ରସ୍ତ । କି ଅବା ଉଦେ ନବ ଷିତି ॥
ଲକ୍ଷ୍ମୀ ରହିଲେ ହୃଦୟରେ । ଦ୍ୱିଶସ୍ତ୍ର ଭୁଜେ ବେନି ଘାରେ ॥
ଧରି ଝିଙ୍କିଲେ ମନ କରି । ଯେସନ୍ତେ ଅଚଳ ମେରୁଗିରି ॥
ଆବର ସିଂହ ରଡ଼ି ଦେଲେ । ଚଉଦ ବ୍ରହ୍ମାଣ୍ଡ କମ୍ପିଲେ ॥
ବାରିଧି ହୋଇଲା ହାଦୋଳାଳ । କେବେ ସେ ନ ପାରିଲା ତୋଳି ॥
ସଂଗ୍ରାମ କଲେ ଶତେବେଳ । ଅଙ୍ଗୁ ବହିଲା ଶ୍ରମଜଳ ॥
ଯା ପାଦତଳେ ସପ୍ତସିନ୍ଧୁ । ଯାର ସୁଜନେ ନାଦ ବିନ୍ଦୁ ॥
ଯାର ହୃଦରେ ତ୍ରିନପୁର । ଉଦୟେ ଚନ୍ଦ୍ର ଦିବାକର ॥
ହାରି ସକଳ ସର୍ବକର୍ମ । ଭୁଜେ ଦିଶନ୍ତି ଯେସନ୍ତେ ଦ୍ରୁମ ॥
ଧରି ସେ ନ ପାରିଲେ ଭିଡ଼ି । ଉଗ୍ର ହୋଇଲେ ଭୁଜ ଛୁଡ଼ି ॥
ବୋଲନ୍ତି ପ୍ରଭୁ ନିରାକାର । ଆୟୁତ ସଂଗ୍ରାମ ଏଥର ॥
ଜାଣିଲେ ସେ ବେନି ରାକ୍ଷସ । ନିଶ୍ଚେ ପରମ ବ୍ରହ୍ମ ପୁଂସ ॥
ନିଶ୍ଚୟ ଆମ୍ଭଙ୍କୁ ମାରିବେ । ଅଗାଧ ଜଳେ ପକାଇବେ ॥
ବୋଇଲେ ପ୍ରଭୁ ମୁଖ ଚାହିଁ । ଶୁଣିମା ଜଗତ ଗୋସାଇଁ ॥
ନିଶ୍ଚେ ନେବ ଆମ୍ଭ ପ୍ରାଣ । ଏଥକୁ ମାଗୁଛୁଁ କାରଣ ॥
ହେ ପ୍ରଭୁ ଏତେ ମାନ୍ୟକର । ଜଳ ନ ଥିବା ଠାରେ ମାର ॥
ଏମନ୍ତ ଶୁଣି ନିରାକାର । ବଢ଼ାଇ ବେନି ଜାନୁକର ॥
ଧରିଲେ ଜାନୁପରେ ଆଣି । ଦାସଙ୍କୁ ନ ଦିଶିଲା ପାଣି ॥

ଲାଗିଲ ସପ୍ତଦ୍ୱୀପ ପରି । ଦୁହିଁଙ୍କି ବେନହସ୍ତେ ଧରି ॥
ଶିର ମୋଡ଼ିଣ ପ୍ରାଣନେଲେ । ଦୁହିଁଙ୍କି ଏକାନ୍ତେ ମର୍ଦ୍ଦିଲେ ॥
କର୍ଣ୍ଣଚଟରୁ କାଢି ମଳ । ପାଷାଣ କଲେ ତହିଁ ମଳ ॥
ବେନ ହସ୍ତରେ ମୂର୍ତ୍ତି ଗଢ଼ି । ସପ୍ତସାଗରେ ଦେଲେ ଛାଡ଼ି ॥
ବହୁଛି ଅଣଗୁଣ ବାଇ । ହେଇଲେ ଠଳ ଠଳ ସେହି ॥
ଅଙ୍ଗରୁ ଉପାଡ଼ିଲେ ଲୋମ । ପୋତିଲେ କରି ମେରୁ ଟମ୍ଭ ॥
ଶୁଣିଲୁଟିକ ହେ ଭକତ । ପୃଥ୍ୱୀ ରଚନା ବିଧିମତ ॥
ଶୁଣି ଗୋବିନ୍ଦ ଛନ୍ନ ଛନ୍ନ । ଭଣେ ପାମର ଖାମ ହୀନ ॥
ନୋହିଲ ନ ବୋଲିବା ସନ୍ଦେ । ଯାହା ବଖାଣ ମୋର ଚିତ୍ତେ ॥

ଇତି ଶ୍ରୀ ନିର୍ବେଦ ସାଧନେ ପୃଥ୍ୱୀରଚନାଜାତକ ଚରିତେ ଜ୍ୟୋତି-
ନିରାକାର ବେନ ଦାନବ ଯୁଦ୍ଧ କରଣେ ଶ୍ରୀ ଅନାଦି
ଗୋବିନ୍ଦ ସମ୍ବାଦେ ନାମ ଦଶମୋଽଧ୍ୟାୟଃ ।

---

## ଏକାଦଶ ଅଧ୍ୟାୟ

ଅନାଦି ବ୍ରହ୍ମା ଉବାଚ

ଶୁଣ ଗୋବିନ୍ଦ ଶୁଦ୍ଧଚିତେ । ମୁଁ ଯାହା କହୁଅଛି ତୋତେ ॥
ଗୃରି ରୁମରୁ ଗୃରିଗିରି । ପୃଥ୍ୱୀରେ ଆଭରଣ କରି ॥
ନଚଳେ ନ ରହେ ବସୁନ୍ଧରା । ଠେଲେ ଲହରୀ ପରଖରା ॥
ସେ ବିଷ୍ଣୁ ଅଙ୍ଗରୁ ଉଦିତ । ସମସ୍ତେ ହୋଇଲେ ବିଦିତ ॥
ତାଳୁକା ଦ୍ୱାର ଶୂନ୍ୟ କଲେ । ଅରୂପାବଟ ଉଆଇଲେ ॥
କର୍ଣ୍ଣିକା ଚଟେ ଚଳବାଇ । ସ୍ଥଳରେ ଉଜାଣି ବୁହାଇ ॥
ବେନ ନୟନେ ଚନ୍ଦ୍ର ସୂର୍ଯ୍ୟ । ଉଦେ ଅସ୍ତରେ କଲେ ଉଜ ॥
ସୂର୍ଯ୍ୟର ତେଜ ଅଗ୍ନି ପ୍ରାୟ । ଚନ୍ଦ୍ରମା ତେଜ ହେମମୟ ॥
କର୍ଣ୍ଣରେ ଶବଦ ବାରଣ । ବେଦମାର୍ଗକୁ କଲେ ଜନ୍ମ ॥
ନାସାରେ ଅଣଗୁଣ ବାଇ । ଜନ୍ମ ସେ ଉଦ୍ଭିଦେ ବହି ।୧୦॥
ମୁଖୁଁ ଅନଳ ଜାତ କଲେ । ଦହନ ଅନ୍ତେ ନିର୍ଭା କଲେ ॥

ହୃଦରୁ ଜାତ ତିନପୁର । ଯେ ସ୍ୱର୍ଗ ପାତାଳ ଭିତର ॥
ସ୍ୱର୍ଗକୁ ଅର୍ଦ୍ଧ ଶୂନ୍ୟ ସ୍ଥାପି । ନକ୍ଷତ୍ର ଦେବାନ୍ତ ନରୋପି ॥
ସକଳ ଆପେ ନିର୍ଭା କରି । କୋଟିଏ ଆପ ନୋହେ ସରି ॥
ପୃଥ୍ୱୀ ହୋଇଛି ଟଳ ଟଳ । କେବେହେଁ ନ ରହେ ନିଶ୍ଚଳ ॥
ଅଙ୍ଗ ରୁମ ସେ କଟଲ ଗିରି । ସ୍ଥିତିରେ ନ ରହେ ବସୁନ୍ଧରୀ ॥
ମନରେ ବିଚାର ପଡ଼ିଲା । ସହସ୍ରଯୁଗ ବହିଗଲା ॥
ଧ୍ୟାନ ଧାରଣା ମନେ ଧରି । ଅବନାକ୍ଷରକୁ ସୁମରି ॥
ବସିଲେ ନିଶ୍ଚଳତ ହୋଇ । ଗଲା ସହସ୍ରେଯୁଗ ବହି ॥
ପ୍ରସନ୍ନେ କିଛି ନ କହିଲା । ଧ୍ୟାନ ଯୋଗକୁ ବଢ଼ାଇଲା ।୨୦॥
ପୁଣି ବସନ୍ତେ ମନ ଦେଇ । ଦ୍ୱିସସ୍ର ବର୍ଷ ଗଲା ବହି ॥
ଚଇଁତରେ କିଛି ନ କହିଲା । ପୁଣି ଯୁଗକୁ ଆରମ୍ଭିଲା ॥
ସାଧନେ ପିଣ୍ଡ ଜନ୍ମ ପାଇ । ତିନିସହସ୍ର ଯୁଗ ବହି ॥
ଯନ୍ତ୍ର ସେ ଯୁଗ ସାଧ ହେଲା । ଶୂନ୍ୟରୁ ଶବଦ ଶୁଭିଲା ॥
କର ତୁ ଯୁଗଳ ମେଳାପ । ଜାତ ହୋଇବେ ତିନିରୂପ ॥
ପ୍ରଥମ ପୁତ୍ର ନାମ ବ୍ରହ୍ମା । ଦ୍ୱିତୀୟ ପୁତ୍ର ବିଷ୍ଣୁ ନାମା ॥
ତୃତୀୟ ପୁତ୍ର ନାମ ହର । ଗୁଡ଼ି ତୁ ଯୋଗଧ୍ୟାନ ଘୋର ॥
ଆସନୁ ଉଠି ନିରାକାର । ବିଜୟ ଲକ୍ଷ୍ମୀ ପ ରୁଣର ॥
ବୋଲନ୍ତି ଆସ ଆଗୋ ସତି । ନେଇ ସେ ଆସ୍ଥାନେ ବସାଇ ॥
ରମଣ କରି କୋଳେ ଘେନି । ପ୍ରଳୟ ହୋଇନ୍ତେ ପାଦୁ ପାଣି ॥
ଯୋଗକୁ ଘେନି କଲେ ରତି । ଜନ୍ମିଲେ ବିନ୍ଦୁ ତିନିମୂର୍ତ୍ତି ॥
ସଂସର୍ଗ କରି ଗର୍ଭଗତ । ଜାଣିଲେ ଜନ୍ମିବ ସଂଜାତ ॥
ତକ୍ଷଣେ ଗୁଡ଼ି ସେ ରମଣ । ଯୋଗ ନିଦ୍ରାରେ ପଦ୍ମଢ଼ଣ ॥
ସ୍ତ୍ରୀତିରୁ ସୂତ ସଂଚରିଲା । ମୂର୍ତ୍ତିରୁ ଜ୍ୟୋତି ପ୍ରକାଶିଲା ॥
ଏକରୁ ଦୁଇମାସ ହୋଇନ୍ତେ । ରୂପ ପ୍ରକାଶ ଗର୍ଭଗତେ ॥
ତିନିରୁ ଚାରି ପାଞ୍ଚମାସ । ପାଞ୍ଚଶାଖାନ୍ତି ପରକାଶ ॥
ଛଡ଼ରୁ ସପ୍ତ ଅଷ୍ଟଯାଏ । ଗର୍ଭରେ ବୁଲୁଥାନ୍ତି ପୋଏ ॥

ଅଷ୍ଟମରୁ ନବମାସ ହେଲା । ସଂପୂର୍ଣ୍ଣ ଦଶମାସ ଗଲା ॥
ପ୍ରସବକଲେ ତିନିସୁତ । ଦେଖିଣ ହୋଇଲେ ଉଷତ ॥
ସେ ତିନି ଏକ ଏକମୂର୍ତ୍ତି । ଗୋଟିଏ ସୂର୍ଯ୍ୟ ତେଜକାନ୍ତି ॥
ସିଦ୍ଧ ସୁଫଳ ଯୋଗ ହେଲା । କଷ୍ଟୁର ନିଦ୍ରା ନ ଭାଙ୍ଗିଲା ॥
ଚକ୍ଷୁ ମଳିଣ ଗୃହିଁଦେଲେ । ମେ ତିନିପୁତ୍ର ପାଦତଳେ ॥
ଦେଖିଣ ମନରେ ଆନନ୍ଦ । ବଶୃର କଲେ ଆଦ୍ୱକନ୍ଦ ॥
ସମାନ ତିନିଗୋଟି ସୁତ । ଅବଶ୍ୟ କରିବେ ଜଗତ ॥
ମନରେ ହରଷିତ ହେଲେ । ନନ୍ଦନ ପାରୁଶକୁ ଗଲେ ॥
ଡିମ୍ବର ଖୋଳନ୍ତି ବାହାର । କୋଳେ ଧରିଅଛୁ ନିରାକାର ॥
କୋଟିଏ କନ୍ଦର୍ପ ମୂରତି । ପ୍ରକାଶ ରୂପବର୍ଣ୍ଣ କାନ୍ତି ॥
ଜାନୁ ଯୌବନରେ ଶୋଭିତ । ବାଳକ ପ୍ରାପ୍ତ ତିନିସୁତ ॥
ବୋଲନ୍ତି ଶୁଣ ଗୋ ଦୁହିତା । ନାମ ତୋହର ଆଦ୍ୟମାତା ॥
ଯାଅ ନନ୍ଦନୀ ତୁ ବହନ । ଆଶ୍ରମ ପୃଥ୍ୱୀର ମଧ୍ୟେଣ ॥
ବହରୁ ଥିବୁ ତଉହଗ । ଯାକୁ ଦେଖିଲେ କର ଭୋଗ ॥
ଏମନ୍ତ ଶୁଣନ୍ତେ ସେ ବାଳୀ । ପିତା ବଚନ ଆଜ୍ଞା ପାଳି ॥
ଚଳିଲା ମର୍ତ୍ତ୍ୟମଣ୍ଡଳକୁ । ଏ ପୃଥ୍ୱୀ ରଚନା ହେବାକୁ ॥
ସୁନ୍ଦରୀ ହୋଇବା ଭୋ ମାତ । ବନ୍ଦୁ ତୁମ୍ଭର ରୂପ ଜାତ ॥
ଶ୍ୟାମଳ ସୁନ୍ଦର ମୂରତି । ବନ୍ଦ ତୁମର ରୂପ କାନ୍ତି ॥
ବନ୍ଦୁ ତୁମ୍ଭର ପଦ୍ମପାଦ । ଗମନ ଗୃଲ ମନ୍ଦ ମନ୍ଦ ॥
ଅତି ସୁନ୍ଦର ବେନିଜାନୁ । କୋମଳ ଶୋଭା ସଞ୍ଚିତନୁ ॥
ବନ୍ଦୁ ସୁନ୍ଦଳ କଟିଭାବ । ଉଦର ପାଖ କର ଯୋଗ ॥
ବନ୍ଦଇ ଉରଜ ଯୌବନ । ଆବର ବକ୍ଷ ଯେ ସମାନ ॥
ବନ୍ଦୁ ତୁମ୍ଭର ହସ୍ତଭୁଜ । କଣ୍ଠ କୋକିଳ ବାଣ ସଜ ॥
ବନ୍ଦୁ ତୋ ଅଧର ଶୋଭିତ । ରଙ୍ଗିମା ବର୍ଣ୍ଣରେ ବହିତ ॥
ଆବର ବନ୍ଦୁ ନାସା ମୁଖ । ଚକ୍ଷୁ ଗୃଭୁଗ କର୍ଣ୍ଣ ଲକ୍ଷ ॥
ବନ୍ଦୁ ତୋ ଲଲାଟ କପାଳ । ଅଣ ଚସରେ ତଳ ହଳ ॥

ଆବର ବନ୍ଧୁ ଗୁରୁ କେଶ । ବତିଶ ଲକ୍ଷଣ ବୟସ ॥
ସମ୍ପୂର୍ଣ୍ଣ ସବ ଅଛୁ ପର । କୋଟି କାମିନୀ ନୋହେ ସର ॥
ଶରଣ ଆଦ ମାତା ପୃଥୀ । କେବଳ ମାଗୁଛୁ ବିନତି ॥
ନମସ୍ତେ ତୁମ୍ଭ ପାଦ ଗତେ । ତିନ ବ୍ରହ୍ମାଣ୍ଡ ଦିଶୁ ମୋତେ ॥
ଯେ ଯାହା ବିଶ୍ରାମରେ ଥିଲେ । ଦେଖିବ ଯେବେ ଜ୍ଞାନଡୋଳେ ॥
କରୁଣ କୃପା ଜଳ ଦେଇ । ପ୍ରସନ୍ନେ ପଦ ଦେବା କହି ॥
ତୁମ୍ଭର ନୋହିଲେ କରୁଣା । କେ ହେବ କବିପଣେ ଜଣା ॥
କବିଙ୍କ ହୃଦେ କର ବାସ । ବି ବୁଦ୍ଧି ସୁବୁଦ୍ଧି ପ୍ରକାଶ ॥
ସମନ ବର୍ଣ୍ଣି ଗୁରୁରସ । ତେଣୁ ନ ଲଗେ ପାପ ଦୋଷ ॥
ରୂପକୁ ଗୃହି ଯୋଡ଼ପଦ । ସାର ଅସାର ସବ ଭେଦ ॥
ନ ଥାଇ ମାପ ଦୋଷ ଭୟ । ଦେହ ସର୍ବଦା ପୁଣ୍ୟମୟ ॥
ଶାହାସ୍ତ ଆମ୍ଭର କରଇ । ତୋ କୃପା ଭିକ୍ଷା କରେ ମୁହିଁ ॥
ଶରଣ ତୋର ପାଦତଳେ । ସଦୟ ଥିବ ସଦାକାଳେ ॥
ଯେତେ ଦିନ ଏ ପିଣ୍ଡେ ପ୍ରାଣ । ସଞ୍ଚିବେ ଶ୍ରୀଗୁରୁ ଗ୍ରଜନ ॥
ତେତେ ପର୍ଯ୍ୟନ୍ତେ ଶାସ୍ତ୍ରଗୀତ । ଜଗତେ କରିବ ବିଦିତ ॥
ତୁମ୍ଭର ଆଜ୍ଞାରେ ଭରସା । ଯେହ୍ନେ ଗୃତକ ମନେ ଆଶା ॥
ସେ ରୂପେ କରଅଛୁ ଦୃଢ଼ । ଭଣେ ଅକ୍ଷିତ ଗ୍ରାମ ମୂଢ଼ ॥
ନିନ୍ଦା ନ ଦେବ ସାଧୁ ସନ୍ଥେ । ଯାହା ଦିଶିଲା ହୃଦଗତେ ॥
କେବଳ ଅନୁଭବ କରି । ପଦଲୋଡ଼ିଇ ଅନୁସରି ॥
ବାଳୁତ ବୟସ ଉତ୍ସୁକ । ଜନ୍ମରୁ ଅଟେ ବାଇ ମୂର୍ଖ ॥

ଇତି ଶ୍ରୀ ନବେଦ ସାଧନେ ନିରାକାର ପିଣ୍ଡ ରଚନେ ଧ୍ୟାନଯୋଗ କଥନେ, ବ୍ରହ୍ମା ବିଷ୍ଣୁ, ମହେଶ୍ୱର ମହାମାନ୍ତ୍ର ଜନନେ ଅନାଦି ଗୋବିନ୍ଦ ସମ୍ବାଦେ ନାମ ଏକାଦଶୋଽଧ୍ୟାୟଃ ।

## ଦ୍ୱାଦଶ ଅଧ୍ୟାୟ

### ଗୋବିନ୍ଦ ଉବାଚ

ହୃଦେ ଭକତ ଚନ୍ଦ୍ରେ ଧାଇ । ହେ ନାଥ ଶୁଣିମା ଗୋସାଇଁ ॥
ସେ ବ୍ରହ୍ମା ବିଷ୍ଣୁ ହର ଜାତ । ସେଠାରୁ ହୋଇଲେ କେମନ୍ତ ॥
ସ୍ୱରୂପ ଶୁଣିଥିବି ମୁହିଁ । ଶ୍ରୀମୁଖ ଫେଡ଼ଦେବା କହି ॥

### ଅନାଦି ଉବାଚ

ଗୋବିନ୍ଦ ବଚନେ ଅନାଦି । ଯେ ବ୍ରହ୍ମା ବିଷ୍ଣୁ ହର ଆଦି ॥
ବୋଲନ୍ତି ଭକତକୁ ଚାହିଁ । ଶୁଣ ତୁ ସାବଧାନ ହୋଇ ॥
ଯେ ବ୍ରହ୍ମା ବିଷ୍ଣୁ ନିରାକାର । କହିଲେ ପୁତ୍ରକୁ ତାଙ୍କର ॥
ତୁମ୍ଭେ ଯେ ତିନିଗୋଟି ଭାଇ । ଏକ ଆରକେ ସମହୋଇ ॥
କେହି କାହାକୁ ନୋହେ ଊଣା । ସମାନେ ବ୍ରହ୍ମାଣ୍ଡ କଳଣା ॥
ମୋହର ଆଜ୍ଞା ହେନ ଯାଅ । ଓଁ କରୁ ଏକାକ୍ଷର ନିଅ ॥
ଯେରୂପେ ଜଗତ ସର୍ଜନା । ସେ ରୂପେ କର ପୁଚ୍ଛାଗୁଣା ॥
ଏକରୁ ଅନେକ ହୁଆଇ । ତିନି ବ୍ରହ୍ମାଣ୍ଡ କର ଯାଇ ॥
ସୃଷ୍ଟି ମୁଁ କଲି ଶତେବାର । ଗିରି ପୋତିଲେ ଚଉଫେର ॥
ତଥାପି ନୋହିଲା ନିଶ୍ଚଳ । ପୃଥ୍ୱୀ ହେଉଛି ଟଳ ଟଳ ॥
ତା ଶୁଣି ବ୍ରହ୍ମା ହରିହର । ତୁମେ ତା ଭୁଞ୍ଜିତ ନ ପାର ॥
ଆମ୍ଭର ବୃତେ କସ ହୋଇ । ଭରସା କରିବୁ କିପାଇଁ ॥
ପାରିଲେ ଯାହା କରମକୁ । ନ ଯାଉଁ ମର୍ତ୍ତ୍ୟମଣ୍ଡଳକୁ ॥

### ନିରାକାର ଉବାଚ

ପୁତ୍ରଙ୍କ ବାଣୀ ଶୁଣି କର୍ତ୍ତେ । କୋମଳ ମଧୁର ବଚନେ ॥
ବୋଲନ୍ତି ଶୁଣସିରେ ସୁତ । ନ ଗଲେ ହୋଇବ କେମନ୍ତ ॥
ପୂର୍ବ ବାସନା ପୁଣ୍ୟ ଥିଲା । ଆମ୍ଭ ବିହିତେ ସଞ୍ଚରିଲା ॥
ତୁମ୍ଭରପାଇଁ ତିନିସୁତ । ତା ପରେ ଏ ଦେହ ଗଞ୍ଜିତ ॥
ତପେ ନିସ୍ତ୍ର ଗଲା ବିହି । ଜନ୍ମିଲେ ତିନିଗୋଟି ଭାଇ ॥
ତୁମ ଭରସା ମୋର ଆଶ । କିପାଇଁ କରୁଛ ନିରାଶ ॥

ଜଗତ ହେ ନଥିଲା ଶୂନ୍ୟ । ତଥିରେ ଚନ୍ଦ୍ର ସୂର୍ଯ୍ୟଗଣ ॥
ନ ଥିଲା ଆପ ତେଜ ବାଇ । ବିଶ୍ରାମ ଆସ୍ଥାନ ନ ଥାଇ ॥
ବସିଲୁ ଧ୍ୟାନମାର୍ଗ ଯୋଗେ । ରଖିଲୁ କର୍ତ୍ତା କର୍ମ ଶୁଭେ ॥
ତୁମ୍ଭେ ଜନ୍ମିତ ନାହିଁ ପୁଣି । ଉଚଲୁ ଏତେ କଥା ଆଣି ॥
ଏଥିଉତ୍ତାରୁ ତୁମ୍ଭେ ଜାତ । ହେବ ଏମନ୍ତେ ପିତା ସୁତ ॥
ପିଅର ବୋଲ ଏବେ କର । ସୃଷ୍ଟିରେ ଯାଇ ଫଶହର ॥
ବଚନ କଲେ ଅବଜ୍ଞାଧି । ହୋଇବ ପିତା ଅପରାଧୀ ॥
ପିତା ଯେ ଗୁରୁଙ୍କ ସମାନ । ଶ୍ରୀଗୁରୁ ପିତା ମାତା ଜାଣ ॥
ଏ ଦୁଇ ଆଜ୍ଞା କଲେ ଭ୍ରାନ୍ତ । ଅନ୍ତକାଳରେ ନର୍କ ଗତ ॥
ଶୁଣିଣ ସେ ତିନ ନନ୍ଦନ । ବିଚାର ହେଲେ ସାବଧାନ ॥
ବୋଇଲେ ଯିବୁଟି ହେ ପିତା । ଦେଉଛ କି କି ପର ବାର୍ତ୍ତା ॥
ପୁତ୍ରଙ୍କ ମୁଖୁ ଶୁଣି ବାଣୀ । ହେ ନାଥ ବ୍ରହ୍ମ ଜ୍ୟେଷ୍ଠ ମଣି ॥
ବିଜୟ ଅବମ ମଣ୍ଡଳେ । ଦ୍ୟୁତି ଓଁକାର ଷର ଠୁଳେ ॥
ବର୍ତ୍ତି ଆଣିଲେ ନିରାକାର । ଦେଲେ ସେ ବ୍ରହ୍ମା ଶ୍ରୀହସ୍ତର ॥
ତକ୍ଷଣେ ତିନଗୋଟି ସୁତ । ନମିଲେ ପିତା ପାଦଗତ ॥
ପିତର ବାଞ୍ଛିଲେ କଲ୍ୟାଣ । ସୃଷ୍ଟି କରତା ତିନଜଣ ॥
ଗଲେ ସେ ତିନଗୋଟି ଭାଇ । ମର୍ତ୍ତ୍ୟ ମଣ୍ଡଳେ ହେଲେ ଯାଇ ॥
ଆଗ ପଛରେ ତିନଜଣ । ଦିଗକୁ କରନ୍ତି ଗମନ ॥
କେତେହେଁ ଦୂର ବହିଗଲ । ହରକୁ ଗୃହିଁ ଆଜ୍ଞାଦେଲେ ॥
ଯାଅ ଏ ସ୍ଥାନୁ ବେଗେ ତୁମ୍ଭ । ସୃଷ୍ଟିକି କଳଆସ ଯାଇ ॥
ସକଳ ବିସ୍ତୃତ ଦେଖିଲେ । ବିଚାର କରିବା ନା ଭଲେ ॥
ଦେଖିଲେ ସାର ବା ଅସାର । କହିବ ଆମ୍ଭର ଆଗର ॥
କର୍ଣ୍ଣେ ଶୁଣିମା ଯେବେ ଆମ୍ଭେ । ବୁଦ୍ଧି ରଚିବା ଅନୁଭବେ ॥
ଯେହୁ ଯାହାଁକ ହେବ ଲକ୍ଷ୍ୟ । କରିବା ସେହିରୂପେ ଯୋଗ ॥
ବହନ ଚଳିଗଲେ ହର । ଭ୍ରମିଲେ ଦିଗ ଦିଗାନ୍ତର ॥
ଯାହାଁ ବହନେ ଗଲେ ହର । ବ୍ରହ୍ମା ଫିଟାଇ ବେଦଦ୍ୱାର ॥

ଫେଡ଼ ସେ ବହିନେ ପଢ଼ିଲେ । କିଛି ଗୋଚର ନ ପାଇଲେ ॥
ନିରେପି ଗ୍ରନ୍ଥ ଅନୁସରି । ଚିହ୍ନା ନ ଗଲା ତଥ୍ୟକରି ॥
ଗ୍ରନ୍ଥିଣ ବୋଲି ଶୋକଭରି । ଅନ୍ତ ନ ମିଳିଲା ଅକ୍ଷର ॥
ବ୍ରହ୍ମା ବିଷ୍ଣୁ ର ହସ୍ତେ ଦେଲେ । ବିଷ୍ଣୁ ହିଁ ପଢ଼ି ନପାରିଲେ ॥
ପୁଣି ବ୍ରହ୍ମାଙ୍କ ହସ୍ତ ଦେଲେ । ବ୍ରହ୍ମା ତା ସାଇତି ଥୋଇଲେ ॥
ବୋଲନ୍ତି ବ୍ରହ୍ମା ବିଷ୍ଣୁ ଦୁଇ । ହରି ସାନୁଜ ଗଲା କାହିଁ ॥
କମ୍ପା ଭୁରତେ ନ ଅଇଲେ । ମନରେ ବିସ୍ମୟ ହୋଇଲେ ॥
ଉଠ ହୋ ଲେଉଡ଼ିଯିବା ଗୃହ । କିସ କରୁଛ ଏତେବେଳେ ॥
ଉଠିଲେ ବ୍ରହ୍ମା ବିଷ୍ଣୁ ଦୁଇ । ଲେଉଡ଼ିଲେ ଗୃହଦିଗେ ଯାଇ ॥
ବିଷାଦ ହୋଇ ଲେଉଟୁଛନ୍ତି । ଈଶ୍ୱର କାହିଁ ନ ଦିଶନ୍ତି ॥
ଯେ ନିରାକାରଙ୍କ ବୃତ୍ତାନ୍ତ । ସେ ମର୍ତ୍ତ୍ୟେ ହୋଇଛ ଉତ୍ପତ୍ତି ॥

ଜାନୁ ଯୌବନର ସମୟେ । ଯୁବା ମୂରତି ରସମୟେ ॥
କାମ କଳ୍ପଣାରେ ଲମ୍ପଟ । କରି ବିବିଧବନ୍ଧ ନାଟ ॥
ଆପଣେ ଭ୍ରମି ଆପେ ହସି । ଆପେ ରସିକ ଆପେ ଦାସୀ ॥
ଶୁକଳ କରି ଚୂରୁ କେଶ । ଆପ ପ୍ରେମରେ ଆପେ ବଶ ॥
କରିଛି କେଳି ବନେ ବାସ । ସେ ବନମଧ୍ୟରେ ବିଳାସ ॥
ବସନ୍ତ ବହେ ଘନ ଘନ । କାମ ଉପୁଜେ ଅନୁକ୍ଷଣ ॥
ଏମନ୍ତ ସମୟରେ ହରି । ପ୍ରବେଶ ହେଲ ବନଠାରି ॥
ଯହିଁ ରହିଛି ଆଦ୍ୟ ମାତା । ଭେଟିଲେ ପୁରୁଷ ହରନ୍ତା ॥
ଦଇବେ ତରୁଣ ବୟସ । ଗଞ୍ଜି ମାରୁଛି ପ୍ରେମରସ ॥
ଆତୁରେ ଧୋଇଲେ ଆଟେହୀଷି । ରତିଯୁଗଳେ ଗଲେ ମିଶି ॥
କାମ ଆରତ ହୋଇ ହରି । ନାରୀଙ୍କୁ ଘେନି ସେ କୋଳରି ॥
କରି ବିବିଧମତେ ରତି । ଶୃଙ୍ଗାର ରସେ ମାତିଛନ୍ତି ॥
ହରି ପୁରୁଷ ଆଦ୍ୟ ଶକ୍ତି । ରାତି ଦିବସ ନ ଜାଣନ୍ତି ॥
ବ୍ରହ୍ମାଦି ବିଷ୍ଣୁ ଥିଲେ କିହି । ସେ କଥା ଦେଲା ପାସୋରାଇ ॥
ପୃଥ୍ୱୀ କଳଣଥିଲେ ଆସି । କାମିନୀ ସଙ୍ଗେ ଛନ୍ତି ରସି ॥

ରସରେ ମତ୍ତଭୋଳ ହୋଇ । ସହସ୍ର ଯୁଗ ଗଲା ବହି ॥
ଏମନ୍ତେ ବ୍ରହ୍ମା ବିଶ୍ୱେଶ୍ୱର । ଯାଇଣ ଭେଟିଲେ ସେ ହର ॥
ସେ ହୁଲ ଯୁଗ କରେ ମିଶି । ଦେଖିଲେ ବ୍ରହ୍ମା ବ୍ରହ୍ମଋଷି ॥
ଅନେକ ଧିକ୍କାର ଯେ କଲେ । ଆଦିମାତାକୁ ଗାଳିଦେଲେ ॥
ବୋଇଲେ ଧିକ ତୋ ଜୀବନ । ଧିକ ତୋ ହସ୍ତ ସ୍ତ୍ରୀ ଜ୍ଞାନ ॥
ଧିକ ତୋର ଯୁବା ଯୌବନ । ସ୍ତ୍ରୀ ଜାତି ତ ତୋର ସ୍ଥାନ ॥
ଏ ସୃଷ୍ଟି କରିବାର ପାଇଁ । ହରକୁ ଦେଲୁ ପଠାଇ ॥
ଏଯେ ତୋହର କସ ବୁଦ୍ଧି । ଭୁଲଇ ରଖିବାର ବିଧି ॥
ଧିକ ତୋର ଏ ପ୍ରକୃତି । କହିବା ପୁଣ ଆଦ୍ୟ ଶକ୍ତି ॥
ବ୍ରହ୍ମାଙ୍କ ମୁଖୁଁ ଏହା ଶୁଣି । ସେ ଆଦ୍ୟ ଶକତି କାମିନୀ ॥
କୋପିତେ ପ୍ରଜ୍ୱଳିତ ହେଲେ । ମୋତେ କପାଇଁ ନିନ୍ଦୁ ବୋଲେ ॥
ଆମ୍ଭର କିଛି ଦୋଷ ନାହିଁ । ତୁ ବ୍ରହ୍ମା ଜାଣିବୁଟି କାହିଁ ॥
ହଇବେ ଅଟୁ ଯୁବାସ୍ତ୍ରୀ ସ୍ତ୍ରୀ । ରତିର ସାଙ୍ଗ ଦେହେ ପୂରି ॥
ଶୃଙ୍ଗାର ରଜବୀର୍ଯ୍ୟ ମୁଖେ । ତୁ ବ୍ରହ୍ମା ନିନ୍ଦାକରୁ କସେ ॥
ମୋର ତାହାର କସ ଦୋଷ । ରଜ ବୀର୍ଯ୍ୟରୁ ଏ ଭବିଷ ॥
ତାହାଙ୍କ ମନ ଆମ୍ଭ ମନ । ଏଥିରେ ଦୋଷ ନାହିଁ ଜାଣ ॥
ତୁ ବ୍ରହ୍ମ ନିନ୍ଦାକଲୁ ଯେବେ । ଯୋନିରେ ଭ୍ରମ ଯୁଗେ ଯୁଗେ ॥
ସର୍ଜନା ନାଥିକୁ ନ ଛୁଡ଼ି । ରଜ ବୀର୍ଯ୍ୟରେ ଥିବୁ ବୁଡ଼ି ॥
ନିନ୍ଦା ତୁ ଧିକ୍କାରେ କଲେ । ସୃଷ୍ଟି କରିବୁ ତାହା ବୋଲେ ॥
ସ୍ତ୍ରୀ ସ୍ତ୍ରୀ ଯେ ଅଗାଧ ସାଗର । ଭବ ଜଳଧି ମହାଦେବ ର ॥
ଆମ୍ଭର ଅନ୍ତ ଯେବେ ପାଉ । ତେବେ ତୁ ଦେବତା ବୋଲାଉ ॥
ସଙ୍ଗ ନୋହିଲେ ଆମ୍ଭପୁରେ । ପୃଥ୍ୱୀ କରିବୁ କି ପ୍ରକାରେ ॥
ବୁଝିବା ତୋର ଧାତାପଣ । ବୋଲି ଚଳିଲେ ନିଜସ୍ଥାନ ॥
ହର ରହିଲେ ମଥା ପୋତି । ସେ ବ୍ରହ୍ମା ବିଷ୍ଣୁ ଦୁଇ ମୂର୍ତ୍ତି ॥
କାହୁଡ଼ି ବହନେ ଚଳିଲେ । ସ୍ଥମୁରେ ପ୍ରବେଶ ହୋଇଲେ ॥
ନମିଲେ ପିତା ପାଦ ଗତ । ଭଣିଲେ ଶ୍ରମ ଅରକ୍ଷିତ ॥

ନିନ୍ଦା ନ ଦେବ ସାଧୁସନ୍ତେ । ଯାହା ବସିଲା ହୃଦଗତେ ॥

ଇତି ଶ୍ରୀ ନିର୍ବେଦ ସାଧନେ ବ୍ରହ୍ମା ବିଷ୍ଣୁ ସୃଷ୍ଟି ମର୍ଜନେ
ହର ଆଦିଶକ୍ତି ଅଙ୍ଗ ସଙ୍ଗ ଚରିତ କଥନେ
ନାମ ଦ୍ୱାଦଶୋଽଧ୍ୟାୟଃ ।

—:o:—

## ତ୍ରୟୋଦଶ ଅଧ୍ୟାୟ

ଶୁଣି ଗୋବିନ୍ଦ ଗଦ ଗଦ । ନମିଲେ ଗୁରୁଙ୍କର ପାଦ ॥
ଯାହା ଶ୍ରୀମୁଖେ ଆଜ୍ଞା ହେଲା । ଶୁଣି ମନରେ ପ୍ରତେ ଗଲା ॥
ସେ ବ୍ରହ୍ମା ବିଷ୍ଣୁ ହର ତିନି । ଅଇଲେ ଏକାକ୍ଷର ଘେନି ॥
ତହୁଁ ପାଇଲେ ଅପଯଶ । ବାହୁଡ଼ି ଗଲେ ପିତା ପାଶ ॥
ଦେଖି ସେ କି ଦେଲେ ଉତ୍ତର । ହେ ସ୍ୱାମି ଶୁଣି ଶ୍ରଦ୍ଧା ମୋର ॥
ସେ ବେଦ ପଢ଼ି ନ ପାରିଲେ । ତେଣୁ ସେ କି ବିଗ୍ରହ କଲେ ॥
ଆବର ସାନୁଜ ଯେ ହର । ନ ଗଲେ ପିତାଙ୍କ ସମ୍ମୁଖର ॥

ଅନାଦି ଉବାଚ

ଭକ୍ତ ବଚନେ ଅବଧୂତ । କହନ୍ତି ଅକ୍ଷର ବହୁତ ॥
ସେ ବ୍ରହ୍ମା ବିଷ୍ଣୁ ବେନିଭାଇ । କହିଲେ ପିତା ଆଗ ଯାଇ ॥
ତୁମ୍ଭ ଆଜ୍ଞାରେ ତିନି ସୁତ । ମେଦିନୀ ରଚିଲେ ଆଗତ ॥
ଗଲୁ ସେ ଏକାକ୍ଷର ଘେନି । ମାତ୍ରହୁଁ ନ ପାରିଲୁ ଚହ୍ନି ॥
ଆବର ସାନୁଜକୁ ଆମ୍ଭେ । ପଠାଇ ଦେଲୁ ଯନ୍ତ୍ର ଶୁଭେ ॥
ଯେବଣ ଆଦିଶକ୍ତି ନାରୀ । ଛନ୍ଦିଲା କାମେ ବଶ କରି ॥
ଭେଟନ୍ତେ ଏ ଭବିଷ ଦେଖି । ହରକୁ ଅଇଲେ ଉପେକ୍ଷି ॥
ଏସନ ପିତାକୁ କହନ୍ତେ । ଆସି ମିଳିଲେ ହର ପନ୍ଥେ ॥
ମିଳିଲେ ପିତାଙ୍କ ଆଗର । ବୋଲେ ଅପ୍ରାଧ କ୍ଷମାକର ॥
ମୁଁ ବଡ଼ ମନ୍ଦ କୃତ୍ୟ କଲି । ମାତୃ ହରଣ ଦୋଷ କଲି ॥
ଏଥକୁ ଯେଉଁ ପ୍ରତିକାର । କି କର୍ମ କଲେ ଦୋଷ ପାର ॥

ଶୁଣି ବୋଲନ୍ତ ନିରାକାର । ଅଜ୍ଞାନେ ଅକର୍ମ ଆଚର ॥
ସ୍ୱଭାବେ ବସ୍ତୁସ୍ୱ କାଳ୍ପିତ । ଚର୍ମିରେ ନାହିଁ ଦୋଷ କୃତ ॥
ଦୋଷରେ ବିଚ୍ଛିର ପ୍ରମାଣ । ଭୁମ୍ବରଠାରୁ ଆଗ ଜନ୍ମ ॥
ଆମ୍ଭର ଅଟେ ସେ ଦୁହିତା । ନାମ ତା ଦେଲୁ ଆଦ୍ୟମାତା ॥
ମେଦିନୀ ସ୍ୱଭାବେ ଚଞ୍ଚଳ । କେବେ ସେ ନୋହିଲା ନିଶ୍ଚଳ ॥
ପେଷିଲୁ ଆମ୍ଭେ ଆଜ୍ଞା କରି । ପୃଥ୍ୱୀରେ ରହିଲା ଆବୋରି ॥
ସମ୍ଭାଳି ରହିଲା ଜଗତ । ତେଣୁ ହୋଇଲା ଆଦ୍ୟମାତ ॥
ସେହି କର୍ମରୁ ଶୁଣ ଶିଷ୍ୟ । ଲଭିଲୁ ମାତୃ ହର ଦୋଷ ॥
ସଂଶୟ ନ କର ତୁ ବାବୁ । କଥାଏ ପଚ୍ଛନ୍ତେ କହିବୁ ॥
ଦେହି ଅଷ୍ଟାଙ୍ଗ ଆଦ୍ୟ ଯୋଗ । ମାତୃହରଣ ଦୋଷ ଯିବ ॥
ବୋଲନ୍ତି ଜ୍ୟୋଷ୍ଠ ବ୍ରହ୍ମଶ୍ରେଷ୍ଠ । ପଢ଼ନା ସିଦ୍ଧିରସ୍ତୁ ପାଠ ॥
ଶୁଣିଣ ସେ ତିନ କୁମର । ଆଜ୍ଞାକୁ ହେଲେ ଆଗୁସାର ॥
ପାଠର ସିଦ୍ଧ ବିଧି କଥା । ଶ୍ରୀମୁଖେ କହିବେ ତୋ ପିତା ॥
କେତେ ଲଗାଇ ଧୂପ ଦୀପ । ସୁମରି ଲେଖିବାକୁ ଜପ ॥
ସ୍ୱରୂପ କେମନ୍ତେ ଜାଣିମା । ସକଳ ବିସ୍ତାର କହିବା ॥

ନିରାକାର ଉବାଚ

ବୋଲନ୍ତି ବ୍ରହ୍ମ ନିରାକାର । ସ୍ନାନ ଶଉଚ ବେଗେ କର ॥
ତାହା ଶୁଣିଣ ତିନିସୁତ । ସ୍ନାହାନ ସାରିଲେ ତୁରିତ ॥
ସ୍ତମ୍ଭରେ ଯାଇ ଉଭା ହେଲେ । ତିନିଙ୍କି କୋଳରେ ଧରିଲେ ॥
ମନ୍ତ୍ର ପଢ଼ିଲେ ବର୍ଣ୍ଣ ଧରି । ବତିଶ ନାମ ଷୋଳକ୍ଷରୀ ॥
କର୍ଣ୍ଣରେ କଲେ ସମାଯୁକ୍ତ । ତକ୍ଷଣେ ଲଭିବେ ମୁକତ ॥
ଓଁ ଅକ୍ଷର ସ୍ୱାହା ଭାବ । ବୋଇଲେ ଲେଖ ଶ୍ରୀସ୍ନାଦେବୀ ॥
ଶ୍ରୀ ହସ୍ତେ ପିତା ଦେଲେ ଲିହି । ପୁତ୍ରେ ଶିଖିଲେ ଦୃଷ୍ଟି ଦେଇ ॥
ଲେଖା ସରନ୍ତେ ନାମ ସ୍ୱାର । ପ୍ରସନ୍ନ କରାଅ ଅକ୍ଷର ॥
ଅନେକ ବିନୟ କରନ୍ତି । ବିଦ୍ୟା ଦିଅ ଗୋ ସରସ୍ୱତୀ ॥
କଣ୍ଠରେ ବିଜେ କର ମାତ । ଯେ ବିଦ୍ୟା ଭାର ପରାପତ ॥

ଯେ ମାତ୍ରା ଯେମନ୍ତ ବିଧାନ । ଲେଖନ୍ତେ ହେବ ପରସନ୍ନ ॥
ବୋଇଲେ ଜ୍ୟୋତି ଅନରୂପ । ଯ ଅକ୍ଷରଟି ଆଗେ ଲେଖ ॥
ପିତା ବଚନେ ପୁତ୍ରେ ହାକ । ଲେଖନ କଲେ ସିଦ୍ଧି ଡାକ ॥
ସିଦ୍ଧିରୁ ବର୍ଣ୍ଣିଲେ ମାତର । ସୂତେ ସାଧିଲେ ସାକ୍ଷ ସାର ॥
ଧିମାତ୍ର ଯେତ୍ନ ଦୃଢ଼ ଧାମ । ଦେଖ ହୃଦୟେ ପୁଣ୍ୟ କାମ ॥
ରରସ୍ଥୁ କ୍ଷର ମାତ୍ରା ଲେଖା । ରାଆ ରକ୍ଷଣେଲିଟି ରାକ୍ଷ ॥
ଭୁ ମାତ୍ରା ତର୍କ ତାନେ ତତ୍ତ୍ୱ । ତତ୍ତ୍ୱ ଆଗୃର ଧର୍ମ ସତ୍ୟ ॥
ଯେ ଅ ଆ କ୍ଷର ମାତ୍ରା ବର୍ଣ୍ଣି । ଏହାଙ୍କୁ କର ଛିନ୍ନ ଭିନ୍ନ ॥
ଅହିଁଂସା କେଉଁ କେଉଁ ଦ୍ରବ୍ୟ । ତେବେ ଜାଣିବ କର୍ମ ସବ ॥
ନିଆଶା ଅତୋଷ ସମ୍ପଦ । ଜାଣ ଅକ୍ଷର ଅର୍ଥ ଭେଦ ॥
ରୁ ଅକ୍ଷର ମାତ୍ରା ବର୍ଣ୍ଣି । ଗ୍ରନ୍ଥ ସାଗର ଗୁରୁଜନ ॥
ଓଁ କାର ଆକାର ବକାର । କାଳିନ୍ଦୀ କୂଳେ ଗିରିଧର ॥
ଉଦୟ ଅସ୍ତସୂତ୍ର ଇତି । ପ୍ରତ୍ୟେକେ ପୃଥ୍ୱୀ ପତ୍ୟଗତି ॥
ଓ ଓ ଅକ୍ଷର ମାତ୍ରାବର । ବିଚ୍ଛନ୍ନେ ଲେଖାରେ ବିହାର ॥
ରାଉ କେ କରଣ କାମୋଦ । ରକ୍ଷରସ୍ତକେ ଆଦ୍ୟ ମଧ୍ୟ ॥
ଲବଣ୍ୟ ଲଳିତ ଲୋଭରେ । ଶରଭ ସୁରଭ ସ୍ୱର୍ଗରେ ॥
ଏ ଅକ୍ଷର ମାତ୍ରା ପଢ଼ । ଅଭ୍ୟାସେ ଧରି ମାତ୍ରା ଧାଡ଼ି ॥
ଇହ ମାତ୍ରା ଯା ହାସ୍ୟ ତେଜ । ହରଣେ କାରଣେ କାମଜ ॥
ଈ ଆମ୍ନାଗତ ପାରସ୍ୱତ । ଆସବ ପାଶରେ ପ୍ରଭାତ ॥
ସେହି ମାତ୍ରାକୁ ପଢ଼ ଯେନ । ଜ୍ୟୋତି ଜଗତକୁ ଧାରଣ ॥
ଆଶା ବକାର ଦ୍ରବ୍ୟସାର । ସାଧୁ ସନ୍ଥକୁ ପ୍ରତିକାର ॥
ଓଁ କାର ବକାର ଫୁକାର । ନିଅଧିଷ୍ଠରେ ବଚନକର ॥
ଯେ ଘଟ ଗତ ପଥ ମଣି । ଶଉରେ ରଖିଥିବ ଜାଣି ॥
ପୁତ୍ରଙ୍କୁ ଗୃହିଁ ନିରାକାର । କହନ୍ତ ପାତକ ବିଗୃର ॥
ସମାତ୍ରା ଜଗତ ସର୍ଜନା । ପମାତ୍ରା ପଣ୍ଡିତ ରଚନା ॥
ବ ମାତ୍ରା କ୍ଷୀର ଜାତ କରି । ବାଳୁତ ମୁଖୋ ଦେବ ଭରି ॥

ବ ମାତ୍ରା ବର୍ତ୍ତିରୁ ବ୍ରାହ୍ମଣ । ନିପୁର ପୃଥ୍ୱୀ ନବଖଣ୍ଡ ॥
ବ ମାତ୍ରା କୁଶଳକୁ ଭଜ । ର ମାତ୍ରା ଶିଳା ସୂତ୍ରେ ହେଜ ॥
ଦ ମାତ୍ରା ଦୟା ଉପୁଜବ । ଖ ମାତ୍ରା କ୍ଷମା ଆଚରିବ ॥
ବ ମାତ୍ରା ଧର୍ମକୁ ସ୍ଥାପିଣ । ବୃକ୍ଷରୁ ଫଳ ଉପୁଜଣ ॥
ପ ମାତ୍ରା ପରମ ସଞ୍ଚର । ଜ ମାତ୍ରା ଜୀବ ଆଦିକର ॥
ବ ମାତ୍ରା ବୀଜବନ୍ଦୁ ଜାଣ । ର ମାତ୍ରା ଭଜରସ ଧ୍ୟାନ ॥
ବ ମାତ୍ରା କାମଜାତ କର । ମୋହରେ ମାୟାକୁ ଆବୋର ॥
କ ଅରୁ କ୍ରୋଧକୁ ଜନ୍ମାଇ । ଅଙ୍ଗେ ଭରିବ ବ୍ରହ୍ମ ନେଇ ॥
ଲଅରୁ ଲୋଭ ଉପୁଜଣ । ଯେ ପାପ ମୃତ୍ୟୁକୁ ଧିଆନ ॥
ତାହା ଭରିବୁ ପଣ୍ଡ ଶୋଧି । ଯେ ଅସ୍ଥି ଚର୍ମମାଂସ ମେଦି ॥
ସକାମ ନିଷ୍କାମ ସମାନ । ଜଳ ପବନ ପାପ ପୁଣ୍ୟ ॥
ପଞ୍ଚମ କ୍ଷରୁ ପାଞ୍ଚମନା । ଏକରୁ କର ଭିନ୍ନା ଭିନ୍ନ ॥
ଯ ମାତ୍ରା ପ୍ରକୃତି ଜନ୍ମାଇ । ସ୍ଥାପିବେ ମନ ପାଶେ ନେଇ ॥
ମନ ଯେ ଅଟେ ମହାରାଜା । ପଚିଶ ପ୍ରକୃତି ପରଜା ॥
ଏହାକୁ ସଙ୍ଗେ ଘେନି ମନ । କରିବ ସ୍ୱଭାବେ ହରଣ ॥
ତ ଅରୁ ତୃପ୍ତିକି ଧରିବୁ । ଏରୂପେ ପିଣ୍ଡକୁ ଗଢ଼ିବୁ ॥
ସଞ୍ଚିବୁ ସୁଧ ମୃତ ସାର । ଫଳ ବଢ଼ାଇବ ଶରୀର ॥
ମାତ୍ରା ଗର୍ଭରେ ଦେବୁ ଠାବ । ପ୍ରସନ୍ନ ଦଶମାସ ଯୋଗ ॥
ମାୟା ଖେଳରେ ନଟକୂଟ । ମାୟାରେ ଛତିଶ ପାଟକ ॥
ଏହାକୁ କିଆଁ କର୍ମ ଆଣି । ଅନ୍ତର କରାଇବୁ ପାଣି ॥

ବ୍ରହ୍ମ ଉବାଚ

ବ୍ରହ୍ମାଏ ବୋଇଲେ ବାପିତା । ଶୁଣି ମୁଁ ହେଲି ଆଶ୍ଚର୍ଯ୍ୟତା ॥
ଦେଇଛ ଏକାଙ୍ଗ ଅକ୍ଷର । ବୋଲ ଛତିଶ ଜାତିକର ॥
ଏକାନ୍ତ ପାଳ ପର୍ତିଭାଗ । କେମନ୍ତେ ନାନାଜାତି ହେବ ॥
ସ୍ୱରୂପ ବିବିଧ ବର୍ଣ୍ଣରେ । ନିର୍ମିତ କେମନ୍ତ ପ୍ରକାରେ ॥

### ନିରାକାର ଉବାଚ

ବୋଲନ୍ତି ଶୁଣରେ ନନ୍ଦନ । ଏ ନିଠ କୂଠର ଭିଆଣ ॥
ମାୟା ସମ୍ମୋହ ଖେଳଘର । ସଦମାର୍ଗକୁ ପରାପର ॥
ଶରୀର ଅର୍ଥ କି କି ଦୋଷ । ଏ ସବୁ ବାହ୍ୟରେ ଭିବଷ ॥
ବୁଝି ପାରିଲେ ମାର୍ଗଜ୍ଞାନ । ଚିହ୍ନିଲେ ସମସ୍ତେ ସମାନ ॥
ସ୍ୱରୂପ ରଚିବୁରେ ବଳା । ଲିଙ୍ଗବୁ ଶ୍ରେଷ୍ଠ ତେଜ କଳା ॥
ବଡ଼ ଲୋକଙ୍କୁ ବଡ଼ ପଦ । ସାନ ଲୋକଙ୍କୁ ସାନ ପଦ ॥
ଯାହାର ବିଧି ଯେଉଁ ମତ । କରିବୁ ବେଦରେ ଆଗତ ॥
ବ୍ରହ୍ମାକୁ କହିଲେ ଡିଆରି । ବିଧାତା ପଣେ ଅଧିକାରୀ ॥
ବିଷ୍ଣୁଙ୍କୁ ବିହିଁ ନିରାକାର । ତୁ ସବୁ ଜୀବ ଅଧିକାର ॥
ସକଳ ଜୀବର କରତା । ବୋଲାଅ ଅନ୍ନ ଜଳ ଦାତା ॥
ଏମନ୍ତ କହି ନିରାକାର । ଡିଆରି ଆତ୍ମାରୁ ଅକ୍ଷର ॥
ସେ ପ୍ରଭୁ ପାଦପଦ୍ମେ ଧ୍ୟାଇ । ଭଣେ ଅଧମ ଭୀମ ଭୋଇ ॥

ଇତି ଶ୍ରୀ ନିର୍ବେଦ ସାଧନେ ବ୍ରହ୍ମା ବିଷ୍ଣୁ ପାଠ ପଠନେ ଅକ୍ଷର
ମାଳା ବର୍ଣ୍ଣନେ ପୃଥ୍ୱୀରଚନା ପିଣ୍ଡାଦି ନିର୍ମିତ ସକଳ ବୃତ୍ତାନ୍ତ
ବୋଧନେ ଶ୍ରୀ ଅନାଦି ଗୋବିନ୍ଦ ସମ୍ବାଦେ
ନାମ ତ୍ରୟୋଦଶୋଽଧ୍ୟାୟଃ ।

---

## ଚତୁର୍ଦ୍ଦଶ ଅଧ୍ୟାୟ

### ଗୋବିନ୍ଦ ଉବାଚ

ଶୁଣ ଭକତ ଅତି ତୋଷ । ପୁଚ୍ଛଇ ଶ୍ରୀଗୁରୁ ପାରୁଶ ॥
ହେ ପ୍ରଭୁ ବ୍ରହ୍ମାଣ୍ଡ ନାୟକ । ନାମ ଅନାଦି ସିଦ୍ଧ ଜପ ॥
ତୁମ୍ଭର କୃପାରେ କାରଣ । ହେବ ଜଗତ ଉଦ୍ଧାରଣ ॥
ସେ ବ୍ରହ୍ମା ବିଷ୍ଣୁ ତିନି ପୁଅ । ଗଲେ କି ନାହିଁ ତାହା କହ ॥

### ଶ୍ରୀ ଅନାଦି ଉବାଚ

ଭକ୍ତ ମୁଖରୁ ଏହାଶୁଣି । ସେ ଯେ ଅନାଦି ମହାଜ୍ଞାନୀ ॥

ଶୁଣ ଗୋବିନ୍ଦ ଶୁଦ୍ଧଚେତା । ସେ ପୂର୍ବ ଆଦିଅନ୍ତ କଥା ॥
ସେ ନିରାକାର ବ୍ରହ୍ମ ହରି । ପୁତ୍ରଙ୍କୁ ଅନେକ ତିଆରି ॥
କହିଲେ ସକଳ ବୁଝାଇ । ଶୁଣ ଗୋବିନ୍ଦ ମନ ଦେଇ ॥
ପିଅର ବୋଲନ୍ତି କୁମର । ଅନାଦି ଶ୍ରୀଗୁରୁ ତୁମ୍ଭର ॥
ତାଙ୍କୁ ସୁମର ହୃଦଗତେ । ମନ ପବନ ଧ୍ୟାନ ଚିତ୍ତେ ॥
ପ୍ରସନ୍ନ ହୋଇବେ ଅବଶ୍ୟ । କହିବେ ବଡ଼ ଉପଦେଶ ॥
ବ୍ରହ୍ମା ବୋଲନ୍ତି ଶୁଣ ତାତ । କେମନ୍ତେ ଜାଣିବୁ ତା ଅନ୍ତ ॥
କହିବ ତହିଁର ଯେ ସ୍ଥିତି । ଯେଉଁ ଠାରେ ରହିଛନ୍ତି ॥
ପିତା ବୋଇଲେ ଶୁଣ ବାବୁ । ଚହ୍ନିବ ଏହିଠାରେ ସବୁ ॥
ସେ ଯେ ଅନାଦି ଅବଧୂତ । ଧରନ୍ତି ଭିନ୍ନ ଭିନ୍ନ ମତ ॥
ତାହାଙ୍କୁ ଆମ୍ଭର ଭଜନା । କୃପାରେ ଆମ୍ଭେ ଜନ୍ମ ସିନା ॥
ରୂପ ଅରୂପ ରସମାନ । ବିକାର ନାହିଁ ଭିନ୍ନାଭିନ୍ନ ॥
ତାଙ୍କ ମହିମା କହି ନୋହି । ଶୂନ୍ୟ ମଣ୍ଡଳେ ଛନ୍ତି ରହି ॥
ସକଳ ଜୀବରେ ସମାନ । ନାମ ଅନାଦି ଭଗବାନ ॥
ବ୍ରହ୍ମାଙ୍କୁ କହି ଦିବାକର । ଶୁଣିଣ ସେ ତିନି କୁମର ॥
ହେ ପିତା ଆଜ୍ଞା ଦିଅ ତୁମ୍ଭେ । ମର୍ତ୍ତ୍ୟମଣ୍ଡଳେ ଯିବୁ ଆମ୍ଭେ ॥
ପୃଥ୍ୱୀକି କରିବୁଁ କାରଣ । ଭଜି ଅନାଦି ନାରାୟଣ ॥
ବ୍ରହ୍ମା ବିଷ୍ଣୁଙ୍କୁ ଆଜ୍ଞା ଦେଲେ । କହନେ ଯାଅରେ ବୋଇଲେ ॥
ପିତାଙ୍କୁ କରି ନମସ୍କାର । ତକ୍ଷଣେ ହୋଇଲେ ବାହାର ॥
ପିତା କଲ୍ୟାଣ ବାଞ୍ଛା କଲେ । ଆଶିଷ ପଦ ତାଙ୍କୁ ଦେଲେ ॥
ଚଳିଲେ ବ୍ରହ୍ମା ବିଷ୍ଣୁ ହେନ । ପ୍ରବେଶ ହୋଇଲେ ମେଦିନୀ ॥
ହର ରହିଲେ ପିତାପାଶ । ପୁଚ୍ଛିଲେ ଯୋଗର ଆଦେଶ ।
ହେ ପ୍ରଭୁ ଯୋଗର ବିଗ୍ରହ । କେଉଁ ସାଧନା ବିଧିତାର ॥
ପୁତ୍ର ବଚନ ଶୁଣି ପିତା । କହନ୍ତି ଯୋଗଧର କଥା ॥
ଶୁଣ ଈଶ୍ୱର ମନଦେଇ । ଅଷ୍ଟାଙ୍ଗ ଯୋଗ ଦେବା କହି ॥
ଭୂମିରେ ଆସନ ତୋଳିବୁ । ମନ ଚଞ୍ଚଳ ନ କରିବୁ ॥

ପିଣ୍ଡକୁ କରି ନବପୃଥ୍ୱୀ । ମଧ୍ୟରେ ହୋମକୁଣ୍ଡ ଗୋଟି ॥
ସ୍ଥାପିବୁ ଅନାହତ ଧ୍ୱନି । ପଚିଶ ପ୍ରକୃତିକି ଘେନି ॥
ଧରି ପକାଇ ଅଗ୍ନି କୁଣ୍ଡ । ଯୋଗରେ ରଖିଥିବ ପିଣ୍ଡ ॥
ସାଧନା କରିଥିବ ଭେଦ । ବ୍ରହ୍ମ ପ୍ରକୃତି କି ସମିଧ ॥
ଦୃଢ଼ ଆସନ ଧ୍ୟାନ ମୂଳ । ପିଣ୍ଡ ନୋହିବ ଟଳ ଟଳ ॥
ଦେହର ଲୋମ ନ ହଲିବ । ଘଣ୍ଟିକା ଜିହ୍ୱା ନ ହଲିବ ॥
ନାସା ପବନ ନ ଫେରିବ । ଚକ୍ଷୁ ଟମକ ନ ମାରିବ ॥
ଆଉରି ଏ ମେରୁ ଦଣ୍ଡକୁ । ନୁଆଁଇ ନ ଭାଙ୍ଗିବ ତାକୁ ॥
ସାଧନା କରି ବେନି ଚକ୍ଷୁ । ଉଲଟାଇବ ଉତ୍ତରକୁ ॥
ସାଧନେ ମେରୁଦଣ୍ଡ ସବୁ । ଏହାକୁ ଓଲଟି ରଖିବୁ ॥
ଯେ ଗଙ୍ଗା ଯମୁନା ତ୍ରିବେଣୀ । ଓଲଟି ବହିବ ଉଜାଣି ॥
ଶୁଖି ରହିବ ଅନ୍ତ ପିତ୍ତ । ସାଧନା ହେବ ପରାପତ ॥
ନିଶ୍ଚଳେ ଚଞ୍ଚଳକୁ କାଟି । ହୃଦରେ ପକାଇବୁ ଗଣ୍ଠି ॥
କାମକୁ କରିବ ଦହନ । ଯୋଗ ସାଧନେ ନେବ ଧନ ॥
ନବ ଦ୍ୱାରରେ ମୁଦ ଦେଇ । ଶୂନ୍ୟ ଦ୍ୱାରକୁ ଥିବୁ ଚୁହିଁ ॥
ନାମ ତା ଅଜପା ଅଜାତ । ତହିଁ ହୋଇଛି ଉପଗତ ॥
ଅବନା ମଣ୍ଡଳ ସଞ୍ଚରି । ଲାଗିଛି ସୂତା ଖିଅ ପରି ॥
ତ୍ରିକୂଟ ମହା ସନ୍ଧି ବାଟ । କେଶ ପ୍ରମାଣେ ବ୍ରହ୍ମ ମୋଟ ॥
ବିଶ୍ରାମ ନୋହେ ଏକଠାଇଁ । ତାହାର ହବା ନିଶି ନାହିଁ ॥
ତାହାକୁ ପରତେ ତୁ କରି । ମାତା ହରିଣୁ ହେବୁ ପାରି ॥
ଜୀବ ନିର୍ମଳ ହେବ କାଯ୍ୟେ । ରହିବୁ ଜ୍ୟୋତି ଲିଙ୍ଗ ପ୍ରାୟେ ॥
ହରଣ ଦୋଷ ଯିବ ପାରି । ରହିବୁ ଯୁଗ ଯୁଗାନ୍ତରି ॥
ସାଧି କରିବୁ ସର୍ବସିଦ୍ଧି । ଏ ଯେ ଅଷ୍ଟାଙ୍ଗ ଯୋଗବିଧି ॥
କରି ନିଶ୍ଚଳଠାରେ ବସା । ସୁଖ ଭୋଗରେ ନାହିଁ ଆଶା ॥
ନିରତେ କରି ଯୋଗଧର । ବାଞ୍ଛୁ ଭବରେ ଅଧିକାର ॥
ଯେହ୍ନେ ତୋ ଭକତ ସେବାକୁ । ଭକତ ବାଞ୍ଛା ତୁଛା ତାକୁ ॥

ଧନ ବାଞ୍ଛିଲେ ଧନ ଦେବୁ । ପଣ ଇଚ୍ଛିଲେ ପଣ ଦେବୁ ॥
ମଙ୍ଗଳ ବାଞ୍ଛା ଶୁଦ୍ଧ ମନ । କୋଳକୁ ଦେବୁ ପୁତ୍ର ଦାନ ॥
ଦୁଃଖ କଷ୍ଟରେ ଯେହୁ ଖିନ୍ନ । ତାହାର ଫେଡ଼ିବୁ ଦୁର୍ଗତି ॥
ଯେ ତୋର ସେବାକୁ କୁଶଳ । କାମନା କରିବୁ ସଫଳ ॥
କରିବୁ ପରାପର ନାହିଁ । ସର୍ବ ଜୀବକୁ ଥିବୁ ଚାହିଁ ॥
କଲୁ ସମର୍ପେ ଅଧିକାର । ନଦେଲେ ତୋତେ ନାହିଁପାର ॥
ଯାହାର ଯେମନ୍ତ ଭକତି । କରିବୁ ସେହିରୂପେ ଗତି ॥
ବୁଝାଇ କହିଲ ନନ୍ଦନ । ଯେ ବିଧି ଯେମନ୍ତେ ବିଧାନ ॥
କହିଲ ଯୋଗର ବିଶ୍ୱାସ । ଯାଅ ତୁ ବ୍ରହ୍ମା ବିଷ୍ଣୁ ପାଶ ॥
ଅନାଦି ହେବେ ପରସନ୍ନ । କହିବେ ସକଳ ବିଧାନ ॥
ସେ ପ୍ରଭୁ ସର୍ବଜ୍ଞ ପୁରୁଷ । ଆପେ ରଚିଲେ ଦଶଦିଶ ॥
କରିବ ଜଗତ ସର୍ଜନା । ସେ ବେନଭାଇ ତୁମ୍ଭେ ତିନା ॥
ଶାସ୍ତ୍ରେ ଜଗତ ରଞ୍ଜନ । ଯିବ ତ ଏକାମ୍ର କାନନ ॥
ତହିଁ କରିବୁ ଯୋଗ ସିଦ୍ଧ । ଛାଡ଼ିବ ଦୋଷ ପାପବଧ ॥
ପିତାକୁ କଲେ ନମସ୍କାର । କଲ୍ୟାଣ କଲେ ନିରାକାର ॥
ବହନ ଚଳିଲେ ସେ ହର । ସେ ବ୍ରହ୍ମା ବିଷ୍ଣୁ ପାରୁଶର ॥
ପାଶେ ପ୍ରବେଶ ହେଲେ ଆସି । ତପ ସାଧନେ ଛନ୍ତି ବସି ॥
ହର ବସିଲେ ତହିଁ ଯାଇଁ । ସେ ତିନ ଆତ୍ମାରୂପ ଧ୍ୟାଇ ॥
ଧ୍ୟାଇ ବସନ୍ତେ ସପ୍ତ ଯୁଗ । କମ୍ପିଣଗଲା ତିନ ଭାଗ ॥
ଏ ପୃଥ୍ୱୀ ସ୍ୱଭାବେ ଚଞ୍ଚଳ । ତହୁଁ ଅଧିକେ ଟଳ ଟଳ ॥
ଆମ୍ଭର ଆସ୍ଥାନ କମ୍ପିଲା । ମନକୁ କାତର ଲାଗିଲା ॥
ତଳକୁ ଦୃଷ୍ଟି ଦେଲୁ ଚାହିଁ । ତପଧ୍ୟାନରେ ତିନଭାଇ ॥
ତପରେ ନାମ କଲେ ଲୟ । ଆମ୍ଭର ମନ ନାହିଁ ଥୟ ॥
ଆସି ମିଳିଲୁ ତାଙ୍କଠାରେ । ସେ ବ୍ରହ୍ମା ବିଷ୍ଣୁ ତିନମୂର୍ତ୍ତି ॥
ଉଭା ହୋଇଲୁ ଆମ୍ଭେ ଯାଇ । ତପରୁ ଉଠି ତିନଭାଇ ॥
ଚରଣେ କଲୁ ନମସ୍କାର । ନମସ୍ତେ ଅନାଦି ଈଶ୍ୱର ॥

ନମସ୍ତେ ଜ୍ୟୋତି ମନହର । ନାମ ତା ଅଗାଧ ସାଗର ॥
ଜୟ ଅନାଦି ବ୍ରହ୍ମ ଜ୍ୟୋତି । ତୋହର ନାହିଁ ରୂପକାନ୍ତି ॥
ଅକାମ ଅରୂପକୁ ଧାଇ । ସେ ବ୍ରହ୍ମା ବସ୍ତୁ ତିନଭାଇ ॥
ଜୟ ତୁ ଅନାଦି ଅରୂପ । ଭଣେ ପାମର ଖାମ ମୂର୍ଖ ॥
ସୁଜନେ ନିନ୍ଦାକର ଯେବେ । ଯାହା ଦଶିଲ ଅନୁଭବେ ॥

ଇତି ଶ୍ରୀ ନିର୍ବେଦ ସାଧନେ ବ୍ରହ୍ମା ବସ୍ତୁ ନିର୍ମାଣେ ନିରାକାର
ବିଦାଘ୍ୱେ ହରିୟ ଅଷ୍ଟାଙ୍ଗ ଯୋଗ ସମର୍ପଣେ
ନାମ ଚତୁର୍ଦ୍ଦଶୋଽଧ୍ୟାୟ ।

—ঃ০ঃ—

## ପଞ୍ଚଦଶ ଅଧ୍ୟାୟ

ବ୍ରହ୍ମା ଉବାଚ

ଜୟ ତୁ ଶୂନ୍ୟ ମଣ୍ଡଳାଧି । ଭକତ ବତ୍ସଳ ବାରଧି ॥
ଜୟ ତୁ ଅଜପ ଅନାମ । ସଗୁଣ ନିର୍ଗୁଣ ସମାନ ॥
ଜୟ ଅରୂପ ଅବକାଶ । ସର୍ବଜୀବରେ ଅଛ ପୂରି ॥
ଜୟ ତୁ ସର୍ବଜ୍ଞ ପୁରୁଷ । ଭକତ ଭାବେ ହୁଅ ବଶ ॥
ଜୟ ତୁ ବ୍ରହ୍ମାଣ୍ଡ କରତା । ଗୁରୁ ବାନ୍ଧବ ପିତା ମାତା ॥
ଜୟ କରୁଣା କୃପାସିନ୍ଧୁ । ଅନାଥ ଜନଙ୍କର ବନ୍ଧୁ ॥
ତିନି ବ୍ରହ୍ମାଣ୍ଡରେ ନୃପତି । ଉଚାର ବ୍ରହ୍ମା କଲେ ସ୍ତୁତି ॥
ଜୟ ତୁ ମହାଶୂନ୍ୟ ରୂପି । ସଦା ଆନନ୍ଦ ଶୂନ୍ୟ ବ୍ୟାପି ॥
ଭକତ ଶରବନ୍ଧୁ ବାନା । ଜୟ ଅନାଦି ଅକଳ୍ପନା ॥
ଜୟ ଅନାଦି ବ୍ରହ୍ମମୟ । ଅଜନ୍ମ ଅମୃତ୍ୟୁ ଅକ୍ଷୟ ॥
ଜୟ ତୁ ଜ୍ୟୋତି ନାରାୟଣ । ଭକତ ଜନକୁ ତାରଣ ॥
ଅନେକ ହୋଇଲେ କାରୁଣ୍ୟ । ସ୍ତୁତି ଉଚାରି ଭଗବାନ ॥

ଋଷଭ ଉବାଚ

ଜୟ କରୁଣା କୃପାନିଧି । ଶୁଭ ଯୋଗରେ ସର୍ବ ସିଦ୍ଧି ॥

ଜୟ ତୁ ଅନାଦି ଅଚ୍ୟୁତ । ଅନାଦି ଅବିକାର ମତ ॥
ଅଖିଳ ଅବନୀ ଅକ୍ଷର । ଭକତଜନକୁ ଉଦ୍ଧାର ॥
ହରି ଉଚ୍ଚାରି କଲେ ସ୍ତୁତି । ଚରଣେ ନମି ତିନି ମୂର୍ତ୍ତି ॥
ତହୁଁ ଉଠିଲେ ତିନିଯାଇ । ଶିରରେ କରପଦ୍ମ ଦେଇ ॥

ଅନାଦି ଉବାଚ

ଆମ୍ଭେ ଅଇଲୁ କି କାରଣେ । ଆମ୍ଭଙ୍କୁ ଚିନ୍ତା କଲ ମନେ ॥
କି କଥାଲାଗି ଏଡ଼େ ତପ । କହ ହେ କେବଣ ସ୍ୱରୂପ ॥
ଶୁଣି ସେ ବ୍ରହ୍ମା ବିଷ୍ଣୁ ତିନି । କହନ୍ତି ମନେ ମନେ ଗୁଣି ୨୦ ॥
ହେ ପ୍ରଭୁ ବ୍ରହ୍ମାଣ୍ଡର ତାତ । ଆମ୍ଭଙ୍କୁ କଲ ଅବରତ ॥
ଆବର ସୃଷ୍ଟିର ରଚନା । ଆମ୍ଭଙ୍କୁ ଲଗୁଅଛି ବଣା ॥
କି ରୂପେ କରିବୁ ଜଗତ । ଏଥକୁ ଆଜ୍ଞାଦିଅ ତାତ ॥
ଶୁଣି ସନ୍ତୋଷ ହେଲୁ ଆମ୍ଭେ । ଉପାୟେ କଲୁ ନାନା ରଙ୍ଗେ ॥
ଶୁଣି ଗୋବିନ୍ଦ ଶୁଦ୍ଧଚି-ତ୍ତ । ମୁଁ ଯାହା କହୁଅଛି ତୋତେ ॥
ନିଷ୍କାମ ଭାବବଳେ ମୁହିଁ । ଅପୋଡା ଭୂମି ମଧ୍ୟେ ଯାଇ ॥
ଅନାମେ ଖୋଜି କପାଁ ଗଞ୍ଜି । ଅପୋଡ଼ା ଭୂମିଖଣ୍ଡ ସାଜି ॥
ବେନି ପାଦକୁ କଲୁ ହଳ । ଜାନୁକୁ ନିବାଡ଼ି ଲଙ୍ଗଳ ॥
ମନୟନ୍ତ୍ରକୁ କଲୁ ଲୁହା । ଧ୍ୟାନକୁ କଲୁ ଶିଳ ପୁଆ ॥
କେଶକୁ ଦଉଡ଼ି ବଳିଲୁ । ଚିଆ ଚୈତନ୍ୟ ଯୋତିକଲୁ ॥
ହୃଦପଦ୍ମରୁ କାଢ଼ି ଈଶ । ଅର୍ଥ ଯୁଆଳି ପରକାଶ ॥
ଏମନ୍ତେ ସର୍ବସ୍ୱ ତିଆରି । ପାଣି କାଟିଲୁ ଚୃଷ କରି ॥
ହସ୍ତରେ ଧରି କପାମଞ୍ଜି । ପକାଇ ପାଦେ ମାଟି ମେଞ୍ଜି ॥
ରୂପିଲୁ ଆଦ୍ୟ ଅନ୍ତ କରି । ଲେଖା ପ୍ରମାଣେ ତିନିମାରି ॥
ଅଧିକ ମାଡ଼ି ଗଲା ନଈ । ଅଧିକ ଉଆଁ ନିଯୁତଇ ॥
କପା ଫୁଟିଲା ତିନି ନଳ । ତାହା ଶ୍ରୀହସ୍ତେ କଲୁ ତୁଳ ॥
ଦେଲୁଁ ବ୍ରହ୍ମାଙ୍କ ହସ୍ତେ ନେଇ । ବ୍ରହ୍ମା ହୋଇଲେ କପାଟାଇ ॥
ବିଷ୍ଣୁ ହୋଇଲେ ତୁଳାଭିଣା । କରିଲେ ସମସ୍ତେ ତୁଳଣା ॥

ଶୁଣ ତୁ ତର୍ନ୍ନିର ବ୍ୟବସ୍ଥା । ହର ଯେ ହସ୍ତେ କାଟି ସୁତା ॥
ଅନାଦି ହସ୍ତେ ଦେଲେ ସୁତା । ଆମ୍ଭେ ହୋ ଧର୍ଚ୍ଛିଲୁ ପଇତା ॥
ଦଶ କର୍ମକୁ ଦଶଖିରି । ଧର୍ଚ୍ଛିଲୁ ନବଗୁଣ କରି ॥
କଲୁ ପଇତା ତିନ ଗୋଟି । ଧାତା ନାମରେ ପାରି ଗଣ୍ଠି ॥
ଶୋଧିଲୁ ବ୍ରହ୍ମାବାକ୍ୟ କରି । ପଇତା ଦେଲୁ ମନ୍ତ୍ର କରି ॥
ବ୍ରହ୍ମାଙ୍କ ହସ୍ତେ ଦେଲୁ ନେଇ । ସେ ବ୍ରହ୍ମା ବିଷ୍ଣୁ ହସ୍ତେ ଦେଇ ॥
ବିଷ୍ଣୁ ଈଶ୍ୱର ହସ୍ତେ ଦେଲେ । ବ୍ରହ୍ମାଙ୍କୁ ଦିଅ ହୋ ବୋଇଲେ ॥
ଦେଖି ଅନାଦି ବ୍ରହ୍ମମୟୂ । ଆଗ ବ୍ରହ୍ମାଙ୍କୁ ତୁମ୍ଭେ ଦିଅ ॥
ନାମ ବହିବ ବେଦପତି । ସର୍ଜିବ ନାଥ ପରସୃଷ୍ଟି ॥
ସେ ବେନି ହରିହର ମୂର୍ତ୍ତି । ବ୍ରହ୍ମାକୁ ପଇତା ଦିଅନ୍ତି ॥
ବ୍ରହ୍ମ ପଇତା ପଢ଼ି କାନ୍ଧେ । ବେଦ ଉଚ୍ଚାର କଲେ ତୁଣ୍ଡେ ॥
ବିଷ୍ଣୁଙ୍କୁ ଦେଲେ ବ୍ରହ୍ମା ହରି । ପଇତା ପକାଇ କାନ୍ଧରି ॥
ସେ ବ୍ରହ୍ମା ବିଷ୍ଣୁ ବେନିଧାତା । ହରକୁ ଦେଲେ ସେ ପଇତା ॥
ଏକ ଯେ ଆରେକକୁ ବୋଲି । ତିନି ହୋଇଲେ କୋଳାକୋଳି ॥
ମିଳିଲେ ଆମ୍ଭର ସ୍ଥମ୍ଭର । ଚରଣେ କଲେ ନମସ୍କାର ॥
ଆଶିଷ କଲ୍ୟାଣ ବାଞ୍ଛିଲୁ । ମଥାରେ ହସ୍ତ ମାରିଦେଲୁ ॥
ପୁଚ୍ଛିଲେ ଆମ୍ଭର ଆଗତ । ଏ ତୀର୍ଥ ବ୍ରତ କର୍ମ ମତ ॥
ଆମ୍ଭେ ବୋଇଲୁଁ ଶୁଣ ବାବୁ । ଆମ୍ଭ ଆଜ୍ଞାରେ ହେଲ ସବୁ ॥
ଆଜ୍ଞାରେ ସପତ ସାଗର । ବେଢ଼ି ରହିଛି ଚଉଫେର ॥
ଆଜ୍ଞାରେ ଉଦେ ଚନ୍ଦ୍ର ସୂର୍ଯ୍ୟ । ଅଗ୍ନି ପବନ ଆପ ତେଜ ॥
ଆଜ୍ଞାରେ ଉଚ୍ଚାରିବ ବେଦ । ପୃଥ୍ୱୀ କରିବ ଶିବ ସିଦ୍ଧ ॥
ବେଦବାକ୍ୟରେ ଗୃହମଠ । ଆଜ୍ଞାରେ ଗୃହଦ୍ୱାର ବାଟ ॥
ଆମ୍ଭ ଆଜ୍ଞାରେ ଅଷ୍ଟଗିରି । ସ୍ଥାପିବ ବେଦବାକ୍ୟ ଧରି ॥
ହରି ବ୍ରହ୍ମାଦି ବିଷ୍ଣୁ ଶୁଣ । କହିବା ଅଷ୍ଟଗିରି ପୁଣ ॥
ଯେ ସୁବଳସ୍ଥା ମୀଳଗିରି । ହେମ କଟିନା ଆଦି କରି ॥
କ ହେମଗିରି ଦେବଗିରି । ମନ୍ଦର ଗୋବର୍ଦ୍ଧନ ଗିରି ॥

ଗଙ୍ଗା ଯମୁନା ସରସ୍ୱତୀ । ବହିବ ମେରୁ ସ୍ରୋତ ଫୁଟି ॥
ଚାରି ଦୁଆରେ ଚାରିଯନ୍ତ । ଆବୋରି ଧରିଥିବ ପୃଥ୍ୱୀ ॥
ପଶ୍ଚିମ ଦ୍ୱାରରେ ଅନନ୍ତ । ଦକ୍ଷିଣ ଦ୍ୱାରେ ଜଗନ୍ନାଥ ॥
ଉତ୍ତର ଦ୍ୱାରେ ରାମଚନ୍ଦ୍ର । ପୂର୍ବଦ୍ୱାରରେ କୃଷ୍ଣଚନ୍ଦ୍ର ॥
ଏକ ଆରେକ ଚାରିଦ୍ୱାରି । ଦିବାନିଶିରେ ଉଜାଗରି ॥
ଜଗତ ମଧ୍ୟେ ତିନିଭାଇ । ବେଦବାକ୍ୟରେ ସର୍ବ ଲହି ॥
ଏକରୁ ଅନେକ କରିବ । ଗଢ଼ିବ ନାନା ଜନ୍ତୁଜୀବ ॥
ତୁ ବ୍ରହ୍ମା ଧାତା କଳାଦେଇ । ବିଷ୍ଣୁ ପାଳଣ କଳା,ଲହି ।
ହର ପ୍ରଳୟ ତେଜ ଦେବ । ତିନିଏ ପିଣ୍ଡକୁ ଗଢ଼ିବ ।
ବ୍ରହ୍ମା କରିବ ଆଦ୍ୟସୃଷ୍ଟି । ବିଷ୍ଣୁ କରିବ ଉତପତ୍ତି ॥
ଈଶ୍ୱର କରିବ ପ୍ରଳୟ । ତ୍ରିଗୁଣେ ସଞ୍ଚରିବ ଦେହ ॥
ତୁ ବ୍ରହ୍ମା ବେଦ ବାକ୍ୟ ଘୋଷି । ଜାତ କରିବୁ ଦିବା ନିଶି ॥
ବିଷ୍ଣୁ କରତା ଦାତା ହେବ । ସର୍ବ ଜୀବକୁ ପଢ଼ଦେବ ॥
ହର ପ୍ରଳୟ ବୋଲାଇବ । କୂଟ କପଟେ ସଂହାରିବ ॥
ସର୍ଜନା ଦକରେ ତୁ ଶନ୍ତା । ଲଟିବ ରଜବୀଜ ହନ୍ତା ॥
ତୁ ବିଷ୍ଣୁ ନ କଲେ ପାଳଣ । ଲଟିବ ଜୀବ ହତ୍ୟାମାନ ॥
ତୁ ହର ନ କଲେ ସଂହାର । ହୋଇବୁ ପାତାଳ ବମ୍ବର ॥
ଆମ୍ଭେ ଅନାଦି ବ୍ରହ୍ମଜ୍ଞାନୀ । ଛପନାକୋଟି ଜୀବ ଯୋନି ॥
ତାହା ବିଷ୍ଣୁଙ୍କ ହସ୍ତେ ଦେଲୁଁ । ସେ ମୋହ ଜାଲ ସମର୍ପିଲୁ ॥
ବିଷ୍ଣୁଙ୍କୁ ଅନ୍ନ ଦାତା ଭର । ବାଉନ କୋଟି ଯେ ଭଣ୍ଡାର ॥
ତାହା ବିଷ୍ଣୁରି ହସ୍ତେ ଦେଲୁ । ସମର୍ପି ବୁଝାଇ କହିଲୁ ॥
ସକଳ ଜୀବର ଠାକୁର । ନ ଦେଲେ ତୋତେ ନାହିଁ ପାର ॥
ହରକୁ ପ୍ରଳୟ ପ୍ରଚଣ୍ଡ । ଦେଲୁ କାରୁଣ୍ୟ ଜଳ ଭାଣ୍ଡ ॥
ଶୁଣିଲୁ ଠିକ ହୋ ଭକତ । ପୃଥ୍ୱୀ ରଚନା ଗତାଗତ ॥
ସକଳ ସମର୍ପଣ କଲୁଁ । ଶୂନ୍ୟାଦି ମଣ୍ଡଳେ ରହିଲୁ ॥
ସତ୍ୟ ଯୁଗରେ ବିଶ୍ୱେଶ୍ୱର । କଲୁ ବାମନ ଅବତାର ॥

ତହିଁରେ କତିଷ୍ଟ ଦିନ ଗଲା । ତ୍ରେତୟା ପ୍ରବେଶ ହୋଇଲା ॥
ପୃଥ୍ୱୀକି ହେଲା ଭାରାଭର । ରଚିଲୁ ରାମ ଅବତାର ॥
ତହିଁରେ ଦିନ ବହିଗଲା । ଦ୍ୱାପର ପ୍ରବେଶ ହୋଇଲା ॥
ଲହିଲୁ କୃଷ୍ଣ ଅବତାର । ଗୋପୀ କାମନା କରି ପାର ॥
କଳିଯୁଗରେ ମତଶାନ୍ତି । ବଉଦ୍ଧ ରୂପେ ଉତପତ୍ତି ॥
ଚାରିପାଦରେ ଧର୍ମ ଥିଲା । ବୁଡ଼ିଣ ହବଂନାଶ ଗଲା ॥
କଳିଯୁଗରେ ଏକପାଦେ । ମିଛରେ ବୁଡ଼ିଯାଉ ସର୍ବେ ॥
ଜାଣିଲୁ ମନେ ଧ୍ୟାନ କରି । ଧର୍ମ ଗଲାଣି ସବୁ ସରି ॥
ନ ସହି ଭକ୍ତଙ୍କ ଆରତ । ସତ୍ୟରେ ହେଲୁ ଉପଗତ ॥
ଆମ୍ଭର ଅବିକାର ମତ । ଦୀକ୍ଷା ବହିଲୁ ଅବଧୂତ ॥
ଭକ୍ତେ ଯେ ପାଇଲେ କଷଣ । ମୋହର ସୁଖ ନାହିଁ ମନ ॥
ଭକ୍ତଙ୍କୁ ଉଦ୍ଧାରିବା ପାଇଁ । ମୋହର ଦିବାନିଶି ନାହିଁ ॥
ନରତେ ଧର୍ମକୁ ସାଧନ । ଧୂନିକ କରାଇ ଉଦ୍ୟମ ॥
ମୋ ନାମ ଅନାଦି ପୁରୁଷ । ତୋ ଆଗେ କହିଲୁ ବିଶ୍ୱାସ ॥
କାହୁଁ ଚିହ୍ନିବେ ମୋତେ ନର । ଦୀକ୍ଷାକୁ ନିନ୍ଦନ୍ତି ଅପାର ॥
ଶୁଣି ଗୋବିନ୍ଦ ତୋଷମନ । ଭଣେ ଅର୍ଷିତ ଶ୍ୟାମସ୍ଥାନ ॥

ଇତି ଶ୍ରୀ ନିର୍ବେଦ ସାଧନେ ଗୁରୁଶିଷ୍ୟ ବିଗୃରଣେ ବ୍ରହ୍ମା ବିଷ୍ଣୁ
ହରବ୍ରତ କରଣ ଚରିତେ ଅନାଦି ମହାଶୂନ୍ୟରୂପୀ ପୃଥ୍ୱୀ
ଆତଯାତ ବିଧିମତ କଥନେ ଶ୍ରୀ ଅନାଦି ଗୋବିନ୍ଦ
ସମ୍ବାଦେ ନାମ ପଞ୍ଚଦଶୋଽଧ୍ୟାୟଃ ।

* * *

# ଷୋଡ଼ଶ ଅଧ୍ୟାୟ

ଗୋବିନ୍ଦ ଉବାଚ

ହେ ପ୍ରଭୁ ଅନାଦି ଅଶେଷ । ଭକତ ରକ୍ଷଣେ ବିଶ୍ୱାସ ॥
ଭକ୍ତ ଭୟକୁ ବଜ୍ର ସେହ୍ନା । ବହିଛ ଅବଧୂତ ବାନା ॥

ହେ ପ୍ରଭୁ ଦୟାଳୁ ପୁରୁଷ । କହ ଭକ୍ତଙ୍କ ଉପଦେଶ ॥
ଶ୍ରୀମୁଖୁ ଶୁଣିଥିବ ମୁହିଁ । କହିବ ସଂଶୟ ଫିଟାଇ ॥

### ଅନାଦି ଉବାଚ

କହେ ଅନାଦି ବ୍ରହ୍ମଜ୍ୟୋତି । ଭକତ ଜଗତଙ୍କ ପ୍ରୀତି ॥
ଆମ୍ଭେ ହେ ଅନାଦି ଈଶ୍ୱର । ମର୍ତ୍ତ୍ୟେ ହୋଇଲୁ ଅବତାର ॥
ଜଗାଇ ଜମ୍ବୁଦ୍ୱୀପେ ଧୂନ । ଶବଦେ ଚେତିଲେ ସୁଜ୍ଞାନ ॥
ନିଷ୍କାମେ କଲେ ସେ ଭଜନା । ଯେତେଡ଼ ଭକ୍ତଙ୍କୁ ହେଲ ଜଣା ॥
ଏ କଳି ଯୁଗେ ଯେତେ ନର । ଅବିଜ୍ୟ ଅଧର୍ମ ଆଚାର ॥
ଧର୍ମକୁ ନିନ୍ଦନ୍ତି ବହୁତ । ତିଳ ମାତ୍ରକେ ଯିବେ ହତ ॥
ଧର୍ମ ଅଧର୍ମ ନ ଜାଣିଣ । କୂଟ କପଟେ ନେଲେ ଧନ ॥
ଶୂନ୍ୟ କଳାରୁ ଯେତେ ଜାତ । ସେ ହେବେ ଆମ୍ଭର ଭକତ ॥
ଯେ ଦେହେ ବସ୍ତୁ ତେଜ ନାହିଁ । ସେ ମୋତେ ଜାଣିବଟି କାହିଁ ॥
ଅନେକ ଯୁଗ ବହିଗଲା । ଆସିଣ ଅଷ୍ଟମନୁ ହେଲା ॥
ନବମନୁରେ ଉତପତ୍ତି । ସରିବ ସଂସାର ବିଭୂତି ॥
ନାମ ନିନ୍ଦିବେ ଯେତେ ଲୋକ । ନର୍କରେ ହେବେ କୀଟପୋକ ॥
ନ ଜାଣି ଗୁରୁ ନିନ୍ଦା କଲେ । କଷ୍ଟ ମିଳଇ ଅନ୍ତଃକାଳେ ॥
କଳି ଯୁଗର ଭାବ ଦେଖ । ମେଳଛ ପ୍ରାୟେ ସର୍ବ ଲୋକ ॥
ଭକ୍ତକୁ ବିଘ୍ନ ଉପୁଜାଇ । କହିବେ ଉପହାସ୍ୟ ଦେଇ ॥
କରିବେ ମନକୁ ବିମୁଖ । ହୃଦରେ ନ ଧରିବେ କୋପ ॥
ସହିବେ ପୃଥ୍ୱୀ ପ୍ରାୟେ ହୋଇ । ନାମ ବ୍ରହ୍ମରେ ଚିତ୍ତ ଦେଇ ॥
ସେହୁ କରିବେ ଦ୍ୱନ୍ଦ ବାଦ । ମନରେ ନକର ସମ୍ବାଦ ॥
ଆମ୍ଭେ କପାଇଁ ଶାପ ଦେବା । ତାଙ୍କ ଇଚ୍ଛାରେ ପ୍ରାଣଯିବା ॥
ଆମ୍ଭର ଅବିକାର ମତ । ପାଳିବେ ଯେବଣ ଭକତ ॥
ସମର୍ଥ ହେଲେ ଭଜୁଥାଇ । ନୋହିଲେ ଅପସରି ଯାଇ ॥
କାହାକୁ ଯାଚିଦେବା ନାହିଁ । ନାମ କି ବିକାକିଣା ହୋଇ ॥
ଅନେକ ଯୁଗ କ୍ଷୟ ଯିବ । ଏ ମୋର ନାମ ରହିଥିବ ॥

ନାମଟି ଗୁରିଯୁଗେ ସତ୍ୟ । ନାମ ନଥାଇ କେଉଁ କୃତ୍ୟ ॥
ଜଗତଜନ କଲେ ନିନ୍ଦା । ଭୂଲି ନୋହିବୁ ଶତେ ଧନ୍ଦା ॥
ନାମକୁ ଧରିଥିଲେ ଭିଟି । ସଂଶୟୁ ପକାଇବୁ କାଟି ॥
ନାମଟି ଅମୂଲ୍ୟ ରତନ । ସରି ନୁହିଁଇ ତ୍ରିଭୁବନ ॥
ଅନୁଭବର ଜ୍ଞାନଭେଦ । ସରି ନୁହିଁଇ ଚୁରିବେଦ ॥
ମନେ ଚତୁରି ଥିଲେ ଭଜ । ସାହସେ ପାଇବୁକ ଖୋଜ ॥
ହେଲେ ତୁ ଅବଧୂତ ସୁତ । ପାଇବୁ ବ୍ରହ୍ମଜ୍ଞାନ ତତ୍ତ୍ୱ ॥
ବ୍ରହ୍ମଟି ଅକର୍ମ ଅକ୍ଷୟ । ସଦା ସର୍ବଦା କର୍ମ କ୍ଷୟ ॥
ନାମର ନାହିଁ ଆଦିଅନ୍ତ । କି ଜାଣି ଭଜିବେ ଭକତ ॥
ଶକ୍ତି ନପାରି କରି ହେଜା । ମନରେ ହେଉଥିବେ ଦୁଯା ॥
ନ ଶକ୍ତି ନପାଇବେ ଅନ୍ତ । ବୋଲିବେ ନୋହେ ଜ୍ଞାନସତ୍ୟ ॥
ଯେ ମୋତେ ନକରେ ଭଜନା । ତାହାର ମନ ବଡ଼ ସିନା ॥
ସୁଖେ ନ ଦେଉ ସୁଖଭୋଗ । ଦୁଃଖିତ ପଣେ କରୁ ଯୋଗ୍ୟ ॥
ସୁଖେ ନ ଦେଉ ଜଳ ଅନ୍ନ । ଦଗଧି କରୁଥାଉ ମନ ॥
ଏଡ଼େ କଷଣେ ଭକ୍ତ ଯେବେ । ନାମକୁ ଭଜଇ ସମ୍ଭବେ ॥
ହୃଦ ପଦ୍ମରେ କରି ଜପ । ଧ୍ୟାନ କରଇ ମୋର ରୂପ ॥
ଯାହାକୁ ଯାହା ଦେଇ ମୁହିଁ । ହର ବ୍ରହ୍ମାହିଁ ନ ଜାଣଇ ॥
ଭକତ ମୋହର ଜୀବନ । ଆମ୍ଭେ ନ କରୁ ଭିନ୍ନାଭିନ୍ନ ॥
ସେହି ଖଟିଲେ ଆମ୍ଭେ ଖଟୁ । ସମାନ ଗୁରୁଶିଷ୍ୟ ଅଟୁ ॥
ଦୁହିଁଙ୍କ ଜାଣ ଏକ ପ୍ରାଣ । ଭକ୍ତରେ ନ କରିବା ରଣ ॥
ହାଡ଼ି ଚଣ୍ଡାଳ ପଛେ ହେଉ । ମୋହର ନାମ ଭଜୁଥାଉ ॥
ତାର ହୃଦରେ ମୋର ବାସ । କରଇ ଜ୍ଞାନ ପରକାଶ ॥
ତେଣୁ ପବନ ତାରକାୟେ । ଛନ୍ଦ କପଟେ ମନ ନୋହେ ॥
କହଇ ନାମ ଗଙ୍ଗାନଦୀ । ତହିଁ ମୁଁ କରେ ଜ୍ଞାନ ସିଦ୍ଧି ॥
ବାହ୍ୟ ଅନ୍ତରେ ମୋ ଭକତ । ଧରେ ଅନ୍ତଥି ଦାଷା ମତ ॥
ସକଳ ଗୃହେ ଅନ୍ନ ଭୁଞ୍ଜି । ମୁଁ ଯହିଁ ଦେଉଥାଇ ଖଞ୍ଜି ॥

ଏ ଧର୍ମ କରେ ମୋ ଭକତ । ଆମ୍ଭେ ହୋ କରୁ ସେହିମତ ॥
ସେହି ଆମ୍ଭକୁ କରେ ସେବା । ଆମ୍ଭେ ତାହାଙ୍କୁ କରୁ ସେବା ॥

ଗୋବିନ୍ଦ ଉବାଚ

ଶୁଣି ଭକତ ମନେ ତୋଷ । ପୁଚ୍ଛଇ ଶ୍ରୀଗୁରୁଙ୍କ ପାଶ ॥
ହେପ୍ରଭୁ ଜଗତ କରତା । କହିଲ ଉଚିତ ଏ କଥା ॥
ତୁମ୍ଭ ସେବାରେ ଯେହୁଥାଇ । ନ ପାରି ଯେବେ ଛାଡ଼ିଦେଇ ॥
ତାହାକୁ କି ଭକତି ହୋଇ । ହେ ପ୍ରଭୁ ମୋତେ ଏହା କହ ॥

ଅନାଦି ଉବାଚ

କହନ୍ତି ଅନାଦି ପୁରୁଷ । ଭକ୍ତି ଅଭକ୍ତି କଥାରସ ॥
ଶୁଣ ଗୋବିନ୍ଦ ମନଦେଇ । ମୋର ସେବାରୁ ଯେ ଛାଡ଼ଇ ॥
ଇହ ପରରେ ନାହିଁ ଭଲ । ତା ସର୍ବ କର୍ମ ଅମଙ୍ଗଳ ॥
ସାଧୁ ବିବେକ ସୁଜ୍ଞଜନ । ତାଙ୍କୁ କରନ୍ତି ଅପମାନ ॥
ମିଶି ନ ପାରେ କେଉଁଠାରେ । ହସନ୍ତି ଦେବଗଣ ତାରେ ॥
ନାମ ଛାଡ଼ିଲେ ଅପରାଧୀ । ନ ଗଚ୍ଛେ ସତ୍ୟ ଧର୍ମ ବିଧି ॥
ଆବର ହୋଏ ଗୁରୁଦ୍ରୋହୀ । କୀଟ ପତଙ୍ଗେ ତାକୁ ଲିହି ॥
ସଂସାରେ ଥାଇ ଯେତେଦିନ । ଚଞ୍ଚଳ ପବନ ପ୍ରାୟ ମନ ॥
ମାୟା ଭ୍ରମରେ ହୋଇ ବାଇ । ସୁବୁଦ୍ଧି ଚେତନା ହରାଇ ॥
ସ୍ନେହ ନ ବଢ଼ଇ କାହାରେ । ନ ଥାଇ ପର ଉପକାରେ ॥
ତାହାଙ୍କୁ ଆମ୍ଭେ ହୋ ନଦେଖି । ତେଣୁ ବୋଲଇ ମହାପାପୀ ॥
ମର୍ତ୍ତ୍ୟ ପାତାଳେ ନାହିଁ ଠାବ । ଆବର କାହିଁ ସ୍ୱର୍ଗ ଭୋଗ ॥
ନେଉ ପରିସ୍ୟେ ପ୍ରାଣରଖେ । ପଡ଼ନ୍ତି ନରକ କୁମ୍ଭୀ ପାକେ ॥
ଶୁଣିଲୁ ଟିକି ହୋ ଗୋବିନ୍ଦ । ନାମ ଛାଡ଼ିବା କୃତ୍ୟ ମନ୍ଦ ॥
ଜଗତଲୋକ ନ ବୁଝନ୍ତି । ନାନାବିଧ ପ୍ରକାରେ ନିନ୍ଦନ୍ତି ॥
ଆମ୍ଭ ନାମ ଅନନ୍ତ ନାହିଁ । ତେଣୁ ବୋଲଇ ମହାମାଇ ॥
ବୋଲନ୍ତି ମିଛା ନୋହେ ସତ୍ୟ । କିସ ପାଇବେ ଆମ୍ଭ ଅନ୍ତ ॥
ନ ଚିହ୍ନି ହେଉଥାନ୍ତି ବାୟା । ନିରତେ କରୁ ଥାଉ ମାୟା ॥

ଆମ୍ଭର ଦୀକ୍ଷା ଯେ ଧରଇ । ସେହୁ ଆମ୍ଭଙ୍କୁ ଭେଟ ପାଇ ॥
ସେ ପଛେ ଦିଗମ୍ବର ନୋହୁ । ଗୃହରେ ରହି ଜପୁ ଥାଉ ॥
ତାର ପୁରକୁ ଆମ୍ଭେ ଯାଉଁ । କ୍ଷଣେ ହୋଇଲେ ଦଣ୍ଡେ ରହୁ ॥
ଦେଖ ତା ନିଷ୍କାମ ଭକତି । ଆମ୍ଭେ ନ ଛାଡ଼ୁ ତାଙ୍କ କତି ॥
ଏମନ୍ତ ଭାବେ ହେ ଗୋବିନ୍ଦ । ଆମ୍ଭେ ଭକତ ଜଡ଼ ବନ୍ଧ ॥
ଯାହା ବାଞ୍ଛିଲେ ତାହାପାଇ । ଲୋଡ଼ିଲେ ଭକ୍ତ ନ ମିଳଇ ॥
ଭକ୍ତ ଆମ୍ଭର ପ୍ରାଣହିତ । ତେଣୁ ତା ଭାବରେ ମୋହିତ ॥
ଅନେକ ବ୍ରହ୍ମା ଇନ୍ଦ୍ର କଲୁ । ଚନ୍ଦ୍ର ସୂର୍ଯ୍ୟଙ୍କୁ ଭିଆଇଲୁ ॥
କେହି ନ ଜାଣିଲେ ମୋ ଭାବ । ମୋହେ ପଡ଼ିଣ ହେଲେ ସର୍ବ ॥
ଯେହୁ ନ ଜାଣେ ନାମଲେଶ । ନିରତେ ଥାଉ ତାର ପାଶ ॥
ଭକ୍ତକୁ ପଡ଼ିଲେ ବିପତ୍ତି । ଜ୍ଞାନଖଡ଼ଗେ ଦେଉଁ ଛେଦି ॥
ଛନ୍ଦ କପଟ ହୃଦେ ନାହିଁ । ତେଣୁ ନିର୍ମଳ ତାର ଦେହୀ ॥
ନିରତେ ଗାଉଥାଇ ନାମ । ତାକୁ ଦେଖିଲେ ଡରେ ଯମ ॥
ନିଷ୍ଠା ନିଷ୍କାମ ତାର କାୟା । ନ ଲଗେ ଜନ୍ମ ମୃତ୍ୟୁ ମାୟା ॥
ନାମେ ଭକ୍ତଙ୍କୁ କରୁ ବଡ଼ । କିସ ଜାଣିବେ କାହୁଁ ମୂଢ଼ ॥
ପାପ ପୁଣ୍ୟକୁ ନ ବିଚାରି । କହନ୍ତି ଫୁଲପଣ କରି ॥
କହି ଉଦଣ୍ଡ କରିଥାନ୍ତି । ଭକତ ଦୀକ୍ଷାହିଁ ଖଣ୍ଡନ୍ତି ॥
ଗୋବିନ୍ଦ ଏ ମାୟା ସଂସାର । ଅଗାଧ ସମୁଦ୍ର ସାଗର ॥
ସିନ୍ଧୁ ଲହଡ଼ି ପ୍ରାୟ ମାୟା । ଭସାଇ ନେଉଅଛି କାୟା ॥
ଏଥିକି ଜାଣି ବୁଝିଥିବୁ । ଭଜନେ ହେଳା ନ କରିବୁ ॥
ଲହଡ଼ାଦେବ ବେଳୁବେଳ । ଘୋଟି ଆସୁଛି ଭବଜଳ ॥
ଏ କଳିଯୁଗ ଲୋକଠାରେ । ସଙ୍ଗତ ନୋହିବ କାହାରେ ॥
କହିଲେ ଆଦିବ୍ରହ୍ମ ଜ୍ୟୋତି । ଗୋବିନ୍ଦ ସମ୍ପାଦେ ଜାଗ୍ରତି ॥
ସେ ଗୁରୁ ଶିଷ୍ୟଙ୍କ ଗୁମର । ଭଣେ ଅର୍ଜିତ ଧାମ ଛାର ॥
ସୁଜନେ ନ ଧରିବ ଦୋଷ । ଅଟେ ମୁଁ ବାଳୁତ ବୟସ ॥

ଇତି ଶ୍ରୀ ନିର୍ବେଦ ସାଧନେ ଭକ୍ତ୍ୟଭକ୍ତ ଭାବ ଚରିତ କଥନେ ଶ୍ରୀ ଗୁରୁଶିଷ୍ୟ ସମ୍ବାଦେ ନାମ ଷୋଡ଼ଶୋଽଧ୍ୟାୟଃ ।

* * *

## ସପ୍ତଦଶ ଅଧ୍ୟାୟ

ଗୋବିନ୍ଦ ଉବାଚ

ହେ ନାଥ ଜଗତ କରତା । ମନେ ପଡ଼ିଲା ଆସି କଥା ॥
ତୁ ପରା ଅଟୁ ଇତିପତି । ହେ ନାଥ କହ ଚିତା ବିଭୂତି ॥

ଅନାଦି ଉବାଚ

ଗୋବିନ୍ଦ ମୁଖ ଚାହିଁ ହସି । କହନ୍ତି ଆଦି ବ୍ରହ୍ମରାଶି ॥
ଗୋବିନ୍ଦ ସାବଧାନେ ଶୁଣ । ତୁ ଯାହା କଲୁ ହୋ ପ୍ରସନ୍ନ ॥
ଶୂନ୍ୟମଣ୍ଡଳେ ଆମ୍ଭେ ଥାଉଁ । ଶୂନ୍ୟପୁରୁଷହିଁ ବୋଲାଉ ॥
ଅବନା ମନ୍ଦିରେ ମୋ ବାସ । ଅଣଅକ୍ଷରେ ମୁଁ ପ୍ରକାଶ ॥
ପରମଶୂନ୍ୟେ ଆମ୍ଭେ ଥାଉଁ । ପରମ ପୁରୁଷ ବୋଲାଉଁ ॥
ଠୁଳଶୂନ୍ୟରେ ମୋର ସ୍ଥିତି । ମୋ ନାମ ନିରାକାର ମୂର୍ତ୍ତି ॥
ଧ୍ରୁବମଣ୍ଡଳେ ଆମ୍ଭେ ଥାଇ । ଧ୍ରୁବମାର୍କଣ୍ଡହିଁ ବୋଲାଇ ॥
ମୁରାଠ ମଣ୍ଡଳେ ବିଶ୍ରାମ । ହଂସ ସୁହଂସ ମୋର ନାମ ॥
ମୁରାଠ ମଣ୍ଡଳେ ମୋ ବାସ । ଦେବ ଆଧାନେ ପରକାଶ ॥
ବେଦର ଓଁ କାର ମଧ୍ୟରେ । ମୁଁ ଥାଇ ଶବଦ ଭେଦରେ ॥
ସ୍ୱର୍ଗଭୁବନେ ମୋର ବାସ । ମୁଁ ଇନ୍ଦ୍ରପଣେ ପରକାଶ ॥
ବେଦଭୁବନେ ମୋର ସ୍ଥିତି । ମୋ ନାମ ବିଅନ୍ତ ମୂରତି ॥
କୁବେର ଭୁବନେ ମୁଁ ଥାଇ । ଅଷ୍ଟରତ୍ନକୁ ମୁଁ ସଞ୍ଚଇ ॥
ବରୁଣପୁରେ ମୋ ବିହାର । ଆମ୍ଭେ ବରୁଣ ଦଣ୍ଡଧର ॥
ଦଶଦିଗରେ ପୂରିଥାଇ । ଚଉଦିଗରେ ମୁଁ ବୁଲଇ ॥
ଅମପା ଶୂନ୍ୟ ମୋର ଦେହି । ମୋ ନାମ ଆରତେ ଜପାଇ ॥
ନକ୍ଷତ୍ର ମଣ୍ଡଳେ ମୁଁ ଥାଇ । ନକ୍ଷତ୍ରଗଣହିଁ ବୋଲାଇ ॥

ଆଦିତ୍ୟ ମଣ୍ଡଳେ ମୋ ବାସ । ମୁଁ ସର୍ବତେଜ ପରକାଶ ॥
ସକଳ ଭୂତେ ପୁରିଥାଇ । ମୋ ନାମ ଅଣଗୃଣ ବାଇ ॥
ମୋ ନାମ ଥାଇ ଅଗ୍ନି ମଧ । ମୋ ନାମ ବଷ୍ଣୁଙ୍କର ପଦ ॥
ମୋ ନାମ ସପତ ସାଗର । ପୁର ରହିଛି ଚଉଫେର ॥
କ୍ଷୀର ସିନ୍ଧୁରେ ମୋର ବାସ । ମୋ ନାମ ଅନାଦି ପୁରୁଷ ॥
ଆମ୍ଭେ ହୋ ଆଦିଶକ୍ତି ନାଶ । ପୃଥିବୀ ଧରନ୍ତୁ ଆବୋରି ॥
ଅନନ୍ତ ନାଗଟି ବୋଲଉଁ । ସପ୍ତଫେଣାରେ ପୃଥ୍ୱୀବନ୍ଧ ॥
ମାଳଗିରିରେ ମୋର ବାସ । ଚତୁର୍ଦ୍ଧାମୂର୍ତ୍ତି ମୋର ବେଶ ॥
ଯେ କପିଳାସ ଗିରିବନ । ମୁଁ ଲିଙ୍ଗରୂପେ ଆଭରଣ ॥
ମୋ ନାମ ଗଙ୍ଗା ଭାଗୀରଥି । ସର୍ବ ତୀର୍ଥଙ୍କ ଅଧିପତି ॥
ଆମ୍ଭେ ଯମୁନା ସରସ୍ୱତୀ । ସଦା ସର୍ବଦା ବହୁ ଫାଟି ॥
ଆମ୍ଭେ ବୋଲଉ ସ୍ତ୍ରୀଜାତି । ମାସକେ ଥରେ ରଜୋବତୀ ॥
ରୂପେ ବୋଲଉ ସ୍ତ୍ରୀ ଅଙ୍ଗ । ପୁରୁଷରୂପେ କରୁ ସଙ୍ଗ ॥
କରତାରୂପେ ଦେଉ କର । ହରତାରୂପେ ନେଉ ହରି ॥
ମାତାରୂପରେ କରୁଁ ଜନ୍ମ । ଭରସାରୂପେ କରୁ କର୍ମ ॥
ଏ ସବ ପ୍ରକୃତିର ହେତୁ । ଆମ୍ଭେଟି ଅଟ ଜନ୍ମ ମୃତ୍ୟୁ ॥
ମୋ ନାମ ଅଟେ ଯମରାଜା । ପାପୀଙ୍କି ଦେଉଁଥାଉ ସଜା ॥
ମୁହିଁ ଅଟଇ ରାଜ୍ୟ ରାଜା । ଆବର ଅଟୁ କୁଳପ୍ରଜା ॥
ରାଜାପଣରେ ଦିନନେଉ । ମନ୍ତ୍ରିପଣରେ ବୁଝିଥାଉ ॥
ସେବକରୂପେ ଆଜ୍ଞାକରି । ସାମନ୍ତରୂପେ ଥାଉଁ ବସି ॥
ପାପଭାରରେ ମୁହିଁ ଥାଇଁ । ମୁଁ କାଳରୂପେ ସଂହାରଇ ॥
ସକଳ ଭୂତେ ମୋର ବସା । ମୁହିଁ ମଧୁର ମୁହିଁ କଷା ॥
ମୁଁ ଅଗରୁ ଚନ୍ଦନ ବାସ । ମୁଁ ଗନ୍ଧ ପ୍ରକଟଇ ବିଷ ॥
ମୁହିଁ କରଇ ଉଇବାଟ । ମୁହିଁ ସତ୍ୟାଦି ମୁହିଁ ମିଛ ॥
ଆମ୍ଭେ ହୋ ଖଟମିଛ କହୁଁ । ବୁଡ଼ାଇ ଆପେ ବୁଡ଼ିଯାଉ ॥
ଜଟାରେ ବନ୍ଧୁ ଛଡ଼ବଡ଼ । ହାରିବା ପଦେ ଦେଉଁ ମାଡ଼ ॥

ସମ୍ପଦେ ସାଧୁତ ବୋଲଉଁ । ଭୈରବଙ୍କ ରୂପେ ଧେନପାଉଁ ॥
ମୋ ନାମ ଅଟେ ଗୁରମେଘ । ପାଳୁଛୁ ସଂସାର ସମୁଦ୍ର ॥
ଫଳଙ୍କ ମଧ୍ୟେ ମୁହିଁ ଧାନ । ସଞ୍ଚ ସକଳ ପିଣ୍ଡ ପ୍ରାଣ ॥
ମୁଁ ରତ୍ତ କାମିନୀକ ଯୋଗ୍ୟ । ଆମ୍ଭେ ହୋ ଅଟୁ କାମଦେବ ॥
ଜଳରେ ଜୀବରୂପେ ଥାଉଁ । ପବନ ପରମ ବୋଲଉ ॥
ଆମ୍ଭେ ବୋଲଉଁ ନିଶାପତ୍ତି । ପକ୍ଷେ ଉଜ୍ଜ୍ୱଳ ପକ୍ଷେ ରତ୍ତ ॥
ଚନ୍ଦ୍ରର ବନେ ଆମ୍ଭ ସ୍ଥାନ । ପକ୍ଷେ ଉଦୟ ପକ୍ଷେ ଲୀନ ॥
କାଳ ବିକାଳ ଆମ୍ଭ ନାମ । ମୃତ୍ୟୁ ଭେଦକୁ ଅଟୁ ଯମ ॥
ଅଙ୍ଗକୁ ଅଟୁ ରୋଗ ବ୍ୟାଧି । ବୋଲଉ ମନ୍ତ୍ର ମଉଷଧି ॥
ତେଣୁ ଅନାଦି ଆମ୍ଭ ନାମ । ମୁଁ ଅଟେ ସକାମ ନିଷ୍କାମ ॥
ମୁହିଁ ଅନାଦି ଅବଧୂତ । ସକଳ କରୁ ସମାପତ ॥
ଗୋବିନ୍ଦ ବୁଝୁ ଅବା ମନ୍ଦ । ଆମ୍ଭେ କରଉଁ ଛନ୍ଦ ବନ୍ଦ ॥
କୁଟ କପଟେହିଁ ନ ଦେଉଁ । ସତ୍ୟ ପଦରେ ଶ୍ରୋତା ବନ୍ଧୁ ॥
ଭୂମି ସଙ୍ଗତେ ମିଶି ଯାଉ । ପୃଥିବୀ ମେଦିନୀ ବୋଲଉଁ ॥
ଆମ୍ଭେ ବୋଲଉଁ ଗୁରୁଯୁଗ । ଆମ୍ଭେ ଅର୍ଜିଲୁ ନାନା ଭୋଗ ॥
ସତ୍ୟାଦି ଯୋଗର ଭକତ । ତପ ଯୁଗକୁ ହେଲୁ ସତ୍ୟ ॥
ଆବର ଯୋଗେ ଯେତେ ମୁନି । ସତ୍ୟ ଯୁଗକୁ ବ୍ରହ୍ମଜ୍ଞାନୀ ॥
ହେଲୁ ବାମନ ଅବତାର । ଭକ୍ତେ ମୋ ଥିଲେ ସଙ୍ଗତର ॥
ଭ୍ରମ ସେ ଯୁଗେ ଧନନେଲୁଁ । ବେଶରେ ଗୋପନେ ରହିଲୁଁ ॥
ସତ୍ୟରେ ଭକତ ଯେତକ । ତ୍ରେତୟା ଯୁଗେ କପିରୂପ ॥
ମୁହିଁ ପ୍ରକାଶ ରବିତଳେ । ଦୁଷ୍ଟଙ୍କୁ ସଂହାରଣ କଲେ ॥
ଯେଉଁ ସଙ୍ଗତେ ଭକ୍ତଗଣ । ଲଙ୍କାରେ ମାଇଲୁ ରାବଣ ॥
ତ୍ରେତୟା ଯୁଗେ ଭକ୍ତ ମୋର । ଜନ୍ମିଲେ ଦ୍ୱାପର ଯୁଗର ॥
ତପସ୍ୟା କରିବାର ବେଳେ । ଗୋପ କାମିନୀ ବୋଲାଇଲେ ॥
ଅନେକ କଲୁ ବଇଭୋଗ । ପ୍ରବେଶ ହେଲା କଳିଯୁଗ ॥
ମୁଁ ଅଟେ ଭକ୍ତଭାବେ ବଶ । ମୁହିଁ ଶ୍ରୀଗୁରୁ ମୁହିଁ ଶିଷ୍ୟ ॥

ଆମ୍ଭେ ହେ ଅଟୁ ବେଦବ୍ରହ୍ମା । ପିଣ୍ଡକୁ କରୁ ସରଜନା ॥
ଆମ୍ଭେ ବୋଲଉ ଭଗବାନ । ସକଳ ଦେବାଦେବୀ ଗଣ ॥
ମୁହିଁ ଅଟଇ ମହାଦେବ । ପ୍ରକୃତି ପ୍ରଳୟ ସ୍ୱଭାବ ॥
ମୋ ନାମ ଅଟେ ଜପ ତପ । ଷଟ୍‌ବିଂଶ ବୃତ୍ତେ ଜ୍ୟୋତିରୂପ ॥
ମୋ ନାମ ଅଟେ ଜ୍ଞାନ ଧ୍ୟାନ । ଗୋବିନ୍ଦ କର୍ଣ୍ଣ ଦେଇ ଶୁଣ ॥
ସକଳ ପ୍ରକୃତିରେ ଧନ୍ଦ । ମୋର ମାୟାରେ ମୁହିଁ ବନ୍ଦୀ ॥
ମୁହିଁ ଅର୍ଜିଲି କ୍ରିୟା କର୍ମ । ମୋ କଲ କର୍ମେ ହେଲ ଭ୍ରମ ॥
ଅନେକ ଜୀବଜନ୍ତୁ ଠାରେ । ବାସ ମୋ ସକଳ ଶରୀରେ ॥
ଯେତେ କହିଲି ତୋର ଆଗେ । ମନରୁ ନ ପାଶୋର ବେଗେ ॥
ତିନ ବ୍ରହ୍ମାଣ୍ଡ ଏକ କର । ବୁଝିବୁ ଯେବେ ମନେ ଧର ॥
ସାର ଅସାର ଦୋଷ ଯେତେ । ଭାଙ୍ଗି ନ ପାରେ କଦାଚିତେ ॥
ଆବର କଥା ଏକ ତୋତେ । କହିବା ତୋହର ଅଗ୍ରତେ ॥
ଶୁଣି ଗୋବିନ୍ଦ ତୋଷ ଚିତ୍ତ । ଭଣଇ ଭୀମ ଅରକ୍ଷିତ ॥
ସୁଜନେ ଦୋଷ ନ ଧରିବ । ଚିତ୍ତ ମୋ ବାଳକ ସ୍ୱଭାବ ॥

ଇତି ଶ୍ରୀ ନବେଦ ସାଧନେ ଗୁରୁ ଶିଷ୍ୟ ସମ୍ବାଦରଣେ ସାରସାର ଭେଦାଭେଦବିଧି ଚରିତ କଥନେ ନାମ ସପ୍ତଦଶୋଽଧ୍ୟାୟଃ ।

—o—

## ଅଷ୍ଟାଦଶ ଅଧ୍ୟାୟ

ଗୋବିନ୍ଦ ଉବାଚ

କହନ୍ତି ଆଦି ବ୍ରହ୍ମ ସାର । ଗୋବିନ୍ଦ ଶୁଣ ବାକ୍ୟ ମୋର ॥
ଏ କଳିଯୁଗେ ଆମ୍ଭେ ଉଦେ । ଘୋଷା ବହିଲୁ ନିରବେଦେ ॥
ସ୍ଥାପିଲୁ ଜମ୍ବୁଦ୍ୱୀପେ ଧୁନି । ଚୌଷଠି ସିଦ୍ଧ ସଙ୍ଗେ ଘେନି ॥
ଭକ୍ତଙ୍କୁ ଘେନି ସଙ୍ଗତର । କରିବୁ ସୃଷ୍ଟିର ବିଚାର ॥
ଜଗତେ ହେଲ ଟଳଟଳ । ନ ରହିବ ସତ୍ୟଧର୍ମ କୁଳ ॥

ଧର୍ମସ୍ଥାପନ କଲି ଆଣି । ନିନ୍ଦିତ କରନ୍ତି ନ ଜାଣି ॥
ଆମ୍ଭର ନିର୍ବେଦ ସାଧନା । ନ ଜାଣି ସର୍ବେ ହୋନ୍ତି ବଣା ॥
ଆମ୍ଭର ଯେବଣ ବିଭୂତି । ଚନ୍ଦ୍ର ସୂର୍ଯ୍ୟହିଁ ନ ଜାଣନ୍ତି ॥
ମାୟାରେ ସର୍ବେ ଅଗୋଚର । କାହାକୁ ନୁହଇ ଗୋଚର ॥
ଯେ କୃପା ଦ୍ୱାପର ଯୁଗରେ । ଜନ୍ମିଲୁ କୃଷ୍ଣ ଅବତାରେ ॥
ରମଣ ଗୋପୀଭୁଲେ କଲୁ । ଗୋପୀକି ଅଷ୍ଟପୁତ୍ର ଦେଲୁ ॥
ତହୁଁ ଦ୍ୱାରକାପୁରେ ବାସ । ଘେନାଇ ଚଳୁଁ ସର୍ବ ଶିଷ୍ୟ ॥
ତହିଁରେ କଳିଦ୍ୱନ୍ଦ ଅନ୍ତେ । ଉପାୟୁ ରଚି ଆମ୍ଭ ଚିତ୍ତେ ॥
କୁଠ କପଟରେ ଅଇଲୁ । ଛନ୍ଦ ବିବାଦ ଆଚରିଲୁଁ ॥
ଯୁଦ୍ଧ ଆଚରି ପରକାଶ । ପୁତ୍ରଙ୍କୁ ଆମ୍ଭେ କଲୁ ନାଶ ॥
ଗତି ମୁକତି କରିବାରେ । ଛେଦନ କଲୁ ଯେ ଚକ୍ରରେ ॥
ଘେନିଲୁ ଯଦୁବଂଶ ପ୍ରାଣ । ମୋ ଅଙ୍ଗ ମଧ୍ୟେ ହେଲେ ଲୀନ ॥
ଆମ୍ଭର ଅଙ୍ଗେ ଥିଲେ ପଶି । ତାହାକୁ କହିଲୁ ବିଶ୍ୱାସୀ ॥
ଆମ୍ଭ ଆଶାରେ ତୁମ୍ଭେ ଯାଅ । ମର୍ତ୍ତ୍ୟରେ ଜନ୍ମ ଲଭି ଥାଅ ॥
କଳି ଉତ୍ପତ୍ତି ପରକାଶ । ଚୈରିଲକ୍ଷ ବତିଶସହସ୍ର ॥
କଳି ଚୈରିଯୁଗ ହୋଗାନ୍ତେ । ଯେ ବତିଶ ସହସ୍ର ଅନ୍ତେ ॥
ତହିଁ ମଧ୍ୟରେ ଅବତାର । ନିର୍ବେଦ ଦୀକ୍ଷା ଅନୁସର ॥
ବେଶ ଧରିବୁ ଅବଧୂତ । ସେ କଳିଯୁଗରେ ଉଦିତ ॥
ପିଣ୍ଡ ଆଚରି ଜନ୍ମ ହେବ । ମୋହ ଅଚେତା ହୋଇଥିବ ॥
ବ୍ରହ୍ମ କର୍ମକୁ ସଙ୍ଗେ ଘେନି । ସ୍ଥାପିବୁ ଜମ୍ବୁଦ୍ୱୀପେ ଧୂନି ॥
ନାମକୁ କରିବୁ ବିଖ୍ୟାତ । ମହିମା ସାଗର ଉଦିତ ॥
ଧୂନି ସ୍ଥାପିବୁ ପୂର୍ବ ମୁଖେ । ଘୋଟିବୁ ତିନିପୁର ଯାକେ ॥
ତେଣୁ ଯେ ମାୟାଗିବ ଫାଟି । ନାମ ଧରିବେ ତେଣୁ ରଟି ॥
ମୋ ଦେହୁଁ ଯେତେକ ଉଦିତ । ଦୀକ୍ଷା ବହିବେ ଅବଧୂତ ॥
ଗୋବିନ୍ଦ ମୋର ଆଜ୍ଞାବନେ । ତହୁଁ ମୋ ଭକ୍ତ ଜନ୍ମ ହେଲେ ॥
ଏହାଙ୍କୁ ଉଦ୍ଧାରିବା ପାଇଁ । ତେଣୁ ପ୍ରକାଶ ହେଲୁଁ ମହୀ ॥

ଯେତେକ ମୋର ଭାଷାଅଂଶ । ଜାଣ ଗୋବିନ୍ଦ ଯଦୁବଂଶ ॥
ଯାହାର ଥିବ ପୂର୍ବ ଭାଗ୍ୟ । ନାମକୁ ସେହୁ ହେବ ଯୋଗ୍ୟ ॥
ଯେହୁ ଧରେ ଚିତ୍ତେ ସରାଗେ । ନ ପଡ଼େ ଜନ୍ମ ମୃତ୍ୟୁ ଭାଗେ ॥
ଯେ ପ୍ରାଣୀ ମୋର ଅଂଶେ ନାହିଁ । ନିର୍ବେଦେ ପଶିବେ ସେ କାହିଁ ॥
ଏ ବଡ଼ ନିଗୂଢ଼ ଭକତି । ହର ବ୍ରହ୍ମାଦି ଡରୁଛନ୍ତି ॥
ଭକତ ନିମନ୍ତେ ଯେ ମୁହିଁ । ସାଧୁଛି ନୀର କ୍ଷୀର ଖାଇ ॥
ନ କରି ସୁଖ ଭୋଗ ବାଞ୍ଛା । ଧର୍ମ ସ୍ଥାପନ ମନେ ଇଚ୍ଛା ॥
ନାହିଁ ମୋ ବଡ଼ ପଦେ କାର୍ଯ୍ୟ । ଭକ୍ତେ ମୋ ହେଲେ ଅଧୈର୍ଯ୍ୟ ॥
ତାହାଙ୍କ ପାଇଁ ମୋ ସାଧନ । ବେଶ ଧରିଛି ଅପ୍ରଚ୍ଛନ ॥
ସତ୍ୟକୁ ସ୍ଥାପିବା ପର୍ଯ୍ୟନ୍ତେ । ଦଣ୍ଡେହୋ ସୁସ୍ଥ ନାହିଁ ମୋତେ ॥
ଗ୍ରୀଷ୍ମ ବରଷା ମୋତେ ନାହିଁ । ଶୀତ ଶିଶିର ନ ଜାଣଇ ॥
ଅତିଥିରୂପେ ଏ ଜଗତେ । ଭ୍ରମୁଛି ଶୁଭାଶୁଭ ପଥେ ॥

ଗୋବିନ୍ଦ ଉବାଚ

ହେ ପ୍ରଭୁ ଜଗତ ଧାରଣ । କହିଲ ନିର୍ବେଦ ସାଧନ ॥
ଶୁଣି ହୋଇଲି ମୋକ୍ଷଭାଗୀ । ବେଦ ମୁକତି ମାର୍ଗ ଲଭି ॥
ମନରେ ପାଇଲି ପରତେ । ମନ କଳ୍ପନା ମୋର ଯେତେ ॥
ତୁମ୍ଭ ମହିମା ପରକାଶ । ବିଦିତ ହେଲା ଦଶଦିଶ ॥
ଭକତ ସାଧିବେ କିରୂପେ । ଏହା କହିବ ମୋତେ ଆପେ ॥
ଶ୍ରୀମୁଖୁ ଶୁଣିଥିବି ମୁହିଁ । ଆଜ୍ଞାରେ ତାହା କରିବଇଁ ॥

ଅନାଦି ଉବାଚ

ବୋଲନ୍ତି ଶୁଣ ଗୋବିନ୍ଦାଇ । ଶୁଣ ସାଧନା କର୍ଣ୍ଣ ଦେଇ ॥
ବାହ୍ୟରେବେଦ ଆଚରିବୁ । ମନରେ ନିର୍ବେଦ ସାଧିବୁ ॥
ଚିହ୍ନି କରିବୁ ମାନ୍ୟ ଧର୍ମ । ଯେ ଛନ୍ତି ବେଦର ବଚନ ॥
ଯେ ଧର୍ମେ ଯେଉଁ କାଷ୍ଠାତତ୍ତ୍ୱ । ତାଙ୍କୁ ଯଥାର୍ଥ ବୋଲି ସତ୍ୟ ॥
ନୋହିଲେ ପକାଇବୁ ଲେଟ୍ଟି । ଆମ୍ଭର କସ ଯାଉଅଛି ॥

### ଗୋବିନ୍ଦ ଉବାଚ

ହେ ପ୍ରଭୁ କେମନ୍ତେ କହିଲ । ଯେ କାଷ୍ଠ ସତ୍ୟ ନ ଲେଖିଲ ॥
କଲେ ସେ ଯେଉଁ ଧର୍ମ କୃତ୍ୟ । କି କର୍ମ ବୋଲାଇବେ ସତ୍ୟ ॥

### ଶ୍ରୀ ଅନାଦି ଉବାଚ

ଭକ୍ତ ବଚନ ମନେ ରଖି । ସେ ଯେ ଅନାଦି ଶୂନ୍ୟରୂପୀ ॥
ବୋଲନ୍ତି ଶୁଣରେ ଗୋବିନ୍ଦ । ଯେ ତତ୍ତ୍ୱ ସତ୍ୟ ସନ୍ଧି ଭେଦ ॥
ସର୍ବଦା ବଦନେ ନାମ ଝୁଲ । ତାହାକୁ ସିନା ସତ୍ୟ ବୋଲି ॥
ଚନ୍ଦ୍ର ସୂର୍ଯ୍ୟ ଯେ ଉଦେ ଅସ୍ତ । ତାହାକୁ କର୍ମ ବୋଲି ଖ୍ୟାତ ॥
ସିନ୍ଧୁ ଯେ ରହିଅଛି ପୂରି । ତୋ ଧର୍ମ ସତ୍ୟେ ଲେଖା କରି ॥
ବାସୁକି ପୃଥ୍ୱୀ ଅଛି ଧରି । ତା ଧର୍ମ ସତ୍ୟେ ଲେଖା କରି ॥
ଯେ ପ୍ରାଣୀ ସତ୍ୟେ ଅଛି ରହି । ତାକୁ ଧର୍ମାଦି ବୋଲି କହି ॥
ଯେ ଧର୍ମ ସ୍ଥିର ଯୁଗେ ଅଛି । ତାକୁ ଲୋଡ଼ିବା ମନେ ବାଛି ॥
ଯେ ଧର୍ମ କାଷ୍ଠଶ୍ରୁତି ଜପ । ଏ ଭବେ ହୋଇଛନ୍ତି ହତ ॥
ଯେ କର୍ମ ଅଳ୍ପଦିନେ ନାଶେ । ସେ ଆମ୍ଭ ଲେଖାକୁ ନ ଆସେ ॥
ବହି ଗଲେଣି ବେଦଗାଇ । ଭେଦଟି ନ ଜାଣନ୍ତି କେହି ॥
ଫଳ ଶ୍ରୁତିରେ ସର୍ବେ ବାୟା । ନ ଜାଣି ଛନ୍ଦ ମୋହମାୟା ॥
ଯେତେ ମୁଁ କହିଲି ଗୋବିନ୍ଦ । ମନ୍ତର ନ ରଖିବୁ ଭେଦ ॥
ନୋହିବୁ ପ୍ରକୃତିରେ ଧନ୍ଦା । ପଛେ ନ ଦେବୁ ମୋତେ ନିନ୍ଦା ॥
ଲଙ୍ଘିବୁ ନାହିଁ ସୁରନଦୀ । ହୋଇବୁ ଗୁରୁ ଅପରାଧୀ ॥
ପଦେ ନୋହିବୁ ବଡ଼ି କହି । ଆବର ହେବୁ ବିପ୍ର ଦ୍ରୋହୀ ॥
ନରେ କରିବେ ଉପହାସ । ସକଳ ଧର୍ମ ଯିବ ନାଶ ॥
ଏହା ତୁ ନ କହିବୁ କାହିଁ । ସାଧୁଛି ତିନ ପୁର ମୁହିଁ ॥
ଜଗଉଅଛି ଖଳ ବଳ । ଚଳେ ଛେଦିବୁ ଦୁଷ୍ଟବଳ ॥
ନବେଦ ସାଧନା ଏ ପଦ । ଅନାଦି ଗୋବିନ୍ଦ ସମ୍ବାଦ ॥
ପୃଥ୍ୱୀ ହେଲଣି ଛଟପଟ । ଲାଗିଛି ବେଦ ନଟକୂଟ ॥
ବେଳକୁ ବେଳ ଅପ୍ରମାଣ । ଲାଗିବ ଦ୍ୱନ୍ଦ ଗୋଳଠାଣ ॥

ସୁର ଅସୁର ଏକ ହୋଇ । ପାଦରେ କମ୍ପୁଥିବ ମହୀ ॥
କେହି କାହାକୁ ନ ମାନିବେ । ମୂର୍ଖପଣରେ ହନନେବେ ॥
ଧର୍ମ ଅଧର୍ମ ନ ବିଚାରି । ସୁକର୍ମ ପଥ ନ ଆଚରି ॥
ଏକ ଆରେକ ଅନ୍ୟୋଅନ୍ୟି । କାହା ବଚନ କେ ନ ମାନି ॥
ଆପ ବଡ଼ିମା ଆପେ କରି । ଦ୍ରୋହ କର୍ମରେ ଯିବେ ସରି ॥
ସତ୍ୟ ଧର୍ମକୁ ନ ମାନିବେ । ମଦ ମାଂସରେ ହନ ନେବେ ॥
ବିଷ ହୋଇବ ସତ୍ୟପଦ । ଭକ୍ତିରେ କରିବେ ବିବାଦ ॥
ଅନର୍ଥ ହେବ ଦିନୁଦିନେ । ଏକାଙ୍ଗ ଆତ୍ମା ଭକ୍ତ ଗୁଣେ ॥
ସ୍ତ୍ରିରି ପୁରୁଷ ଏକ ମତେ । ପରମ ଶାସ୍ତ୍ର ଭାଗବତେ ॥
ଗାୟନ କରି ସୁସ୍ୱରେ । ଏ ଘୋର କଳିକାଳ ଯୁଗେ ॥
ବ୍ରହ୍ମାଣ୍ଡ ତାରଣ ନିମନ୍ତେ । ଭକ୍ତେ ମୋ ଫେରିବେ ଜଗତେ ॥
ସକଳଠାରେ ସମଚିତ୍ତ । ବିସ୍ତରି ପଞ୍ଚ ଆତ୍ମାତତ୍ତ୍ୱ ॥
ସକଳ ଦ୍ୱାରେ ଭିକ୍ଷାମାଗି । ସାତ୍ତ୍ୱିକ କର୍ମେ ଥିବେ ଜାଗି ॥
ହବିଷ୍ୟ ପାତ୍ରରେ ଭୁଞ୍ଜିବେ । ଭୂମି ଆସନେ ହନନେବେ ॥
ଏ ଧର୍ମ ପରକାଶ ହେବ । ଏ କଳିଯୁଗ କ୍ଷୟ ଯିବ ॥
ବହୁତ ରଣଗୋଳ ଉଠି । ଉଲକାପାତ ହେବ ସୃଷ୍ଟି ॥
ଅନନ୍ତ କୋଟି ସାଧୁଗଣ । ଚୌଷଠି ସିଦ୍ଧ ଋଷିମାନ ॥
ଜନମ ଲଭି କଳିକାଳେ । ଏ ଘୋର ଯୁଗକାଳବଳେ ॥
ସଂଖ୍ୟା କଲରେ ଶଙ୍ଖେ ଭକ୍ତ । ବ୍ରହ୍ମାଣ୍ଡେ ହୋଇବେ ବିଦିତ ॥
କଷାବସନ ଅଙ୍ଗେ ଲଇ । ଆତ୍ମର ଆଜ୍ଞା ଶିରେ ବହି ॥
ଧର୍ମ ପାଳିବେ ପ୍ରତିଦିନ । ଭକ୍ତଙ୍କୁ ପଡ଼ିବ କଷଣ ॥
ସଂପୂର୍ଣ୍ଣ ହେଲେ ଭକ୍ତକୁଳ । ବ୍ରହ୍ମାଣ୍ଡେ ଉଠିବ କହଳ ॥
ଜନ୍ମି ଅଛନ୍ତି ବୀରମାନେ । ଗୁପ୍ତରେ ନରଦେହେ ପଣେ ॥
କଥା ହୋଇବ ଅସମ୍ଭାଳ । ବଚନେ ନ ଯିବେ ସମ୍ଭାଳ ॥
ବୋଲିବେ ନବଦ୍ୱୀପ ମହୀ । ଦୁଷ୍ଟଙ୍କୁ ପକାଇବେ ଦହି ॥
ଧରି ମାରିବେ କରି ଚୂନା । ଗୋବିନ୍ଦ ଶୁଣିଥାଅ ସିନା ॥

ଯାହା ମୁଁ କହୁଅଛି ତୋତେ । ମନରେ ନ ହୁଅ ଅପ୍ରତେ ॥
ମହୀରେ ଦୁଷ୍ଟବଳ ଥିବେ । ଭକ୍ତ ମୋ ଗୋଡ଼ାଇମାରିବେ ॥
ଅନର୍ଥେ ଯୁଦ୍ଧ ଆରମ୍ଭିବେ । ପର ଦୁହିତା ହରନେବେ ॥
କରିବେ ଘରେ ଘରେ ଦ୍ୱନ୍ଦ୍ୱ । କାଢ଼ିଛେଣି କରି ମାଲବନ୍ଧ ॥
ଦୁଷ୍ଟହିଁ ନ ରହିବେ କେହି । ତେଣୁ ଉଶ୍ୱାସ ହେବ ମହୀ ॥
ଶ୍ରୀଗୁରୁ ଚରଣକୁ ଧ୍ୟାନ । ଭଣେ ଅକ୍ଷିତ ଖିମ ହୀନ ॥

ଇତି ଶ୍ରୀ ନବେଦ ସାଧନେ ଗୁରୁଶିଷ୍ୟ ବର୍ଣ୍ଣରଣେ ଯଦୁବଂଶ ଭକ୍ତ
ଚରିତ କଅନେ ସତ୍ୟଚନ୍ଦ୍ର ବର୍ଣ୍ଣନେ ଅନାଦି ଗୋବିନ୍ଦ
ସମ୍ବାଦେ ନାମ ଅଷ୍ଟାଦଶୋଽଧ୍ୟାୟଃ ।

—o—

## ଊନବିଂଶ ଅଧ୍ୟାୟ

ଗୋବିନ୍ଦ ଉବାଚ

ହେ ପ୍ରଭୁ ବ୍ରହ୍ମାଣ୍ଡ କରତା । ଅଶେଷ ଜନ ପିତା ମାତା ॥
ତୁମ୍ଭର ନାହିଁ ଆଦିଅନ୍ତ । ତେଣୁ ବୋଲଅ ଅବଧୂତ ॥
ମହିମା ଘୋଷା ଏ ସଂସାରେ । ପ୍ରକାଶ ତିନ ବ୍ରହ୍ମାଣ୍ଡରେ ॥
ଏ କଳିଯୁଗ ଯେବେ ଯିବ । ପୃଥ୍ୱୀକି କେଉଁ କଥା ହେବ ॥
ଏହା କହିବା ମୋର ଆଗେ । କି କି କରିବ ସତ୍ୟଯୁଗେ ॥
ନର ଦେହରେ ଜନ୍ମପାଇ । କି କଥା ହେବ ନ ଜାଣଇ ॥
ତୁମ୍ଭେ ଯେ ସଦଗୁରୁ ମୋର । ଶୁଣି ମୁଁ ଥିବି ଶ୍ରୀମୁଖର ॥

ଅନାଦି ଉବାଚ

ଶୁଣ ଗୋବିନ୍ଦ ଶୁଦ୍ଧଚେତା । ସେ ସତ୍ୟବ୍ରତର ବାରତା ॥
ଅନନ୍ତ କୋଟି ସାଧୁସିଦ୍ଧ । ବ୍ରହ୍ମାଣ୍ଡେ ହୋଇବେ ଉଦିତ ॥
ଚୌଷଠି ସିଦ୍ଧ ଋଷିଗଣ । ସେ ନର ଦେହେ ଉତପନ୍ନ ॥
ଯେ ଷଡ଼ବ୍ରହ୍ମବାସୀ ଯେତେ । ନର ଦେହରେ ଉତପତ୍ତି ॥
ସେ ନବ ଋଷି ଜନ୍ମପାଇ । ନର ଦେହରେ ଛନ୍ତି ରହି ॥

ସେ ଗୃହ କବି ରହିଥିଲେ । ମୋ ସଙ୍ଗେ ଅବତାର ହେଲେ ॥
ସେ ଗୃହଶାଖା ଗୃହଭାଇ । ଅଛନ୍ତି ଚଉଦଗେ ରହି ॥
ଗୃହ ପଣ୍ଡିତ ସେ କରଣ । ଜନମ ଲଭିଛନ୍ତି ଜାଣ ॥
ରାଜପୁରୁଷ ଦେବଲୋକ । ନର ଦେହରେ ଜନ୍ମ ଦେଖ ॥
ବେଦ ପୁରୁଷ ଗୋପଲୋକ । ଜନମ ଲଭି ସଇଲୋକ ॥
ଯେ ମୁନି ବ୍ରହ୍ମଲୋକମାନ । ନର ତନୁରେ ଛନ୍ତି ଜାଣ ॥
ଯେ ରାଜକନ୍ୟା ଦେବକନ୍ୟା । ଲୀଳା ଅଙ୍ଗକୁ ଏ ସର୍ଜନା ॥
ଦେବନ୍ତ ସ୍ତ୍ରିଶି ବ୍ରହ୍ମସ୍ତ୍ରିଶି । ଏ ଜମ୍ବୁଦ୍ୱୀପେଛନ୍ତି ପୂରି ।୨୦। ॥
ଆମ୍ଭର ଆଜ୍ଞାପାଇ ସର୍ବେ । ଜନମ ଲଭିଛନ୍ତି ଭବେ ॥

### ଗୋବିନ୍ଦ ଉବାଚ

ହେ ପ୍ରଭୁ ଅନାଦି ଅନନ୍ତ । ଯାହା କହିଲ କଥା ସତ ॥
ସ୍ୱରୂପ କେମନ୍ତେ ଜାଣିବା । କେବଣ ଲକ୍ଷଣେ ଚିହ୍ନିବା ॥
ଅନେକ ଅଛନ୍ତି ସଂସାରେ । ପ୍ରଭୁର ତିନି ଭୁବନରେ ॥
କେତେ ଆଗୃରେ କେଉଁ କର୍ମ । କେମନ୍ତେ ଜାଣିବା ଏ ଧର୍ମ ॥

### ଅନାଦି ଉବାଚ

ଶୁଣ ଗୋବିନ୍ଦ ନିରନଇ । ଜାତିଲକ୍ଷଣ ଦେବା କହି ॥
ଯେବଣ ନର ରାଜଗୁଣ । ପର ଧନରେ ଥାଇ ମନ ॥
ବୋଲଏ ବଡ଼ ଲୋକନୀତି । କରନ୍ତି ଯଥାର୍ଥ ଭକତି ॥
ନ ଥାଇ ଗୁରୁପାଦେ ଭାବ । ଇହ ପରରେ ମତ୍ତଗର୍ବ ॥
ନାମକୁ ଭଜି ନ ପାରନ୍ତି । ସୁଖ ଭୋଗରେ ଦିନନ୍ୟନ୍ତି ।୩୦।
ଏ ରାଜଲକ୍ଷଣ ବିଧାନ । ଶୁଣ ଗୋବିନ୍ଦ ଦେଇ ମନ ॥
ଦେବ ଲୋକଙ୍କ କଥା ଶୁଣ । ବିଚ୍ଛନ୍ଦେ ପଶିଥାଇ ମନ ॥
ନୃତ୍ୟ ଗୀତରେ ବନ୍ଦୀଚିତ୍ତ । ବାସନା ଯେନନ୍ତି ବହୁତ ॥
ଫୁଲ ଚନ୍ଦନ ମଣ୍ଡି ଅଙ୍ଗେ । ଭୂଷା କହନ୍ତି ନାନାରଂଗେ ॥
ନାନାଦି ଫୁଲପଣ କରି । ବଳେ ହରନ୍ତି ପରନାରୀ ॥
ନ ଥାଇ ସୁବୁଦ୍ଧି ଆଗୃର । ଶୁଣ, ଗୋବିନ୍ଦ ହେତୁ କରି ॥

ବେଦାନ୍ତ ଲୋକ ଯେଉଁମାନେ । ଧର୍ମ ଆସ୍ଥିର ଅନୁକ୍ଷଣେ ॥
କରନ୍ତି ବସ୍ତୁତ ବିଚାର । ବେଦାନ୍ତମତେ ଅଧିକାର ॥
ସ୍ନାନ ଶଉଚେ ଆଗମନ । ଶ୍ଳୋକ ସ୍ମୃତି ଉଦ୍ୟାପନ ॥
କହନ୍ତି ଅରଥ ସଂବାଦ । ମନରେ ବଡ଼ିମା ଉନ୍ମାଦ ।୪୦ ॥
ବଢ଼ାନ୍ତି ନାନାକର୍ମମାନ । ନ ଥାଇ ସଦଗୁରୁ ଜ୍ଞାନ ॥
ବେଦାନ୍ତ ଲକ୍ଷଣ ଯେମନ୍ତ । ଶୁଣ ଗୋବିନ୍ଦ ଜଗନ୍ନାଥ ॥
ଗୋପଲୋକଙ୍କ ନ୍ୟାୟ ଶୁଣ । ଛୋ ଆଗେ ଫେଡ଼ଦେବାଗୁଣ ॥
ମନ ଗୁପତଭାବେ ଥାନ୍ତି । ଚୋର ସ୍ୱଭାବରେ ପ୍ରବର୍ତ୍ତନ୍ତି ॥
ମନର ଭିତରେ ମଜନ । କେହି ନ ଜାଣେ ତାଙ୍କ ଗୁଣ ॥
ଠାରନ୍ତି ନେତ୍ରପଥେ କଥା । ପାପ ପୁଣ୍ୟକୁ ନାହିଁ ଚିନ୍ତା ॥
ଯହିଁରେ ଇଚ୍ଛା ତହିଁ ଯାନ୍ତି । ସକଳ ଘରରେ ପଶନ୍ତି ॥
ଗୋପଲୋକଙ୍କ ଏ ଆସ୍ଥିର । ଶୁଣ ଗୋବିନ୍ଦ ଦାମୋଦର ॥
ମୁନିଲୋକଙ୍କ ଯେତେ ରୀତି । ଶୁଣ କହିବା ସେ ବିଭୂତି ॥
ମନରେ ଧରିଥାନ୍ତି ଆଣ୍ଠ । ସୁଜ୍ଞାନ ଗୁରୁ ଧର୍ମ ବାଟ ॥
ତାହାଙ୍କ କାହିଁ ଆଦି ଅନ୍ତ । ନାମ ଭଜନାରେ ସାମର୍ଥ ॥
ଧୀର ସୁସ୍ଥିର ସତ୍ୟବୁଦ୍ଧି । ବଚନ କରୁଣା ବାରିଧି ॥
ଉଦ୍ଧାର ହୁଅନ୍ତି ସେ ଅପେ । ନ ପଡ଼ି ନର୍କ କୁମ୍ଭୀପାକେ ॥
ମୁନିଲୋକର ଏ ଲକ୍ଷଣ । ଗୋବିନ୍ଦ ହେତୁ କରି ଜାଣ ॥
ବ୍ରହ୍ମଲୋକଙ୍କ ଯେ ଆସ୍ଥିର । ଶୁଣ ଭକତ ବୀରବର ॥
ମହାଶୂନ୍ୟରେ ଥାଇ ମନ । ଅରୂପ ନାମ ଦରଶନ ॥
ଉଦେ ଅସ୍ତରେ ନିତି ପ୍ରତି । କରନ୍ତି ସେବା ଧର୍ମଭକ୍ତି ॥
ବ୍ରହ୍ମ ଖେଳଇ ତାର ଅଙ୍ଗେ । ସକଳେ ଖଟିଥାନ୍ତି ସଙ୍ଗେ ॥
ଦୟାଦୃଷ୍ଟିରେ ସେ ସମାନ । ନାହିଁ ନ କରି ଭିନ୍ନାଭିନ୍ନ ॥
ଭୋଜନ ଶାନ୍ତିରେ ସୁଶୀଳ । ସହିବାପଣେ ସିନ୍ଧୁଜଳ । ୭୦ ॥
ସକଳ ସମାନ ଦେଖନ୍ତି । ଗୁରୁ ଚରଣେ ରଖି ମତି ॥
ଏ ବ୍ରହ୍ମଲୋକଙ୍କ ବ୍ୟବସ୍ଥା । ଶୁଣ ହୋ ବଜ୍ରଗିରୀ କଥା ॥

ଉତ୍ତମ ଲକ୍ଷଣ ଆସ୍ଥର । ମଦ୍ଧରୁ ନୁହଇ ବାହାର ॥
ଖଟାଇ ଥାଇ ପଶବାସୀ । ବହୁ ଲକ୍ଷଣ ମନେ ଧରି ॥
ମଧୁର କରି କହେ କଥା । ବଡ଼ ପଦରେ ଥାଇ ଶ୍ରୋତା ॥
ରାଜକନ୍ୟାଙ୍କର ଏ ଭାବ । ଶୁଣ ଦେବକନ୍ୟାଙ୍କ ଲଭ ॥
ଚନ୍ଦ୍ରପ୍ରାପ୍ୟେକ ତାଙ୍କ ମନ । ପ୍ରେମ ରସରେ ଛନ୍ନ ଛନ୍ନ ॥
ଅଟନ୍ତି ଦେବ ସହଚରୀ । ଭୋଗ କରନ୍ତି ଧରି ଧରି ॥
କାହିଁ ନ ରହେ ତାଙ୍କ ଚିତ୍ତ । ଶୃଙ୍ଗାରେ ଏକା ତାଙ୍କ ମତ ॥
ଦେବସ୍ତ୍ରିରୀଙ୍କ ଏହି ବାଣୀ । ଗୋବିନ୍ଦ ଏହା ଥାଅ ଶୁଣି ॥
ଦେବକନ୍ୟାଙ୍କ ଯେଉଁ ବିଧି । ହୃଦେ ସଞ୍ଚରେ ବହୁବିଧି ॥
ଯଥା ବିଧିରେ ଭକ୍ତି ସେବା । ସ୍ୱାମୀ ସେବାରେ ଚିତ୍ତ ଥିବା ॥
ଦେବତା ପ୍ରାପ୍ୟେ ସମସ୍ତଙ୍କୁ । ମାନି ସେ କରଇ କର୍ମକୁ ॥
ଫଳ ଶ୍ରୁତିରେ ଥାଇ ବାଞ୍ଛା । ଗୁରୁଜନରେ ଅଳ୍ପ ଇଚ୍ଛା ॥
ଗୋପସ୍ତ୍ରିରୀଙ୍କ ଯେଉଁ ଭାବ । ଶୁଣ ଭଗବାନ ମାଧବ ॥
ମନରେ ଝୁରନ୍ତି ପୁରୁଷ । ନୋହୁ ନା ଯୁବାଙ୍କ ବୟସ ॥
ଛାଡ଼ି ଆପଣ ପତିଅଙ୍ଗ । ପରେ ପୁରୁଷେ କରି ସଙ୍ଗ ॥
କିଛି ନ ଜାଣି ଭଲମନ୍ଦ । ହେବା ପର୍ଯ୍ୟନ୍ତେ ଦଣମଣ୍ଡ ॥
ଗୁପତେ କରନ୍ତି ପୀରତି । ଲଭ ହାନିରେ ଯେଉଁ କାଗିଁ ॥
ଗୋପକନ୍ୟାଙ୍କ ଏହି ମତ । ଶୁଣ ମୁନି କନ୍ୟାଙ୍କ ଜାତ ॥
ମହା ପୋଷର ଚିତ୍ତବୁଦ୍ଧି । ହୃଦରେ କଥାକୁ ସମାଧି ॥
ଧରି ସମ୍ଭାଳ ଵନ ନେଇ । ହୃଦରେ କପଟ ନଥାଇ ॥
ସେବା କରନ୍ତି ଅନୁକ୍ଷଣ । ସ୍ୱାମୀ ଚରଣେ ଥାଇମନ ॥
ଏକରୁ ନ ଜାଣନ୍ତି ଦୁଇ । ପତି ଭକତା ତାଙ୍କୁ କହି ॥
ସେବାଭକ୍ତିରେ ଚିତ୍ତ ମଜ୍ଜି । ଭାବନ୍ତି ସର୍ବ କର୍ମ ତେଜି ॥
ତାହାଙ୍କ ହସ୍ତରେ ଯେ ଜଳ । ପିଇଲେ ଖଣ୍ଡେ ରୋଗକାଳ ॥
ଏତେ ଲକ୍ଷଣ ମୁନି ସ୍ତିରୀ । ତାହାଙ୍କ ହସ୍ତ ଥିବ ଧରି ॥
ପୁଣ୍ୟ ପ୍ରକାଶ ବେଳୁବେଳେ । ଆଶା ବଢ଼ଇ ଗୃହ କଲେ ॥

ବନ୍ଦିତ କୃପା ସେ କରନ୍ତି । ସତ୍ୟ ଧର୍ମରେ ହିନ ନ୍ୟନ୍ତି ॥
ଶୁଣିଲଟିକ ହୋ ଭକତ । ମୁନି କନ୍ୟାଙ୍କ ବୁଦ୍ଧିମତ ॥
ବ୍ରହ୍ମ କନ୍ୟାଙ୍କ ଗୁଣ କହୁଁ । ତୋ ମନୁ ସଂଶୟ ଫିଟାଉ ॥
ଶୂନ୍ୟ ପୁରୁଷ ଅଲେଖଙ୍କୁ । ଆଶ୍ରୟ କଲେ ଅରୂପଙ୍କୁ ॥
ସ୍ୱାମୀ ଚରଣେ କରି ପ୍ରୀତି । ନାମ ବ୍ରହ୍ମରେ ଥାଇ ମତି ॥
ସେ ନାରୀ ତାରି ଆପେ ତାରେ । ସପତ ପୁରୁଷ ଉଦ୍ଧରେ ॥
ଏମନ୍ତ ଗୁଣ ଯେ ଯୁବତୀ । ନ ପୁଚ୍ଛ ତାର ଗୋସ ଜାତି ॥
ଯେତେ ଦୂରକୁ ପଛେ ହେବା । ପ୍ରଦାନ ପଦେ ହେବ ବସା ॥
ଶୁଣିଲୁଟିକ ହୋ ଗୋବନ୍ଦ । ଗୁପତ ଲୀଳା ରସ ଛନ୍ଦ ॥
ଷୋଳ ସହସ୍ର ଯେ କାମିନୀ । ଜନ୍ମି ଅଛନ୍ତି ଦେହ ଘେନି ॥
ସେ ଅଷ୍ଟପାଟବଂଶୀ ନାରୀ । ସମସ୍ତେ ନରଦେହ ଧରି ॥
ରାଧିକା ଦୁତୀ ବୃନ୍ଦାବତୀ । ନର ଦେହରେ ରହିଛନ୍ତି ॥
ଯେ ବ୍ରହ୍ମା ବିଷ୍ଣୁ ଶିବ ତିନି । ଜନ୍ମି ଅଛନ୍ତି ଦେହ ଘେନି ॥
ସଂଖ୍ୟା ଯୋଗକୁ ଲଭିବାରେ । ଜନ୍ମି ଅଛନ୍ତି ସର୍ବ ଘରେ ॥
ବାଆନ୍ ପାଟକ ଜାତି ସର୍ବେ । ଏକାନ୍ତ ପଙ୍ଗରେ ଭୁଞ୍ଜିବେ ॥
କହେ ଅର୍ପିତ ଭୀମ ହୀନ । ସୁମରି ଶ୍ରୀଗୁରୁ ଚରଣ ॥

ଇତି ଶ୍ରୀ ନବେଦ ସାଧନେ ଅନାଦି ଗୋବନ୍ଦ ସମ୍ବାଦେ
ଗତ ଆଗତ ଚରିତ ବର୍ଣ୍ଣନେ ନାମ
ଊନବିଂଶୋଽଧ୍ୟାୟଃ ।

* * *

## ବିଂଶ ଅଧ୍ୟାୟ

### ଗୋବନ୍ଦ ଉବାଚ

ହେ ପ୍ରଭୁ ବ୍ରହ୍ମାଣ୍ଡ କାରଣ । ଜଗତେ ପ୍ରଳୟ ପାଳଣ ॥
ଏକାନ୍ତ ପଙ୍ଗେ ଭୁଞ୍ଜିବାର । ଏକଥା ମୋତେ ଅଗୋଚର ॥
କେମନ୍ତ ବେଳେ ଏହିଭାବ । ଏକାନ୍ତ ପଙ୍ଗେ ଯୋଗାଇବ ॥

ଏକଥା ଶୁଣିଥିବ ମୁହିଁ । ସଂଶୟ ଫେଡ଼ଦେବ କହି ॥
ଶୁଣିଲେ ନ ଯାଇ ପରତେ । ହୋଇବ କେତେ ଦିନ ଅନ୍ତେ ॥

## ଅନାଦି ଉବାଚ

ଶୁଣ ଗୋବିନ୍ଦ ମନଦେଇ । ସଂଶୟ ଫେଡ଼ଦେବା କହି ॥
ଏ କଳିଯୁଗ ଯେବେ ଯିବ । ସତ୍ୟଯୁଗ ଯେ ପ୍ରକାଶିବ ॥
ମୋ ଭକ୍ତବୃନ୍ଦ ଦାସଦାସୀ । ବସ୍ତୁ ତେଜରେ ପରକାଶି ॥
କେତେ ଏ ବଡ଼ ଲୋକମାନ । ତେଜକୁ କଲେଣି ହରଣ ॥
ଲକ୍ଷେ ରାଜାର ଛତ୍ରବାନା । ଗାତରେ ପୋତାଯିବ ସିନା ॥
ଆମ୍ଭେ ବସିବୁଁ ରାଜପଦେ । ଅଶେଷ ବ୍ରହ୍ମାଣ୍ଡର ମଧ୍ୟେ ॥
ଲକ୍ଷେ ଚାମର ଲକ୍ଷେ ଛତ୍ର । ଲକ୍ଷେହିଁ ସାରଥିର ମୂର୍ତ୍ତି ॥
ଲକ୍ଷେ ଖଞ୍ଜଣି ଲକ୍ଷେ ଗିନି । ଲକ୍ଷେକ ଜୟ ଶଙ୍ଖ ଧ୍ୱନି ॥
ଲକ୍ଷେ ମର୍ଦ୍ଦଳ ଲକ୍ଷେ ତାଳ । ଲକ୍ଷେ ଚନ୍ଦନ ଲକ୍ଷେ ଫୁଲ ॥
ଲକ୍ଷେ ଦାଉଣ୍ଡି ଲକ୍ଷେ ଭେରି । ଲକ୍ଷେକ ସିଂହହିଁ ନ ଫେରି ॥
ଲକ୍ଷେ ଦୁନ୍ଦୁଭି ଲକ୍ଷେ ହୁଳି ଲକ୍ଷେ ନାଟକ ଲକ୍ଷେ ଲୀଳା ॥
ଲକ୍ଷେ ମନ୍ଦିର ଲକ୍ଷେକୁମ୍ଭ । ଲକ୍ଷେକ ଚବ୍ଳ ଆରମ୍ଭ ॥
ଲକ୍ଷେ ପାରୁଆ ଦଧିମାଛ । ଲକ୍ଷେକ ରମ୍ଭା ତରୁ ଗଛ ॥
ଲକ୍ଷେ କଳସ ଲକ୍ଷେଚୂତ । ଲକ୍ଷେ ଡାହାଣାବର୍ତ୍ତ ଶଙ୍ଖ ॥
ଲକ୍ଷେ ଚାନ୍ଦୁଆ ଲକ୍ଷେ ଶେଯ । ଲକ୍ଷେ ଭଣ୍ଡାର ଲକ୍ଷେ ରାଜ ॥
ସଂଖ୍ୟା କଳିରେ ଯେତେ ଭକ୍ତ । ହୋଇବ ଖେଳ ଅପ୍ରମିତ ॥
ଚଉଦବାର୍ଷୀ ଖୋଲାଯିବ । ସୁବର୍ଣ୍ଣ ପାବଚ୍ଛ ବସିବ ॥
ନେତ ପତାଙ୍କ ଉଡ଼ୁଥିବ । ଆକାଶୁ ପୁଷ୍ପ ବୃଷ୍ଟି ହେବ ॥
ଷୋଳବଖର ଯେ କବାଟ । ଲଗିବ ଅଷ୍ଟରତ୍ନ କାଷ୍ଠ ॥
ସୁବର୍ଣ୍ଣ ପାରୁଆ ବସିବ । ହୀରର ଟୋପି ବସିଥିବ ॥
ନବରତ୍ନରେ ଘର ତୋଳି । ପଡ଼ିବଚଶ କମଳି ॥
ଷୋଳ ମଣ୍ଡପରେ ଷୋଳ କଳା । ହେଗ୍ୟ ଏକାନ୍ତ ଠାବ ହେଲା ॥
ରାଜାମାନଙ୍କ କଳା ସେହି । ବପୁ ଭାଙ୍ଗିବ ତେଜ ରହିଁ ॥

ତିନବଖରା ଘର ହେବ । ତ୍ରିପୁର ହସ୍ତକୁ ଆଣିବ ॥
ସପ୍ତବଖରା ଘର ହେବ । ଆମ୍ଭର ହସ୍ତରେ ରହିବ ॥
ଚଉଦବଖରା ମନ୍ଦିର । ଚଉଦ ବ୍ରହ୍ମାଣ୍ଡ ଆମ୍ଭର ॥
ବତିଶ ବଖୁରୀ ଆମ୍ଭର । ଆମ୍ଭେ ରହିବୁ ଭକ୍ତ ବୀର ॥
ଅଷ୍ଟ ବଖରା ଘର ହେବ । ପାତାଳ ଭୁବନ ଆସିବ ॥
ତିନଶ ବଜାର ବସିବ । ନଗ୍ରକୁ ବାଟୁ ହଆସିବ ॥
ପଡ଼ିବ ସାତପୁର ଚଉଡ଼ । ସିଂହ ଦୁଆର ହେବ ଗାଢ଼ ॥
ଏକୋଇଶ ବଖରା ମନ୍ଦିର । ଏକାନ୍ତେ ଭୁଞ୍ଜିବା ସଂସାର ॥
ସର୍ବ ଭୁଞ୍ଜିବ ଏକଠାରେ । ଅଶେଷ ବ୍ରହ୍ମାଣ୍ଡ ଭିତରେ ॥

## ଗୋବିନ୍ଦ ଉବାଚ

ହେ ସ୍ୱାମୀ ଜୀବର କରତା । ଶ୍ରୀମୁଖେ କହିଲ ଯେ କଥା ॥
ପ୍ରଭୁ ଯେ ଭିକ୍ଷୁ ବାସୀ ହୋଇ । ବ୍ରହ୍ମାଣ୍ଡେ ଭ୍ରମୁଛ ଗୋସାଇଁ ॥
ଏତେ ସମ୍ପଦ କାହୁଁ ହେବ । କେମନ୍ତେ କାହିଁରୁ ଆସିବ ॥
ଏକଥା ବଡ଼ ଅଗୋଚର । କେହି ନ ଜାଣେ ବ୍ରହ୍ମାସୁର ॥
ଏ ନରଲୋକେ କି ଜାଣିବେ । କେମନ୍ତେ ପରତେ ପାଇବେ ॥

## ଅନାଦି ଉବାଚ

ଯାହା ମୁଁ କହୁଅଛି ତୋତେ । ଶୁଣ ଗୋବିନ୍ଦ ଏକଚିତ୍ତେ ॥
ଏ ରାଜାମାନେ ଖଟିଥିଲେ । ସମସ୍ତେ ଆଜ୍ଞାରେ ଚଳିଲେ ॥
ସେମାନେ ତୋଳିବେ ମନ୍ଦିର । ଛାମୁରେ ହୋଇବେ କିଙ୍କର ॥
ବାଉନକୋଟି ଯେ ଭଣ୍ଡାର । ରକ୍ଷିବେ ଆମ୍ଭର ଛାମୁର ॥
ବ୍ରହ୍ମାଣ୍ଡେ ପରୀକ୍ଷା ପାଇବେ । ଧନରତନ ଆଣିଦେବେ ॥
ପୁତ୍ର ଦୁହିତା ସମର୍ପଣ । ଏ ରାଜ୍ୟଘର ସିଂହାସନ ॥
ସବୁ ସମର୍ପି ମୋ ଛାମୁରେ । ସେବା କରିବେ ନିରନ୍ତରେ ॥
ଗୁରିଦଗରୁ ରତ୍ନଧନ । ଏମନ୍ତେ ଠୁଳ ହେବ ଜାଣ ॥
ସୁବର୍ଣ୍ଣ ବେଢ ନର୍ଭୀହେବ । ମାଣିକ୍ୟ ରୁଖା ବସିଥିବ ॥
ଅଷ୍ଟରତନ ବସି ତହିଁ । ବିଚିତ୍ର କର୍ମରେ ନଭାଇ ॥

ଏକୈ୍ୱଶ ଭୁବନର ଲୋକ । ଏକାନ୍ତେ ଠୁଳହେବେ ଦେଖ ॥
ସପତଦ୍ୱନ ସାତଗ୍ରହ । ମହାନୃତ୍ୟରେ ଖେଳା ମାତ୍ର ॥
ସୁବେଶ ହୋଇ ଅଳଙ୍କାର । ଲେପ ଚନ୍ଦନ କର୍ପୂରର ॥
ପାଠପଡନ ପିନ୍ଧଥିବେ । ନୃତ୍ୟକୁ ଆଗଭର ହେବେ ॥
ଅନନ୍ତ ମଣ୍ଡଳେ ଖଞ୍ଜିର । ବଜାଇ ଗିନି ବାଦ୍ୟଭେରୀ ॥
ଯଦୁବଂଶରେ ବୀରବଂଶୀ । ପତ୍ରକାହାଳୀ ସିଂହାଘୋଷି ॥
ଦେବଲୋକଙ୍କ ବାଦ୍ୟନାଦ । ବାଜିବ ଦୁନ୍ଦୁଭି ଶବଦ ॥
ତାଣ୍ଡବନୃତ୍ୟରେ ମର୍ଦ୍ଦଳ । ବାଜେ ଅନେକ ଝାଞ୍ଜିତାଳ ॥
ସକଳ ଋଷିଗଣ ମିଳି । ଶିରରେ ଶତାମୃତ ଢାଳି ॥
ବର୍ଦ୍ଧିବେ ଆମ୍ଭ ଅଭିଷେକ । ଭକ୍ତ ମୋ ହେବେ ରାଜ ନୃପ ।
ଲକ୍ଷେରାଜନ ବାହାରିବେ । କଷାବସନ ସେ ଲାଇବେ ॥
ବିଭୂତି ଜଟା କାନ୍ଥଠାଇ । କୁଙ୍କୁମ କର୍ପୂର ଜଡ଼ାଇ ॥
ସମର୍ପି ଦେବ ପଞ୍ଚବସ୍ତ୍ର । ବନ୍ଦାଇଯୋଡ଼ି ଯୋଡ଼ି ପାଠ ॥
ଧନବସନ ରତ୍ନମାନ । ଦେବଇଁ ଯେ ମାଳ ଚନ୍ଦନ ॥
ଏତେ ପ୍ରକାରେ ଖେଳହେବା । ଭକ୍ତଙ୍କୁ କରିବଇଁ ବଶ ॥
ଯାହାର ଯହିଁ ବାଞ୍ଛାଥିବ । ଆମ୍ଭେ ହୋ କରାଇବୁ ଯୋଗ ॥
ସମସ୍ତେ ନୂଆ ନବତନ । ଭକ୍ତେ ମୋ ହେବେ ସନମାନ ॥
ସର୍ବଦା ବସନ୍ତ ବହିବ । ନବୀନରୂପ ପ୍ରକାଶିବ ॥
ସ୍ତିରୀପୁରୁଷ ଏକରୂପ । ସୁନ୍ଦର ଏକକୁ ଆରେକ ॥
ହୋଇବେ ପତିଭକ୍ତା ନାରୀ । ଗୁରୁସ୍ତପାଦେ ସେବାକରି ॥
ଗୁରୁବାନ୍ଧବ ଇଷ୍ଟ ଧର୍ମ । କରିବେ ସେବା ଭକ୍ତକର୍ମ ॥
ବନ୍ଧିତକର୍ମେ ବନନେବେ । ଗୃହକୁଟୁମ୍ବ ଆବୋରିବେ ॥
ହୋଇବେ ପତି ସଉଭାଗୀ । ଦେଖ ସମସ୍ତେ ଲୀଳାଅଙ୍ଗୀ ॥
ବତିଶ ଲକ୍ଷଣେ ଝଳିବେ । ସତୀସାଧବୀ ସର୍ବେ ହେବେ ॥
ସୁବର୍ଣ୍ଣ ଥାଳୀରେ ଭୁଞ୍ଜିବେ । ରତ୍ନ ପଲଙ୍କେ ପହୁଡ଼ିବେ ॥
ଖଟିବେ ଦାସୀ ପରିବାରୀ । ଚାମର ଶ୍ରୀ ଅଙ୍ଗରେ ଧରି ॥

ଭଜଲେ ଗୁରୁପାଦ ଦ୍ୱନ୍ଦ । ପାଇବେ ସଣୀ ଫଣ ପଦ ॥
ସାଧୁସଙ୍ଗତେ ନେବେ ଧନ । ଆତ୍ମାରେ ପ୍ରକାଶିବେ ଜ୍ଞାନ ॥
ଦାରୁ ପ୍ରତିମା ନ ପୂଜିବେ । ଆତ୍ମା ଘଟରେ ଧନ ନେବେ ॥
କରିବେ ଅନନ୍ତ ମଣ୍ଡଳୀ । ଗୋଷ୍ଠି କରିବେ ବନ୍ଧୁ ମିଳି ॥
ନ ଥିବ ହୃଦରେ କପଟ । ଲଭି ଏକାନ୍ତ ଧର୍ମବାଟ ॥
ଅକର୍ମେ କେହି ନ ଚଳିବେ । ସତ୍ୟ ଆଗୁରେ ଧନନେବେ ॥
କରିବେ ଶୁଦ୍ଧ ଧର୍ମମାନ । ସତ୍ୟାଦି ଯୁଗର ଲକ୍ଷଣ ॥
ଶୁଣିଲୁଟିକି ହେ। ଭଗତ । ସତ୍ୟାଦି ଯୁଗର ଆଗତ ॥

ଗୋବିନ୍ଦ ଉବାଚ

ହେ ପ୍ରଭୁ ବ୍ରହ୍ମାଣ୍ଡ ଠାକୁର । ଯାହା କହିଲେ ମୋ ଆଗର ॥
ଅନନ୍ତ କୋଟି ସାଧୁମାନ । ଚୌଷଠି ସିଦ୍ଧ ଋଷିଗଣ ॥
କେମନ୍ତେ ହେବେ ଏକଠାଇଁ । ଏ କଥା ମୋର ପ୍ରତେ ନାହିଁ ॥
ତୁମ୍ଭେ ମୋ ଗତିପତି ଦାତା । ଅଶେଷ ବ୍ରହ୍ମାଣ୍ଡ କରତା ॥
ନିର୍ଣ୍ଣୟ କର ମୋ ଆଗର । ଶ୍ରୀମୁଖେ କହ ଅଣାକାର ॥

ଅନାଦି ଉବାଚ

ଶୁଣ ଗୋବିନ୍ଦ ମନଦେଇ । ତୋ ଆଗେ ଫେଡ଼ିଦେବା କହି ॥
ଏ ପୃଥ୍ୱୀ କମ୍ପମାନ ହେବ । ଚଉଦ ଭୁବନ ଥରିବ ॥
ବାସୁକି ରଡ଼ିଦେବ ଛାଡ଼ି । ଶୂନ୍ୟ ଛାଡ଼ିବ ଘଡ଼ଘଡ଼ି ॥
ଏ ଦୁଷ୍ଟ ଅସୁରଙ୍କ ଭୟେ । କମ୍ପିବ ଅଡ଼ାଇ ଘଡ଼ିଯାଏ ॥
ଭକ୍ତେ ମୋ ଏକାମ୍ବର ବନେ । ଲୁଚିବେ ଗହନ କାନନେ ॥
ପୃଥ୍ୱୀ ଉଲ୍କାପାତ ହେବ । ଚଉଦ ବ୍ରହ୍ମାଣ୍ଡ କମ୍ପିବ ॥
ଶୂନ୍ୟ ପୁରୁଷେ ଡାକଦେବ । ଆଗରେ ଶଙ୍ଖ ବାଜୁଥିବ ॥
ସେତିକବେଳେ ମୋ ଭକତ । ମନରେ ହୋଇବେ ସଚେତ ॥
ଆତଙ୍କ ମନରେ ଡାକିବେ । ନାମରେ ଶରଣ ପଶିବେ ॥
ଦକ୍ଷିଣ ଦିଗରୁ ଭକତ । ଆଣିବ ଖର୍ବ ପାଞ୍ଚଶତ ॥
ଉତ୍ତରଦିଗରୁ ଆସିବେ । ଲେଖାରେ ନବଲକ୍ଷ ହେବେ ॥

ପୂର୍ବଦିଗରୁ ଦଶଲକ୍ଷ । ଏକାନ୍ତଠାରେ ସର୍ବେ ଯୋଖ ॥
ପଶ୍ଚିମ ଭକ୍ତ ଅଗଣିତ । ଅନ୍ତ ନୁହଇ ତାଙ୍କ କଥା ॥
ସମସ୍ତେ ଆତୁର ନ ହୁଅ । ଟିଆକଣ୍ଠକୁ ଟାକଥାଅ ॥
ଏକ୍ୱୈଶ ଅଙ୍କରେ ପ୍ରମାଣ । ଏ କଳି ହଟପଟ ଜାଣ ॥
ବିହନ ରହିବେ ଭଗତ । ହୋଇବ ସତ୍ୟାଦ୍ଧ ଜଗତ ॥
ସେ ଗୁରୁଶିଷ୍ୟ ପାଦଗତେ । ମୋ ଚିତ୍ତ ରହୁ ଅନୁବ୍ରତେ ॥
ଶ୍ରୀଗୁରୁଚରଣେ ଶରଣ । ଭଣେ ପାମର ଖିମ ହୀନ ॥
କରୁଣାକଲେ ନାରାୟଣ । ଲେଖିଲ ନିର୍ବେଦ ସାଧନ ॥

ଇତି ଶ୍ରୀ ନିର୍ବେଦ ସାଧନେ ଅନାଦି ଗୋବିନ୍ଦ ସମ୍ବାଦେ
ସାରସାର ବିସ୍ତରଣେ ଗତଆଗତ ବର୍ଣ୍ଣନେ
ନାମ ବିଂଶୋଽଧ୍ୟାୟଃ ।

**ସ ମା ପ୍ତ**

ମୁଦ୍ରକ—ଓଡ଼ିଶା ପ୍ରିଣ୍ଟିଂ ୱାର୍କସ୍, ମିଶନ ରୋଡ଼, କଟକ-୧

# ବିଜ୍ଞାପନ

ଶ୍ରୀମଦ୍ଭେଇ ଗ୍ରନ୍ଥାବଳୀ ଟ୬୫-୦୦
ଭାଗବତ ସାର ସତ୍ୟଧର୍ମ ଟ୧୫-୦୦
ସତ୍ୟମହିମା ଧର୍ମ ଇତିହାସ ଟ୧୨-୦୦
ବିଷ୍ଣୁ ଗର୍ଭ ପୁରାଣ ଟ୧୫-୨୦
ଶଙ୍କରାଚାର୍ଯ୍ୟ ଗ୍ରନ୍ଥାବଳୀ ଟ୪୦-୦୦
ହିନ୍ଦୁଧର୍ମ ସର୍ବସ୍ୱ ଟ୧୨-୦୦
ପାତଞ୍ଜଳ ଯୋଗଦର୍ଶନ ଟ୬୦-୦୦
ଅଣାକାର ବ୍ରହ୍ମ ସଂହିତା ଟ୪-୦୦
ସତ୍ୟ ମହିମା ଧର୍ମ କାର୍ତ୍ତିକଳ୍ପ ବା
ମହିମାଧର୍ମ ୨ୟ, ୩ୟ, ୪ର୍ଥ ଟ୧୨-୦୦
ଗୀତା (ବଳରାମଦାସ) ଟ୨-୦୦
ଉଦ୍ଧବ ଗୀତା ଟ୨-୦୦
ଯୋଗତତ୍ତ୍ୱ ନିଧି ଟ୧-୫୦
ବିଶ୍ୱନାଥ ବାବା (ଇଂରାଜୀ) ଟ୧୦-୦୦
ସତ୍ୟମହିମାଧର୍ମ (ଇଂରାଜୀ) ଟ୬-୦୦
ଭୃଗୁ ସଂହିତା ୧ସେଟ୍ ଟ୩୦୦-୦୦
ବିହାରଲାଲ ଗୀତା ଟ୭୦-୦୦
ଅଲକ୍ଷ ଲୀଳା ଟ୧୫-୦୦

ସ୍ମୃତି ଚନ୍ଦ୍ରାମଣି ଟ୧୦-୦୦
ସ୍ମୃତି ଚନ୍ଦ୍ରାମଣି (ପକେଟ) ଟ୧୦-୦୦
ତୁଳସୀ ଦାସ ରାମାୟଣ
ବା
ରାମ ଚରିତ ମାନସ ସେଟ୍ର
ମୂଲ୍ୟ ଟ୧୧୫-୦୦
ଚଉତିଶା ଗ୍ରନ୍ଥାବଳୀ ଟ୧୦-୦୦
ସତ୍ୟ ମହିମାଧର୍ମ ପ୍ରତିପାଦକ ଟ୧୫-୦୦
ଗାୟତ୍ରୀ ସାର ସଂଗତ ଟ୨୦-୦୦
ଫାଲ୍ଗୁଣ ମାହାତ୍ମ୍ୟ ଟ୪-୦୦
ନିର୍ବେଦ ସାଧନ ଟ୪-୦୦
ଶିବ ସ୍ୱରଦାୟ ଟ୪-୦୦
ଚଉଷଠି ପଟଳ ଟ୧୦-୦୦
ମନୁ ସଂହିତା ଟ୪୦-୦୦
ନାରଦ ଭକ୍ତି ସୂତ୍ର ଟ୪-୦୦
ଭାଗବତତତ୍ତ୍ୱ ପରମାର୍ଥ ଟ୨୦-୦୦
ବାୟୁଗୀତା ଟ୧୬-୦୦

ପ୍ରାପ୍ତିସ୍ଥାନ
**ଧର୍ମଗ୍ରନ୍ଥ ଷ୍ଟୋର୍ସ** ଅଲିଶାବଜାର କଟକ-୨

# ବିଜ୍ଞାପନ

| | |
|---|---|
| ସପ୍ତଭାଷୀ ( ସାତଟି ଭାଷା ଶିଖନ୍ତୁ ) | ଟ ୫-୦୦ |
| ରାଷ୍ଟ୍ରଭାଷା ( ହିନ୍ଦି, ଇଂରାଜୀ, ଓଡ଼ିଆ ) | ଟ ୧୦-୦୦ |
| ରାଜଭାଷା ( ଓଡ଼ିଆ, ଇଂରାଜୀ ) | ଟ ୧୦-୦୦ |
| ତ୍ରିଭାଷୀ ( ହିନ୍ଦି, ଓଡ଼ିଆ, ବଙ୍ଗଳା ) | ଟ ୧-୫୦ |
| ସଚିତ୍ର ବର୍ଣ୍ଣବୋଧ | ଟ ୧-୭୫ |
| ଓ୍ୱାଡବୁକ୍ | ଟ ୩-୦୦ |
| ପଣିକିଆ ମାଳିକା | ଟ ୧-୫୦ |
| ସହଜ ଇଂରାଜୀଶିକ୍ଷା | ଟ ୨-୦୦ |
| ଗୃହଶାଳୀ ପାଠ | ଟ ୨-୦୦ |
| ମଟର ମେକାନିକ୍ ଶିକ୍ଷା | ଟ ୩୫-୦୦ |
| ମଟର ଡ୍ରାଇଭିଙ୍ଗ୍ ଶିକ୍ଷା | ଟ ୧୫-୦୦ |
| ସହଜ କଟିଙ୍ଗ୍ ମାଷ୍ଟର | ଟ ୧୦-୦୦ |
| ସହଜ ଇଲେକ୍ଟ୍ରିକ୍ ଓ୍ୱାରିଙ୍ଗ ଶିକ୍ଷା | ଟ ୧୦-୦୦ |

Library IIAS, Shimla
OR 294.56 B 469 N
00081147

ପ୍ର
ଧର୍ମଗ୍ର
କଟକ-୨

ବର୍ଣ୍ଣବୋଧ ମୂଲ୍ୟ—ଟ୧-୫୦ ଏକାଙ୍କାପତ୍ର